# ମୁଇଁ ସୁମାନୀ କହୁଚେ



ସୁମାନୀ ଝୋଡ଼ିଆ

Digitized by srujanika@gmail.com

ରାଧାନାଥ ରଥ ସ୍ମାରକ ପ୍ରକାଶନ

# ମୁଇଁ ସୁମନୀ କହୁଚେ

ସୁମନୀ ଝୋଡ଼ିଆ

ବିତରକ: ଶିକ୍ଷାସଂଧାନ, ଭୁବନେଶ୍ୱର
ଫେବୃଆରୀ, ୨୦୦୫

Digitized by srujanika@gmail.com

ରାଧାନାଥ ରଥ ସ୍ମାରକ ପ୍ରକାଶନ

# ମୁଇଁ ସୁମନୀ କହୁଚେ

ସୁମନୀ ଝୋଡ଼ିଆ

© ସୁମନୀ ଝୋଡ଼ିଆ

ଫେବୃଆରୀ, ୨୦୦୫

ପ୍ରକାଶକ:
ନୀଳକଂଠ ରଥ
୧୬-୧୯/୫ ପଟୱର୍ଧନ ବାଗ, ଏରଂଡ଼ୱଣେ,
ପୁଣେ ୪୧୧ ୦୦୪, ମହାରାଷ୍ଟ୍ର.

ବିତରକ:
ଶିକ୍ଷାସଂଧାନ
ଏ-୧୨, ହାଉସିଂ ବୋର୍ଡ କଲୋନୀ, ବର୍ମୁଣ୍ଡା,
ଭୁବନେଶ୍ୱର ୭୫୧ ୦୦୩, ଓଡ଼ିଶା.

ପ୍ରଚ୍ଛଦପଟ: ସୁଧୀର ପଟେଲ, ପୁଣେ.

ମୁଦ୍ରକ:
ସଂସାର ପ୍ରେସ୍
ତଳ ତେଲେଂଗା ବଜାର
କଟକ ୭୫୩ ୦୦୯, ଓଡ଼ିଶା.

ମୂଲ୍ୟ: ପଇଁଚାଳିଶ ଟଂକା

Digitized by srujanika@gmail.com

# ପ୍ରକାଶକର ଦି ପଦ

ମୁଁ ଜଣେ ପ୍ରବାସୀ ଓଡ଼ିଆ । ଗତ ପଂଚାବନ ବର୍ଷ ହେଲା ମହାରାଷ୍ଟ୍ରର ପୁଣେ ନଗରୀରେ ରହୁଛି । ଫଳରେ ମରାଠୀ ଭାଷା ପଢ଼ିବା ଓ ଅତି ଶୁଦ୍ଧ ନହେଲେ ବି କହିବାର ଅଭ୍ୟାସ । ଗତ ପ୍ରାୟ ତିରିଶ ଚାଳିଶ ବର୍ଷ ଭିତରେ ମରାଠୀ ଭାଷାରେ ଦୟା ପୱାରଙ୍କ ଆତ୍ମଜୀବନୀରୁ ଆରଂଭ କରି ଦଳିତ ସମାଜର ବହୁ ସୁନାମଧେୟ ଓ ଅନାମଧେୟ ସ୍ତ୍ରୀ ପୁରୁଷଙ୍କ ଆତ୍ମଚରିତ, ସେମାନଂକ ଲିଖିତ କବିତା, ଗଳ୍ପ ପ୍ରକାଶ ପାଇଲାଣି । [ମହାରାଷ୍ଟ୍ରରେ ପୂର୍ବାସ୍ପୃଶ୍ୟ ସମାଜର ପରିଚୟ 'ଦଳିତ' ସମାଜ ଓ ସେମାନେ ନିର୍ମାଣ କରୁଥିବା ସାହିତ୍ୟକୁ ଦଳିତ ସାହିତ୍ୟ ବୋଲି ଉଲ୍ଲେଖ କରିବାର ପ୍ରଥା ପ୍ରାୟ ସେତିକି କାଳର ହେଲାଣି । ମୋ ଜାଣିବାରେ ଓଡ଼ିଆରେ ଏ ଶବ୍ଦର ଏ ପ୍ରକାରର ବ୍ୟବହାର ଏବେ ମଧ୍ୟ ନାହିଁ କହିଲେ ଚଳେ । କିଛି ବର୍ଷ ତଳେ ଏକ ଓଡ଼ିଆ ପତ୍ରିକାରେ ଜଣେ ଜଣାଶୁଣା ଲେଖକ ମରାଠୀର ଦଳିତ ସାହିତ୍ୟ ବିଷୟରେ ଲେଖିବାକୁ ଯାଇ ଏହାର ଅର୍ଥ ଅତି ନିକୃଷ୍ଟ ପ୍ରକାରର ସାହିତ୍ୟ ବୋଲି ଲେଖିଥିଲେ । 'ପୂର୍ବାସ୍ପୃଶ୍ୟ' ଶବ୍ଦ ମଧ୍ୟ, ମୋ ଜାଣିବାରେ, ପ୍ରଥମେ ମରାଠୀରେ ବ୍ୟବହାର ହେଲା, ୧୯୩୦ ଦଶକରେ (ସ୍ୱ) ୱିନାୟକ ଦାମୋଦର ସାୱରକରଂକ ଦ୍ୱାରା ।] ଗତ ତିରିଶ  ବର୍ଷ ଭିତରେ ଦଳିତ ସାହିତ୍ୟ ମରାଠୀ ସାହିତ୍ୟରେ ଏକ ବିଶେଷ ସ୍ଥାନ ପାଇଛି  ।  ଏବେ ସ୍ୱତଂତ୍ର  ଦଳିତ ସାହିତ୍ୟ ସମ୍ମେଳନ ବି ହେଉଛି । ଅସଲ କଥା ହେଲା, ଦଳିତଂକ ଆତ୍ମଜୀବନୀ ଫଳରେ ସେ ସମାଜ ବିଷୟରେ ଅନ୍ୟମାନେ ଯେପରି ଜାଣିଲେ, ତାହା ଅନ୍ୟ କୌଣସି ସାହିତ୍ୟକୃତିରୁ ଏତେ ଉତ୍କଟ ଭାବରେ ଜାଣିବା ସଂଭବ ନଥିଲା ।

ମହାରାଷ୍ଟ୍ରରେ ଦଳିତ ଓ ଆଦିବାସୀ ସମାଜର ଲୋକସଂଖ୍ୟା ମୋଟ ଲୋକସଂଖ୍ୟାର ଏକ-ଷଷ୍ଠାଂଶ ମାତ୍ର । ଓଡ଼ିଶାରେ ଦଳିତ ଓ ଆଦିବାସୀ ସମାଜର ଲୋକସଂଖ୍ୟା ମୋଟ ଲୋକସଂଖ୍ୟାର ପ୍ରାୟ ଦୁଇ-ପଂଚମାଂଶ । ମରାଠୀରେ ଦଳିତଂକ ଆତ୍ମଚରିତ ପଢ଼ିଲାବେଳେ ମତେ ଲାଗେ, ଆମ ଓଡ଼ିଶାରେ ଦଳିତ ଓ ଆଦିବାସୀ ସମାଜର ଏଡ଼େ ବିରାଟ ଜନସମୁଦାୟ ଥାଇ ମଧ୍ୟ, ଅନ୍ତତଃ ମୋ ଜାଣିବାରେ, (ସ୍ୱ) ମୋହନ ଦାସଂକ ଛଡ଼ା ଆଉ ଗୋଟିଏ ହେଲେ ଆତ୍ମଚରିତ କିଆଁ ନାଇଁ ? ଗୋପୀ ମହାଂତିଂକ ଭଳି ଯେତେ ହୃଦୟବାନ୍ ସବର୍ଣ ଲେଖକ ହେଲେ ବି ତାଂକ ଲେଖା ଦଳିତ ଓ ଆଦିବାସୀଂକ



Digitized by srujanika@gmail.com

ଘର ଭିତରକୁ ଖାଲି ଝରକା ବାଟେ ଚାହିଁଲା ଭଳି ।

ପାଚ ବର୍ଷ ତଳେ ମୋ ପିତା ରାଧାନାଥ ରଥଙ୍କ ମୃତ୍ୟୁ ଘଟିଲା । ଓଡ଼ିଶାର ସର୍ବାଂଗୀଣ ଉନ୍ନତି ତାଂକ ଜୀବନର ପ୍ରଧାନ, ବୋଧହୁଏ ଏକମାତ୍ର, ଧ୍ୟେୟ ଥିଲା । ତେଣୁ ମୋ ଢଂଗରେ ମୁଁ ତାଂକ ଶ୍ରାଦ୍ଧ ଓଡ଼ିଆ ସମାଜର ବିଚାରଧାରାରେ ଟିକିଏ ଉଦକ ଛାଡ଼ି ତା'ର ବୃଦ୍ଧିରେ ସାମାନ୍ୟ ସାହାଯ୍ୟ ମାର୍ଗରେ କରିବାକୁ ସ୍ଥିର କଲି । ଏଥିଲାଗି ପ୍ରତିବର୍ଷ କୌଣସି ଏକ ବିଶିଷ୍ଟ ବ୍ୟକ୍ତିଂକ ଦ୍ୱାରା ଏକ ଚିନ୍ତାଶୀଳ ଭାଷଣର ବ୍ୟବସ୍ଥା କରୁଥିବା ବେଳେ, ଦଳିତ ଓ ଆଦିବାସୀ ସମାଜର ସାଧାରଣ ସ୍ତ୍ରୀ ପୁରୁଷଂକ ଆତ୍ମଚରିତ ପ୍ରକାଶ କରିବା କଥା ମୋ ମନକୁ ଆସିଲା । ଓଡ଼ିଶାର କେତେ ସାଂଗ ସାଥୀଙ୍କୁ ଏ ବାବଦରେ ମତେ ସାହାଯ୍ୟ କରିବାକୁ ଅନୁରୋଧ କଲି । ତାଂକ ସାହାଯ୍ୟରେ କେତେକଂକ ପାଖକୁ ଅନୁରୋଧ କରି ଚିଠି ଲେଖିଲି । କାହା କାହାଂକୁ ଦେଖାକରି ପ୍ରସ୍ତାବ ଦେଲି । ମାତ୍ର ଏ ଦିଗରେ ପ୍ରଗତି ହେଉ ନଥାଏ । ଏଇ ପରିସ୍ଥିତିରେ ଦି ବର୍ଷ ତଳେ ଦିନେ ଶ୍ରୀ ଅଚ୍ୟୁତ ଦାସଂକ ସହିତ ଏ ବିଷୟରେ କଥା ହେଲାବେଳେ, ତାଂକ ପରିଚୟର ଓ ମୁଁ ଥରେ ଭେଟିଥିବା ଜଣାଶୁଣା ଆଦିବାସୀ ମହିଳାକର୍ମୀ ଶ୍ରୀମତୀ ସୁମନୀ ଝୋଡ଼ିଆ ତାଂକ ଆତ୍ମଚରିତ ଲେଖିବାକୁ ରାଜି ହେବେକି ବୋଲି ପଚାରିଲି । ଅଚ୍ୟୁତ ବାବୁ ଓ ତାଂକ ପତ୍ନୀ ବିଦ୍ୟାଦେବୀ ଆନନ୍ଦରେ ହଁ କହି ମତେ ସବୁମତେ ସାହାଯ୍ୟ କରିବେ ବୋଲି ଆଶ୍ୱାସନା ଦେଲେ । ସେ ଦିହେଁ କହିଲେ, ସୁମନୀ ଲେଖି ପାରିବ ନାହିଁ, ମାତ୍ର କହିପାରିବ । ତାକୁ ଟେପ୍ ରେକର୍ଡ କରିହେବ । ମୁଁ ସେ ବାବଦରେ ସୁମନୀଙ୍କୁ ଚିଠି ଲେଖିଲି । ଅଚ୍ୟୁତବାବୁ ତାଂକର ଜଣେ ତରୁଣ ସହକାରୀ ଶ୍ରୀ ଅଶୋକ ସାହୁଂକୁ ଟେପ୍ କରିବା କାମରେ ଲଗାଇଲେ । ଅଶୋକବାବୁ ସେ ଟେପ୍ ସବୁ ମୋ ପାଖକୁ ପଠାଇଲେ । ମୁଁ ଟେପ୍‌ରୁ ଶୁଣି, ସୁମନୀ କହିବା ଭାଷାରେ ତା ସବୁ ଅବିକଳ ଉତାରି ପକାଇଲି । ତାକୁ ପଢ଼ିବା ପରେ, ମତେ ଯେଉଁଠି ଅପୁରା ଲାଗିଲା ସେ ସବୁ ପୂର୍ଣ କରିବା ପାଇଁ କୋରାପୁଟ ଯାଇ ସେଠା ଆଦିବାସୀ ଗବେଷଣା ସଂସ୍ଥାର ସାହାଯ୍ୟରେ ସେଠାରେ ସୁମନୀଙ୍କ ସହିତ ତିନି ଦିନ ବସି ଆଉ କିଛି ଟେପ୍ କଲି । ସେ ସବୁ ଉତାରି, ସୁମନୀଙ୍କୁ ପଢ଼ି ଶୁଣେଇବାପାଇଁ ଅଚ୍ୟୁତବାବୁଂକ ପାଖକୁ ପଠାଇଲି । ସୁମନୀ ସେଥିରେ ଆଉ କିଛି ଯୋଡ଼ିଲେ । ଏ ବହିଟି ଏ ସବୁର ଫଳ ।

ସୁମନୀ ଯେଉଁ ଭାଷାରେ କହିଲେ, କହଂତି, ଠିକ୍ ସେଇ ଭାଷାରେ ଛାପିବାକୁ ମୁଁ



Digitized by srujanika@gmail.com

ସ୍ଥିର କରିଥିଲି । ତଥାପି, ଟେପ୍‌ରେକର୍ଡରୁ ଶୁଣିବା ବେଳେ ମୋର କେତେବେଳେ ଭୁଲ୍ ହୋଇଯାଇଥାଇ ପାରେ, ଯେଉଁଠି ହଳନ୍ତ ଦିଆଯିବାର କଥା, ସେଠି କେତେବେଳେ ଅଜାଣତରେ ଦିଆ ନ ହୋଇଥାଇ ପାରେ । ପାଠକଂକୁ ମୋର ଅନୁରୋଧ, "ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବେ, ଲେଖିକାଂକ ଦୋଷ ନ ଧରିବେ" ।

ପୁସ୍ତକ ପ୍ରକାଶନ ମୋର ବେଉସା ନୁହେଁ । ମୁଁ ମୋ ପିତାଂକ ଶ୍ରାଦ୍ଧ ଲାଗି ଯେପରି ଗତ କେତେ ବର୍ଷ ନିଜ ଖର୍ଚରେ ରାଧାନାଥ ରଥ ସ୍ମାରକ ବ୍ୟାଖ୍ୟାନର ବ୍ୟବସ୍ଥା କରୁଥିଲି, ଏ ବର୍ଷ ସେହିଭଳି ଏ **ରାଧାନାଥ ରଥ ସ୍ମାରକ ପ୍ରକାଶନ** କରୁଅଛି । ଓଡ଼ିଶାର ସୁନାମଧନ୍ୟ ବିଚାରବଂତ ଲେଖକ ଅଧ୍ୟାପକ ଡଃ ଧନେଶ୍ୱର ମହାପାତ୍ର ଆନୁଷ୍ଠାନିକ ଭାବରେ ଏ ପୁସ୍ତକର ପ୍ରକାଶନ କରି ସେ ଉପଲକ୍ଷେ ସ୍ମାରକ ଭାଷଣ ଦେବାକୁ ରାଜି ହୋଇଥିବାରୁ ମୁଁ ତାଂକ ନିକଟରେ କୃତଜ୍ଞ ।

ମୁଁ ବହିର ପ୍ରକାଶକ ହୋଇଥିଲେ ହେଁ, ଏ ବହି ବିତରଣର ସଂପୂର୍ଣ ଅଧିକାର ଭୁବନେଶ୍ୱରର ଶିକ୍ଷାସଂଧାନ ସଂସ୍ଥା ଗ୍ରହଣ କରିଚଂତି । ଏ ବହିର ବିକ୍ରୟଲବ୍ଧ ମୂଲ୍ୟକୁ ସେ ସଂସ୍ଥା ଏକ ସ୍ୱତଂତ୍ର ପାଂଠି ହିସାବରେ ରଖିବେ । ତହିଁରୁ ବିତରଣର ଖର୍ଚ ଯାଇ ଉଦ୍‌ବୃତ୍ତ ଅର୍ଥ ଭବିଷ୍ୟତରେ ଏ ପ୍ରକାରର ଦଳିତ–ଆଦିବାସୀ ଆତ୍ମଚରିତ ପ୍ରକାଶନରେ ଖର୍ଚ କରାଯିବ । ଶିକ୍ଷାସଂଧାନ ସେସବୁ ପ୍ରକାଶନର ପ୍ରକାଶକ ହେବାକୁ ମଧ୍ୟ ସମ୍ମତି ଦେଇଛଂତି ।

ଶେଷରେ ମୁଁ ଏ କାମରେ ମତେ ଅକୁଂଠିତ ସାହାଯ୍ୟ କରିଥିବାରୁ ଶ୍ରୀ ଅଚ୍ୟୁତ ଦାସ ଓ ଶ୍ରୀମତୀ ବିଦ୍ୟା ଦାସ, ଶ୍ରୀ ଅଶୋକ ସାହୁ, ବହିର ପ୍ରଚ୍ଛଦପଟ ତିଆରି କରିଦେଇ ଥିବାରୁ ମୁଁ ପୁଣେସ୍ଥିତ ମୋର ତରୁଣ ସାଂଗ ଶ୍ରୀ ସୁଧୀର ପଟେଲ, ଶିକ୍ଷାସଂଧାନ ସଂସ୍ଥା ଏବଂ ଅଳ୍ପ ସମୟ ଭିତରେ ବହିଟି ଛପାଇ ଦେଇଥିବାରୁ ସଂସାର ପ୍ରେସର ଶ୍ରୀମତୀ ଅନସୂୟା ନଂଦଂକୁ ମୋର କୃତଜ୍ଞତା ଜ୍ଞାପନ କରୁଚି ।

ମୋର ଆଶା ଓ ବିଶ୍ୱାସ, ଏ ପୁସ୍ତକର ପ୍ରକାଶନ ଏ ଦିଗରେ ଆଉ ଉପଯୁକ୍ତ ପୁସ୍ତକ ପ୍ରକାଶନର ବାଟ ଦେଖାଇ ଓଡ଼ିଆ ପାଠକଂକର ଆଦରର ପାତ୍ର ହେବ ।

ନୀଳକଂଠ ରଥ

ପୁଣେ, ୪୧୧ ୦୦୪

ଜାନୁଆରୀ ୧, ୨୦୦୫



Digitized by srujanika@gmail.com

# ମୁଇଁ ସୁମନୀ କହୁଚେ

ମୁଇଁ ସୁମନୀ କହୁଚେ । ଆଗରେ ଯାହା ଆମର ଅଜା ଢେଢେମା ମାନଂକ ଅମଳର କଥା । ଆମ ଅଜାମାନଂକୁ ମୁଇଁ ଦେଖିନାଇଁ, ଢେଢେମା କହିବାଟା ଶୁଣିଚି । ଆମର ଗାଁ - ଆମେ ରେଁଗା ମୌଜାରେ ଥିଲୁ ଆଗରେ । ରେଁଗା ମୌଜାରେ ଥିଲାକେ, କୋଉ ଅଂତିରାକଂଢ଼ ଗୁଟେ - ମାଂଗତିଆବୁନି, ଗୁଟେ ଗୁଡ଼ାର ନାଆଁ ଦସୁ, ଆଉ ଗୁଟେର ନାଆଁ ଖାଁଦରା - ଆସିଲେ । କୁଲିଆବୁନି ଫଂଢ଼ି ଗାଁଠୁ ଆସିଲା କି ଆଉ କୋଉଠୁ, ସେଟା ମୁଁ ଭଲ୍ ଭାବରେ ଜାଣିନି । ସେମିତି ମୋର ଅଜାମାନେ - ଗୁଟେ ଅଜାର ନାଆଁ ଢେଟୁ ଓ ଆଉ ଗୁଟେ ଅଜାର ନାଆଁ ରାଲା - ସେମାନେ ବି ଆମ ଗାଦିଆଗୁଡ଼ାରେ ଥିଲେ, ମୌଜା ରେଁଗା । ରେଁଗା ମୌଜାରୁ ଶିରିଗୁରାକୁ ଗଲେ ।

କମଲଲୋଚନ ଗୌଡ଼ - ବହୁତ ଧନୀ ଥିଲା ସେ ବୁଢ଼ା । ସେ ବୁଢ଼ା ଘରେ ଆମର ଅଜାମାନେ ହଳିଆ ଥିଲେ । ବର୍ଷକୁ ଦଶ ସୁଉକା କି ପାଂଚ ଟଂକାରେ ହଳିଆ ଖଟୁଥିଲେ । ଚ଼ାରିମାଣ ଭାତିଆ (ଚାଉଳ ଆଉ ମାଂଡିଆ) ବୋଲି ସେତେବେଳେ ଦେଉଥିଲେ - ଷୋହଳ କେଜି ବୋଲି, ହେଲେ ବାର କେଜି ବି ହଉ ନଥିଲା । ଢେଢେଂକ ଭଳି ଆଉ ସମସ୍ତେ ହଳିଆ ଖଟୁ ଥିଲେ । ବଡ଼ ହଇରାଣ ବୋଲି ଢେଢେମା କହେ । ଗୋଟିଏ ମୁଛ୍ ପିଲା ସାଉକାର ଘରେ ଗୋତି ହଳିଆ ଖଟ୍‌ବା । ଆମର ଢେଢେମାମାନେ ବି ଥାଳିଏ ମାଂଡିଆ ଦେଲେ ବା ପଚିଶ ପଇସା ଦେଲେ ଦେଲେ ଦିନ୍ ସାରା ଖଟ୍‌ବା । ଖଟି ଖଟି ଥାଆଂତି । ସାଉକାର ଭାରି ଖଟାଏ । ଗୋଟେ ଓଳି ନ ଗଲେ, ମାଡ଼ । ମାରି ମାରି ପିଠିରୁ ଚମଡ଼ା ଛଡ଼ାଏ ।

ଗୋଟେ ଅଜାର ଦୁଇଟା ପୁଅ ହେଲା । ଦୁଇଟା ପୁଅଂକର ପୁଣି ପାଂଚଟା ହେଲା । ଏମିତି ଆମର ଗାଁ ବହୁତ ବଢ଼ିଗଲା । ଢେଢେମା କହୁଥିଲେ ଆମ ଶିରିଗୁରା ଗାଁରେ ସାତ୍ କି ଆଠ୍ ଘର ଥିଲେ । ପାଖରେ ଜମି ଅଛି ବୋଲି ଲୋକେ ଆସ୍‌ତେ ଆସ୍‌ତେ ଆସିଲେ । ଏବେ ଗୁଟେ ସାଇରେ ପଇଁଚ଼ାଳିଶ ଘର୍, ଆଉ ଗୁଟେ ସାଇରେ ପଚିଶ ଘର୍ । ଏବେ ଏ ଶିରିଗୁରା ଗାଁରେ କିଛି ନାଇଁ, ରଇତ ବି ନାହିଁ, ଜାନି ନାଇଁ କି ମୁଦୁଲି ନାଇଁ କି

Digitized by srujanika@gmail.com

ଗଂଡ଼ା-ଗୌଂଡିଆ କିଛି ନାଇଁ । ଏବେ ଶିରିଗୁରା ଗାଁ ହେଲା କଲାକାନି ମୌଜା, ଗଡିଆଗୁଡ଼ା ଗାଁ ହେଲା ରେଁଗା ମୌଜା । ଗୋଟେ ଗାଁ ଦୁଇ ଭାଗ ହୋଇ ଆମେ ମିଶିକରି ଅଛୁ ।

## ମୋ ବୂଆ ପାଠ୍ ପଢିଲା

ଆମ ଅଜାମାନଂକର ଜମି ବି ଖଂଡ଼େ ନଥିଲା । ହଳିଆ ଥିଲାବାଲାଂକୁ ଜମି ବି କିମ୍ତି ମିଳିବ! ସେଇ ହଳିଆ ପରିସ୍ଥିତିରୁ ଏବେ ଘର ଖଂଡ଼ିଏ କରି ଅଛୁ । ଅଜାର ଦିଟା ପୁଅ । ଝିଅ ନ ଥିଲା । ମୋର ବଡ଼ ବାପାର ପୁଅ-ଝିଅ ନାହିଁ । ଆମ ବାପାର ପୁଅ ହେଲେ । ଢେଢେମା କହେ, କୋଡିପାରିର ଝାଜୁରୁ ଝୋଡିଆ - ଢେଢେମାର ମେଣା ଭାଇ, ମୋ ବୂଆର ମାମୁଁ (ଝାଜୁରୁ ଝୋଡିଆ, ସ୍ୱାଧୀନତା ସଂଗ୍ରାମୀ, ବିଧାନ ସଭା ସଦସ୍ୟ ଥିଲେ, ଲକ୍ଷ୍ମୀପୁର ନିର୍ବାଚନ ମଂଡଳରୁ) - ସେ ଆସି ଆମ ବୂଆକୁ (ବାପାକୁ) ପାଠ୍ ପଢେଇବାପାଇଁ କହିଥିଲା । କାରଣ, ସେ ବି ପାଠ୍ ପଢିଥିଲା । ସେ ଓ ଆଉ କେତେଜଣ ସୁଆଧୀନ୍ କଂଗ୍ରେସ୍ ଆଣିଲେ । ଆଗରେ ଆମେ ଶାଢୀକୁ ଏମିତି ପିଂଧୁ ନଥିଲୁ । ଶାଢୀକୁ ଏମିତିକରି ପିଂଧା ବୋଲି ଶିଖାଇଲେ । ମାଇକିନାର ଏମିତି ଖୋସା ନଥିଲା । ପୁଅ ପିଲାମାନଂକୁ ଜୁଡ଼ା ଥିଲା, ଜୁଡ଼ା କାଟିଲେ । ସେ ଆସି ମୋର ଅଜାକୁ କହିଲେ, ଗୋଟିଏ ପିଲାକୁ ପାଠ୍ ପଢାଅ । ମୁଁ ପଢିଲି ବୋଲି ଦେଶ୍ ସୁଆଧୀନ୍ ହେବାକୁ ଲଢିଲି । ତାକୁ ପଢା । ତାର୍ କଥା ଶୁଣି ଆମର୍ ଅଜା କହିଲା, ଗୋଟିଏ ପୁଅକୁ ମୁଁ ପାଠ୍ ପଢେଇବି । କୃପାସିଂଧୁ ବୋଲି ଜଣେ କିଣା ମାଷ୍ଟରକୁ ପାଂଚ ଟଂକା ଦେଇ ଆମର୍ ବାପାକୁ ପାଠ୍ ପଢେଇଲେ । ରେଁଗା ଗାଁରେ ଇସ୍କୁଲ ହେଲାରୁ ଆମ ବାପା ଦିନରେ ଇସ୍କୁଲ ଗଲେ, ରାତିରେ ମାଷ୍ଟରପାଖେ ପାଠ୍ ପଢିଲେ । ତିନି କିଲାସ୍ ପାଠ୍ ପଢ଼ିଲେ । ବେଶୀ ପଢିପାରିଲାନି । ପଇସା ଦେଇ କେତେ ପଢି ପାରିବ? ସେଥିପାଇଁ ତ ବଡ଼ବାପାଂକୁ ପଢ଼େଇଲାନି । ଆମ ଗାଁ, କଲାପାନି, ଗୋଡିଗୁଡ଼ା କୋଉଠି ଆଉ ପଢ଼ିବା ଲୋକ ନାହିଁ । ଆମର ବାପାଂକୁ ଆମ ଅଜା ପାଠ୍ ପଢ଼େଇଥିବାରୁ, ଏ ପିଲାଟି ଦି ଅକ୍ଷର ଶିଖିଚି, ଆମର ଉନ୍ନତି କରିବ ବୋଲି ଆମ ବାପାଂକୁ କାଶୀପୁରକୁ ଯୋଉ ଏକ୍ କାମ୍ ହେଲେ ତୁଇ ଏକା ଯିବୁ ବୋଲି କୁହାଗଲା ।



Digitized by srujanika@gmail.com

ପାଠ ପଢ଼ିଥିବାରୁ ଆମ ବାପାଂକୁ ଉଆଡ୍ ମେଂବର କଲେ । ତା ଆଗରୁ କେହି ଥିଲେ କି ନାଇଁ ମତେ ଜଣା ନାଇଁ । ସେ ପେପର୍, ବହି, ସବୁ ପଢୁଥିଲା । ପଂଚାୟତର ମିଟିଂ ହେଲେ ଗାଁରେ ଆସି ଏମ୍‌ତି ଯୋଜନା ହେଲେ ଆମର ଏମ୍‌ତି ହେବ ବୋଲି ସମସ୍ତଂକୁ କହୁଥିଲା । ହେଲେ କେହି ଶୁଣୁ ନଥିଲେ, ଡ଼ାକିଲେ ବି ଆସୁ ନଥିଲେ । ଯେତେ କାମ ଆସିଲେ ବି, ସେ ଗାଁରେ ଆସି କହିଲେ ବି, ନାଇଁ, ଆମେ ଗାଁର କାମ୍ କରିପାରିବା ନାଇଁ, ତାର୍ ପାଇଁ ସିନା ସେ ଉଆଡ୍ ମେଂବର ହୋଇଚି, କଅଣ ଆମ ପାଇଁକି, ବୋଲି ଗାଁ ଲୋକେ ଭାବୁଥିଲେ । ଆମ ଗାଁରେ ନୂଆରେ ଇସ୍‌କୁଲ ଗୁଟେ ଆରଂଭ ହେଲା । କୁଂଭାରଶିଳାର ମେଟା କୁଂଭାର, ଦେ ମତେ, କରିବି ବୋଲି ଆମ ବାପାକୁ କହିଲା । ଉଆଡ୍ ମେଂବର୍‌ର ତ ସେ ଅଧିକାର ନଥିଲା । ମେଟା କୁଂଭାର ଗୁଟେ ଇସ୍‌କୁଲ ଆମ ଗାଁରେ କଲା । ଅଳ୍‌ପ ସିମେଂଟକୁ ବେଶି ବାଲି କରି ଠିକାଦାରମାନେ କାମ୍ କରୁଥିଲେ । ଯେମିତି ଦାଦୀକୁ ସେମିତି ନାଟ ଭଳିଆ ହେଉଥିଲା । ଗାଁ କମିଟି ଜରିଆରେ କାମ କରିବାର, ଏଟା ଗାଁ କମିଟି ଜରିଆରେ କାମ ଆସିଛେ, ସରକାର ଆଇନ୍‌ରେ ଅଛି ବୋଲି ଆମ ବାପା ଯେତେ କହିଲେ ବି ଆମେ ସେଇଟା ବୁଝୁ ନାଉଁ ବୋଲି ଗାଁବାଲା କହିବାର୍ । ବାପା ଦଶ୍ ବରଷ୍ ଧରି ଉଆଡ୍ ମେଂବର ଥିଲା । ସେ ଏକା ଥାଉ ବୋଲି ବହୁତ ଅର୍‌ତର ଅଛି ।

## ଭୋଟ୍

ବୁଆ ଉଆଡ୍ ମେଂବର ଥିଲାବେଳେ ଭୋଟ୍ ଥିଲା କି ନାଇଁ ଜାଣେ ନାଇଁ । ଭୋଟ୍ କେମ୍‌ତି କଲେ କଅଣ ହେବ କିଛି ଜାଣୁ ନଥିଲୁ । ଭୋଟ୍ ଦେବାପାଇଁ ଲୋକ୍ ନାରାଜ ହେଉଥିଲେ । ଆମେ ଭୋଟ୍ ଦେଇଗଲେ କଅଣ ହେବ ବୋଲି ଲୋକ୍ ଭାବୁଥିଲେ । ଆମେ ଆଗ ଗୁଟେ ଭୋଟ୍ ଦେଲୁ ଖୁରୀ ଗାଁରେ । ଗାଇ ବାଛୁରୀରେ । ଗାଇ ବାଛୁରୀରେ ଗୁଟେ ନଂବର ଦେଲେ ନେଇକରି ଷ୍ଟାମ୍‌ପ ପେଡ଼ିରେ ଠିକିବାର । ସେମାନେ ଗାଁମାନଂକରେ, ଏଇ ଚିହ୍‌ନ ଦେଖ, ଏଇ ଚିହ୍‌ନରେ ଏମ୍‌ତି କରି ଦେବ, ଏଣେ ତେଣେ କରିବ ନାଇଁ, ଗୋଟିଏ ଚିହ୍‌ନରେ ଦୁଇଥର ଦେବ ନାହିଁ ବୋଲି ଆଗରୁ ବତାଇ ଦେଇଥିଲେ । ଏବେ ବତାବତି ନାଇଁ । ଏବେ ବହୁତ ଲୋକ ଜାଣିଗଲେ, ଭୋଟ୍ ଦେବା



Digitized by srujanika@gmail.com

ପାଇଁ ଆମେ ନାଗରିକ ଅଛୁ । ଆମର ଭୋଟ୍‌ର ଅଧିକାର ଅଛି, ଆମେ ଭୋଟ୍ ନଦେଲେ ମଣ୍ଡା ବୋଲି ଲୋକେ କହିବେ ବୋଲି ଏବର୍ ଲୋକେ କହୁଚଂତି । ଆଗର ଲୋକ୍ ଆଉ ନାଇଁ । ସେତେବେଲେ ଭୋଟ ଦେବାଟା ବୋଇଲେ ଡ଼ଂଗର ଚଢ଼ିବାର । ଟୀକା ଇଂଜେକ୍‌ଶନ୍ ଦେଲେ ବି ଡ଼ଂଗର ଚଢ଼ିବାର କିଏ ତ ନାଇଁ । ବହୁତ କଷ୍ଟରେ ଭୋଟ୍ ଦେବାକୁ ଯାଉଥିଲେ । ସେତେବେଳେ ବାହାରର ଲୋକ ଗୁଟାଏ ଆସିଲେ, ପିଅନଟେ ଆସିଲେ, ଲୋକ ବହୁତ୍ ଡ଼ରୁଥିଲେ - କାହିଁକି ଅଇଲା ବୋଲି ।

ସେବେ ଭୋଟ୍ ପ୍ରଚାର କଲାବେଳେ ଏବର୍ ଭଳି ଗାଡ଼ିଘୋଡ଼ା ଧରି ଆସୁ ନଥିଲେ । ଅଠର ବରଷ୍ ହେଲେ ଭୋଟ୍ ଦେବେ କି କେତେ, ହେଲେ ତା ଜାଣୁ ନଥିଲେ । ଖାଲି ବାହାହେଲେ ଭୋଟ୍ ଦେଇ ପାର୍‌ବ ବୋଲି ଭାବୁଥିଲେ । ସେତେବେଳେ ଲାଂଚ୍‌ପାଂଚ୍ ବି ଆମ୍‌କୁ ଜଣା ନଥିଲା । ଖାଲି ଯିଏ ବଡ଼୍‌ଲୋକ ସିଏ ଟଂକା ଆଣିକରି ଖାଉଥିଲେ । ଏବର୍ ଭଳିଆ ଏତେ ଲାଂଚ୍ ନଥିଲା । ବେଶି ଲୋକ ତ ଭୋଟ୍ ଦେଇ ଯିବାର ନଥିଲା । ଭୋଟ୍‌ର ମୂଲ୍ୟ କଅଣ ସେତେବେଳେ ଜାଣି ନଥିଲେ । ବଡ଼ ହେଲେ କି ଛୋଟ ହେଲେ ଭୋଟ୍ ଦେବାଟା ବୋଲି ଆମ୍‌କୁ ଜଣା ନଥିଲା । ଆର୍, ମୋତେ ଟଂକା ଦେ, ଭୋଟ୍ ଦେବି ବୋଲି ମାଗୁଥିଲେ କାଇଁକି ଆମକୁ ଜଣା ନଥିଲା । ଏବେ ଗାଁ ଗହଳିରେ ମୋତେ ଭୋଟ ଦିଅ, ମୋତେ ଜିତେଇଦିଅ, ମୁଇଁ କାମ୍ କରିବି, କେତେ ଟଂକା ଦେବି ବୋଲୁଚଂତି । ଏବେ ଯିଏ ଭୋଟ୍‌ରେ ଛିଡ଼ା ହେଉଚି ସେ ଦଉଚି । ଏବେ ଲାଂଚ ବେଶି, ଲାଂଚ୍‌ପାଇଁ ଏକା ଭୋଟ୍‌ରେ ଜିତୁଚନ୍ । ଯାହାର ଡ଼ାବୁ ଅଛି ସିଏ ଏକା ବାବୁ ହେଉଚନ୍ । ଯାହାର ହାତରେ ଡ଼ାବୁ ନାଇଁ, ସେ କିଛି ବାବୁ ନାଇଁ । ସେଥିପାଇଁ ନଥିଲା ଲୋକ ରାଜନୀତିରେ ଭାଗ୍ ନେବାକୁ ଭୟ କରୁଚନ୍ । କାଇକି ଯେମିତି କରି ହେସି ଆମର କାମ କରିବ, ତାକୁ ପଇସା ନଦେଇ କିଛି ମିଶା ଆମେ ତାକୁ ଜିତେଇବା ବୋଲି ଅଧେ ଲୋକ ଜିତାଇ ବି ଦେଉଚେ । ଜିତେଇ ଦେଲେ କଅଣ ହେଉଚି - ସିଏମାନେ ମୋର୍ ପାଇଁ ଭୋଟ ଦେଲେ, ତାଂକର୍‌ପାଇଁ ମୁଇଁ ଜିତିଚି, ମୋତେ ଭୋଟଦେଇ ରାଜନୀତିରେ ଭାଗ୍ ନେବାପାଇଁ ମୋତେ ସାହସ୍ ଦେଇଚଂତି ବୋଲି କହୁଚଂତି । ହେଲେ, ନେତା ହୋଇକରି, ଜିତେଇଲା ଲୋକଂକୁ ବିଲକୁଲ୍ ଆଖିରେ ଦେଖୁନାଇଁ । ମୁଇଁ ବଡ଼ ହେଲି, ମୁଇଁ ଭୋଟ୍ ପାଇଲି । ତଳେ ଲେଂଗୁଟି ଲୋକମାନେ କୋଡ଼ାମାରି ବୁଲୁଚନ୍ । ସୁଟ୍‌ବୁଟ୍ ପିଂଧି ବୁଲିକରି, ଆଦିବାସୀକେ ଆଉ ଦେଖାଦର୍‌ଶନ୍ ନାଇଁ । ସରପଂଚ୍ ହେଉ କି ଉଆଡ୍



Digitized by srujanika@gmail.com

ମେଂବର ହେଉ କି ଜିଲ୍ଲା ପରିଷଦ୍ ହେଉ, ଭୋଟ୍ ନେଲା ବେଳକେ ବାବୁରେ ଧନରେ କରି, ମୁଇଁ ପଇସା ଦେବି, ମୁଇଁ ଟଂକା ଦେବି, ଏତେ ଦେବି - କିଏ ଶହେ, କିଏ ଦିଶହ, କିଏ ତିନ୍ଶହ, କିଏ ଚାରିଶହ, ଗୁଟେ ଗୁଟେ ଭୋଟକୁ ହଜାରେ-ପଂଦର୍ଶହ ମଧ୍ୟ ଦେଇକରି ଜିତୁଚଂତି । ଜିତି ସାଇଲା ପରେ କାହାକୁ ନାଇଁ ଆର୍ କାମ୍ ବୋଲିବାଟା । ଆଦିବାସୀର କାମ୍ ଆସିଥିବ - ବଲକ୍ରେ ହେଉ, ପଂଚାୟତ୍ରେ ହେଉ - ଆଦିବାସୀର କାମ ଆଦିବାସୀ ବିଲକୁଲ୍ ପାଇ ପାରୁ ନାହାଂତି । ବଲକ୍ରେ ବିଡ଼ିଓ, ଜେ.ଇ., ପଂଚାୟତ୍ରେ ସରପଂଚ୍, ନାଏବସରପଂଚ୍, ସେକ୍ରେଟେରୀ, ସେଠି କଲେକ୍ଟର, ସମିତି ସଭ୍ୟ, ସମସ୍ତଂକର ଭାଗ ମାଗିଲାପରେ, ଇଂଦିରାଆବାସ ଘରକୁ ନଥିଲା ଗରିବ ଲୋକ ଏତେ ଲାଂଚ ଦେଇପାରିବ ନାଇଁ । ଗୁଟେ ଗୁଟେ ଇଂଦିରାଆବାସ ଘରକୁ ଏବେ ବାଇଶହଜାର୍ ଟଂକାରୁ ଛତିଶହଜାର୍ ଟଂକା ବୋଲି ସରକାରୀ ନିୟମ ଅଛି ବଲୁଚନ୍ । ତିନି-ଚାରିହଜାର୍ ଟଂକା ବା ୱର୍କ ଅର୍ଡର୍କୁ ଯିଏ ତିନିହଜାର୍ ଟଂକା ଦେଇଦେଲା, ସିଏ ଇଂଦିରାଆବାସ୍ ପାଇଲା । ଆମେ ଭୋଟ୍ ଦବାର ମୂଲ୍ୟ ସେଠି କଅଣ୍ ଅଛି ? ଆମେ ନାଗରିକ ଭାବରେ ଭୋଟ୍ ଦେଉଚୁ ଆମର୍ ସରପଂଚ୍ ବୋଲି, ଆମର୍ ସମିତିସଭ୍ୟ ବୋଲି । ଆମେ ନଥିଲା ଗରିବ ଲୋକ୍ ଗୁଟେ କାମ୍ ପାଇବୁ, ଇଂଦିରାଆବାସ୍ ଘର୍ ପାଇବୁ କି ଡ଼ିଲର୍ ଚାଉଳ ପାଇବୁ ବୋଲି । ଡ଼ିଲର୍ ଚାଉଳପାଇଁ ଏବେ ଆଦିବାସୀଲୋକକୁ ପାଁଚ୍ପାଂଚ୍ ଦିନ୍ ବୁଲାଉଚନ୍ । କିରାସିନ୍ ଏବେ ଦି ଲିଟର୍ ମାଗିଲେ ବି ଦେଉନାଇଁ । ଗୁଟେ ଘରେ ଗୁଟେ ଡ଼ିବିରି ଜଳେଇବାପାଇଁ ଦି ଲିଟର୍ କିରାସିନି ମାଗିଲେ, ନାଇଁ, ଆଜି ନାଇଁ, କାଲିକି ଆସ । ତେଣେ ଡ୍ରମ୍ ଡ୍ରମ୍ ତେଲ ପକାଇ କାଶୀପୁରରୁ ରାୟଗଡ଼ା ଗାଡ଼ି ଚଲାଉଚନ୍ । ଏଇ ଭଳି ଦୁର୍ନୀତି ସବୁ ଚାଲିଚନ୍ । ଯାହାକୁ ଭୋଟ୍ ଦେଇ ନେତା କଲୁ, କିଛି ନାଇଁ, ନ କଲେ ବି କିଛି ନାଇଁ ।

ପୂର୍ବରେ ଦୁଇଟି ଦଳ - ଜନତା, କଂଗ୍ରେସ୍ । ଏବେ ଗଦାଗଦା ଦଳ, କିଏ ବିଏସ୍ପି, କିଏ କଂଗ୍ରେସ୍, କିଏ ଜନତା, କିଏ ବିଜେଡ଼ି, କିଏ ଝାଡ୍ଖଂଡ୍, କିଏ ମୁର୍ମୁଖଂଡ୍, ହଜାରେ ଦଳ ବାହାରିଲେଣି । ଆଗରେ ଆମେ ଗାଁରେ ମିଟିଂ କରିଜାଣୁ ନଥିଲୁ । ଏବେ ଯେଉଁ ଗାଁର ଲୋକମାନେ ବୁଝିଚନ୍, ସେ ଗାଁରେ ନିଜେ କାମ କରୁଚନ୍ । ଯେଉଁ ଗାଁରେ ଟାଉଟରିଆମାନେ ପଶୁଚନ୍, ସେ ଗାଁରେ ଠିକାଦାରକୁ କାମ୍ ଦେଇ ଗାଁର ମୁଖ୍ୟ ଚୁପ୍ ବସୁଚନ୍ । ସବୁକାମ ବୁଡ଼ିଯାଉଚି । ଆଗେ ଆମେ ଗାଁରେ ଏକାଠି ଥିଲୁ ।



Digitized by srujanika@gmail.com

ଏବେ ବାର ପର୍‌କାର ଦଳ ହୋଇ ଗାଁ ଦଳଦଳ ହୋଇ ଭାଗ୍ ହେଲାଣି । ଗାଁ କାମ ଭଲ୍ ଭାବରେ ହେଉନାହିଁ । ମୋର୍ ମୁଇଁ କାମ୍ ଆଣିବି । ସିଏ ମୋର୍ ଦଳ, ମୁଇଁ କାମ୍ ଆଣିବା । ଆଗେ ଗାଁର କୁଟୁମ୍ ବସୁଥିଲେ । ହଁ, ଇ କାମ୍ କରିବା, ଇ ଠା ରାଜି କି, ହଁ ରାଜି କହିଲେ କାମ୍ ହେଉଥିଲା । ଆଗେ ଆମ ଗାଁମାନଂକରେ କିଛି ଗୋଟାଏ ଅସୁବିଧା ହେଲେ, ମୁଖିଆ ନାଇଁ କି ଗଂଡ଼ା ଗୌଂଡିଆ ନାଇଁ କି ଜାନି ମୁଦୁଲି ନାଇଁ, ଗାଁର ଉଆଡ୍ ମେଂବର୍ ବଡ଼ ବଡ଼ ମୁଖ୍ୟ ଲୋକଂକ ସଂଗେ ବସି ମୀମାଂସା କରୁଥିଲେ । ଏବେ ଗଂଡ଼ଗୋଳ ହେଲେ ଅଳ୍‌ପକେ ଥାନା, ଅଳ୍‌ପକେ କୋର୍‌ଟ - ନାଇଁ, ଆମେ କେସ୍ କରିବାକୁ ଯିବୁ । ଆରେ ଭାଇ, କେସ୍ କରିବାକୁ ଯାଅନାଇଁ, ଟଂକାଥିଲେ କେସ୍‌କୁ ଯାଅ, ଭାଇଥିଲେ ମାଡ଼କୁ ଯାଅ, ବୋଲି କେତେ ବୁଝାଇଲେ ବି ବୁଝୁ ନାହାଂତି । ଖାଲି ଥାନାରେ ଏକା ଯାଇ ମୀମାଂସା ହେଉଚନ୍ । ଯିଏ ଜେଲ୍ ଯିବା ଲୋକ, ଯାଉଚନ୍, ଆର୍ ଯିଏ ରାଜିନାମା ହେବା ଲୋକ, ହଉଚନ୍ । ଆଗରେ ଏମିତି ନଥିଲା । ଗାଁରେ ସଂଶୋଧନ ହେଉଥିଲା, ଗାଁ ବୁଝୁଥିଲା । ଗାଁର ଲୋକେ କଥା ମାନୁଥିଲେ । ଏବେ ଗାଁ ବହୁତ ଟାଉଟରିଆ ହେଇଗଲାଣି ।

## ଆମର୍ ଆୟା

ବୁଆ ଆମର ମା'କୁ ଆଣିଥିଲା - ସେମିତି ବିକାବିକି ନାଇଁ, ଏ ବଂଧୁ ସେ ବଂଧୁ ବସିକରି, ତୋ ଝିଅ ମୋ ପୁଅକୁ ଦେ ବୋଲିକରି, ସେମିତି ମଦପାଣି ଦେଇକରି ମା'କୁ ବାହାହେଲା । ଆମର ବାପାତ ଶିଖିତ ଲୋକ୍ । କଲାପାନି ଗାଁରେ ବାପାକୁ ଡ଼ାକିଲେ ତାଂକ ଗାଁ ପିଲାଂକୁ ପଢ଼େଇବାକୁ । ବାପା ଯାଇ ବରଷେ କି ଦି ବରଷ୍ ପାଠ୍ ପଢ଼େଇଲା । ସେଠି ଆଉ ଗୁଟେ ଧାଁଗଡୀ ଝିଅ ଥିଲା । ସେ ଝିଅକୁ ଧରିକରି ଆମର୍ ବାପା ଘର୍‌କୁ ଆଣିଲା । ମୁଁ ସେତେବେଳେ ଛୋଟ ଥିଲି । ସେ ଝିଅ ଦିନେ କଣ କଲାକି, ଘରେ କୁସୁମ୍ ତେଲ ଥିଲା, ସେ ତେଲ୍‌କୁ ରୋଷେଇ ଘରେ ଚୁଲିରେ ପକେଇ ଦେଇ ପଲେଇଲା, ଆଉ ରହିଲା ନାଇଁ । କାହିଁକି ପଲେଇଗଲା ଜଣା ନାହିଁ । ସେ ଝିଅ ଏବେ ଅଛି । ମୋର ବାପା ତାକୁ ଆଣି ଗଲା ନାଇଁ ।

ଆମ ମା'ର ଆମେ ଦି ଭଉଣୀ । ମାତ୍ର ଆମର ମା'କୁ ଏକ ବେମାର, ପୁଷ୍‌ଟି



Digitized by srujanika@gmail.com

(କୁଷ୍ଠ) ବେମାର ବାହାରିଲା । ଆଗେ ତ ଏମିତି ଓଷଦ୍ ପତର୍ ଥିଲା କି? ବେମାର୍ ବାହାରିଲାରୁ ମା ବାପାକୁ କହିଲା ଯେ ତୋ ସାଂଗରେ ମୁଇଁ ଆଉ ରହି ପାର୍‌ବି ନାଇଁ । ମା ଆମର୍ ବାହାରରେ ଥିଲା । ମା-ଜେଜମା ଅଲଗା ରହୁଥିଲେ । ଅଲଗା ରୋଷେଇକରି ଖାଉଥିଲେ । ମା ଯାଇ ଆମର୍ ସାନ ମା'କୁ ପୋଡ଼ବଂଧ ଗାଁରୁ ନିଜେ ଆଣିଲା । ତାକୁ କହିଲା, ମୁଁ ତତେ କିଛି ହଇରାଣ କରିବି ନାଇଁ । ତୋ ସାଂଗ୍‌ରେ ମିଶିକରି ରହିବି । ଆମ ମା ସାନ୍ ମା'କୁ କାମ ପାଇଟି ସବୁ ଶିଖେଇଲା । ଦି ମାଂକ ଭିତରେ ଗୋଲ୍‌ମାଲ୍ କେବେ ନଥିଲା । ମା'ର ହାତ୍ ଗୋଡ୍ ସବୁ ସରିଯାଇ ନଥିଲା । ମା ଦୁଇଟି କାମ୍ କରୁଥିଲା - କାଠ୍ ଆଣ୍‌ବାର୍, ଘାସ୍ ବାଛ୍‌ବାର୍, ଧାନ୍ କାଟ୍‌ବାର୍, - ଏ ସବୁ କାମ୍ କରୁଥିଲା । ଗୁଟେ ରୋଷେଇ କାମ୍ ମାତ୍‌ର ନାଇଁ । ଗାଁ ଲୋକ୍ ମିଶୁଥିଲେ । ମୁଁ ଯାଇ ମା କୁ ପେଜପାଣି ଆଣି ଦେଉଥିଲି । ମା ଲାଗି ମୁଇଁ ଘରେ ରହିଲି, ମା ଏମିତି ହେଇ ନଥିଲେ ମୁଇଁ ଆର୍ ଗାଁକୁ ଯାଇଥାଆଂତି, ଘରଜୋଇଁଆ ହୋଇ ରହିବାକୁ ପଡ଼ିଥାଂତା ନାଇଁ । ଆମେ ଦି ଭଉଣୀ ସେତେବେଳେ ଛୋଟ ଥିଲୁ । ସାନ ମା'ର ଗୋଟିଏ ପୁଅ, ତିନି ଝିଅ । ଆମେ ଏବେ ପାଂଚ ଭଉଣୀ । ଏବେ ସେ ଗୋଟିଏ ଭାଇର ପାଂଚଟା ପୁଅ । ସେ ଭାଇର ବି ଦିଟା ମାଇକିନା । ବଡ୍ ମାଇକିନାକୁ ଗୁଟେ ଝିଅ, ତିନିଟା ପୁଅ; ସାନ୍ ମାଇକିନାକୁ ଗୁଟେ ଝିଅ, ଦିଟା ପୁଅ ।

## ଅଡାର ଜମି କିଣା

ଆମର୍ ବାପା ମାନଂକର ଜମି ନଥିଲା । ଆମର ଅଜାମାନେ ମାଳିଗାଁର ଗୁଟେ ଗଉଡ଼ ଘରେ ଗୁଡି କରୁଥିଲେ । ଗୁଡି କଲାବେଳେ ସେ ଜମିବାଲାକୁ କହିଲେ, "ଆମକୁ ଡାଗା ଖଂଡେ ଦେଇଦେ । ଆମେ ଆଖୁ କରିବୁ" । ସେ ଜମିରେ ଆଖୁ କରି ଗୁଡ ତିଆରି କଲେ । ତେଣେ କାଶୀପୁରର ଗୁଟେ ସାହୁକାର ଘରେ ଗୁଡି ଥାଆଂତି । ବୁଧବାର, ଶନିବାର ହାଟରେ ବୁଲେଇ ବୁଲେଇ ବିକିଲେ । ଏମିତି କରି କରି ଟଂକା କିଛି ହେଲା । ରେଁଗାରେ ଗୋଟିଏ ଶୁଂଢି ଥିଲା । ସେ ଗାଁର ବହୁତ ଜମି ତା'ର । ସେ ଜମି ବିକିବା ପାଇଁ ବାହାର କଲା । ଆମର ଅଜାମାନେ ଗଉଡ଼ ଘର ଜମିରେ ଆଖୁ ଚାଷ କରି ପାଇଥିବା ଟଂକାରେ ଜମି କିଣିଲେ । ସେତେବେଳେ ଅଲପ୍ ଟଂକାରେ ଜମି ମିଳୁଥିଲା ।



Digitized by srujanika@gmail.com

ଆମର ଜମି ରେଂଗାରେ ଅଳପ ଥିଲା, ଏଇ କଲାକାନି, ବଂଡ଼ାଦରା, କୋଟଲା ବୋଲି ବାଟେ ବେଶି ଥିଲା । ସେଠି ଗୁହାଳ ବାଂଧି ଅଜାମାନେ ଚାଷ୍ କରୁଥିଲେ । ସେ ଦୂର ହେଇଗଲା ବୋଲି ଆଗରେ ବିକିଲେ ଚଉଦ ଏକର, ଛଅ ହଜାର୍ ଟଂକାକୁ । କାହାକୁ ବିକିଲେ , ନାଁ କାଶୀପୁରର ଶରଦ ମହାପାତ୍ରକୁ । ସେ ଆଗ ପାଁଚ୍ ହଜାର୍ ଦେଲା, ପାଁଚ ଭାଇ ହଜାରେ ହଜାରେ ନେଲେ । ଆଉ ହଜାର୍ ବାକି ରହିଲା । ସେଥିପାଇଁ ଚାଂଗଡ଼ା ଧରି ଧାନ୍ ଆଣିବାପାଇଁ ତା ଘରକୁ ଗଲୁ । ତାକୁ ଆଉ ଚାରି ଏକର ଓ ପୁଣି ଆଉ ଚାରି ଏକର, କାହାକୁ ଦୁଇଶହ ଟଂକାରେ, କାହାକୁ ଶହେ ଟଂକାରେ ବିକିଲୁ । ସେ ମୋଟ ବାଇଶ ଏକର ନେଲା । ସେ ଏବେ ସେଇ ଜମିରେ ବଗିଚା କରିଚନ୍ - ଆଂବ, ପଣସ, ଲିଚୁ, ଭାଲିଆ । ଏବେ ତାର ପୁଅ କୃଷ୍ଣ ମହାପାତ୍ର । କୁଂଭାର ଘରୁ ହାଂଡ଼ି ଆଣିଲେ । ତାକୁ ଦି ମାଣ ଜମି ଦେଲେ । ଆମର୍ ଜମି ସବୁ ଗଲା - କିଛି ଜଣା ନାଇଁ କି ବୁଝା ନାଇଁ । ଆଗର ଦିନରେ ଯିଏ ଜମି ନେଇଚି ସିଏ ଆଦିବାସୀଠାରୁ ଅଳପ୍ ଟଂକାରେ ବେଶି ଜମି ନେଇଚି । ଖାଇବାକୁ ଘରେ ନିଅଂଟ ହେଲେ ଯାଇ ମାଗି ଆଣିବାର ଆଉ ଚହିଁକି ଜମି ଦେବାର । ଏମିତି ଆଦିବାସୀର ଜମି ସବୁ ବିକି ଭାଂଗି ଖାଇଦେଲେ । ଆଦିବାସୀର ଆଉ ଜମି କିଛି ନାଇଁ । ଏବେ ମୋ ଭାଇର ପାଂଚ ପୁଅଂକର ଚାରି ଏକର ଲେଖା ଜମି ଅଛି ।

## ରଜା ଶାସନ

ଆମର୍ ଜେଜେମାମାନେ କହିବାର ମୁଁ ଶୁଣିଚି । ସେତେବେଳେ ରଜା ଶାସନ ଚାଲୁଥିଲା । ରଜା ଶାସନ ବୋଇଲେ, କାଶୀପୁରରୁ ଜୟପୁରକୁ ରଜାକୁ ବୋହି ବୋହି ନେବାର୍ । ଆଜିକୁ ଗୋଡିଗୁଡ଼ାର୍ ଲୋକ ନେଲେ କାଲିକୁ ଖୁରୀ ଗାଁର, ପର୍ ଦିନକୁ ଶିରିଗୁଡ଼ାର୍, ତାପରକୁ କଲାପାନିର୍ ଲୋକ, ଏମିତି କରି ଏଠାର ଲୋକ୍ ସେଠି ପହଁଚେଇବାର୍, ସେଠିକା ଲୋକ୍ ଏଠି ପହଁଚେଇବାର୍ । ସେମିତି କରି ତାଂକର ଯାହା ଲୋକ ଧରିଚଂତି ହଳିଆ ଧରଲା ଭଳିଆ । ଗୁଲ୍‌ବାଡ଼ି ଧରି ଘରେ ପଶି, ଏ, ଅମକ ଝୋଡ଼ିଆ କୁଆଡ଼େ ଗଲା ? ଖାଲି ମା ମାନେ ଥିଲେ, ମାଇକିନିଆ ପିଲାମାନେ ଥିବାର । ପୁଅ ପିଲା ଗୁଟେ ପୁଣି ଘରେ ଶୋଇବାର ନାଇନି । ଖାଲି ଡ଼ଂଗର, ପାହାଡ଼, ଜଂଗଲରେ



Digitized by srujanika@gmail.com

ଲୁକି ଲୁକି ଥିବାର୍ । ଆମେ ଭାଂଗି ଆଣିବାର୍, ଲୋକେ ଶିକା କରିବୁ । ସେ ଦଉଡ଼ିକୁ ଶିକା କରି ମୁଂଡ଼ତଳେ ଦେଇକି ଶୋଇଥିବାର୍, ଆର୍ ଯାହାର ଯେଉଁଦିନ ତାରିଖ୍ ହେଲା ସେଦିନ ସକାଲୁ ଉଠି ମୋର୍ ଆଜି ରଜା ଘରକେ ଯିବାର ଅଛି ବୋଲ୍‌କେ ରଜା ଘର୍‌କୁ ଯିବାର୍ ଆର୍ ରଜାକୁ ବୋହିବାର୍ । ରଜାକୁ ଅଧେ ଲୋକ ବୋହିଲେ, ଅଧେ ଲୋକ ରଜାର୍ ଖାଇବାର୍ ଜିନିଷ୍, ଲୁଗାପଟା ସୁଆରି ବାଂଧିକରି ଉପର୍ ବାଟ ଖଟରେ, ତଳ ବାଟେ ଦୌଡ଼ିରେ ଠେଂଗାବାଡ଼ି ସଜାଡ଼ି ବୋହିବୋହି ବୁଲାଇବାର୍ । ରଜା ଶାସନ ଏମିତି ହଇରାଣ କରୁଥିଲା । ଜମିର ମାଲଗୁଜାରୀ ଏବେ ଅମିନ, ଆର୍. ଆଇ. ମାଗୁଚନ୍, ଗାଁକେ ଆସୁଚନ୍ । ଯେଉଁଦିନ ନଆସିଲେ, ଲୋକ କାଶୀପୁର ଯାଇକରି ବାଂଧୁଚନ୍, ନହେଲେ ଟିକିରି ଯାଇକରି ବାଂଧୁଚନ୍ । ଯେଉଁ ଏରିଆରେ ଜଂଗଲି ମୌଜା ସେଇ ଏରିଆରେ ଯାଇ ବାଂଧୁଚନ୍ । ଗଉଁତିଆ ଏକା ମାଗିବାର୍, ନେଇ ଅଧେ ଭାଗ ରଜାଘରେ ଦେବାର୍, ଆର୍ ଅଧେ ଭାଗ ନେବାର୍ । ଜାନି, ମୁଦୁଲି, ଗଉଁତିଆ ରଜା ଶାସନରେ ରଜା ହାତରେ ଥିଲେ । ଏବେ ଉଆଡ୍ ମେଂବର୍‌କୁ ଯେମିତି ସରକାର ଡ଼ାକୁଛି, ସେମିତି ରଜା ଗଉଁତିଆ, ଜାନି, ମୁଦୁଲିକୁ ଡ଼ାକୁଥିଲା । ସେଥିପାଇଁ ଯେଉଁ ଗାଁରେ ଦେଖ, ଗଂଡ଼ା, ଗଉଁତିଆ, ଜାନି, ମୁଦୁଲିଂକର ଏକା ସବୁ ଜମି । ଜାନି, ମୁଦୁଲି, ଗଉଁତିଆ ଯାହା କହୁଥିଲେ, ରଜା ତାହା ମାନୁଥିଲା । ରଜାର କଥା ଝୋଡ଼ିଆ ମାନୁଥିଲା । ଝୋଡ଼ିଆର କଥା ରଜା ବି ମାନୁଥିଲା । ଆଗରେ ସବୁ ଜମି ଆଦିବାସୀର ଥିଲା । ଯିଏ ମାଲଗୁଜାରୀ ବାଂଧି ନପାରିବ, ତା'ର ଜମି ରଜାର୍ ହୋଇଯିବ । ମୁଇଁ ମାଲଗୁଜାରୀ ବାଂଧି ପାର୍‌ବି ନାଇଁ ବୋଇଲେ, ଶଳା, ତୁଇ ବାଂଧି ପାର୍‌ବୁ ନାଇଁ ବୋଲି ଗୁଲ୍ ବାଡିରେ ଧରି ବାଡ଼େଇ ଦେବାର ଆର୍ ତୁଇ ଜମି ପାଇ ପାର୍‌ବୁ ନାଇଁ ବଲ୍‌କେ କହି କାଟି ଦେବାର୍ । ରଜାର ଯିଏ ମନକୁ ପାଇଲା, ତାକୁ ଏ ଜମି ଦେଇଦେବାର୍ । ଏମିତି ରଜାର ପାଇକ, ଖଂଡ଼ାୟତ, ବଇଦ, ଗୌଡ଼, ବ୍ରାହ୍ମଣ, କରଣ ଏ ସମସ୍ତଂକ ହାତ୍‌କୁ ଜମି ପଳାଇଗଲା ।

ଗାଁରେ କିଛି ଅସୁବିଧା ହେଲେ ରଜାଂକୁ କହିବା ପାଇଁ ଯାଉଥିଲେ । ଗଂଡ଼ା, ଗଉଁତିଆ, ଜାନି, ମୁଦୁଲିମାନେ ସେଠାରେ ମାଡ଼ମାରି ସମାଧାନ କରୁଥିଲେ । ଭୁଲ୍ ହେଲେ, ଆଗ ମାଡ଼, ପଛେ ସମାଧାନ । ସବୁ ଗାଁର ଲୋକ ଆସି ରଜାଘରେ କାମ୍ କରୁଥିଲେ , ଖାଲି ମାଗଣାରେ । ଗୁଟେ ଗାଁର ସବୁ ଲୋକ ରଜାଘର ଧାନ୍ କାଟିବାର, ଆର୍ ବୋହି ଆଣିବାର୍ । ତା ପରେ ଆଉ ଗୁଟେ ଗାଁର ଲୋକ ଯିବାଟା ଗଂଡ଼ା ପିଟି ପିଟି



Digitized by srujanika@gmail.com

ଗାଁରେ କହିବାର୍ । ଗାଁ ଲୋକେ ଡ଼ର୍‌କୁ ଯିବାର୍ । ନିଜ ମାଂଡ଼ିଆ, ଚାଉଳ ନିଜେ ବୋହିକରି ଆଣି ଦୁଇତିନି ଜଣ ରୋଷେଇ କରବାର୍ । ଗୁଟେ ଗୁଟେ ଗାଁର ଲୋକ୍ ଦୂର୍ ଦୂର୍‌ରୁ ଆସି ଦୁଇ ତିନି ଦିନ୍ ରହି କାମ୍ କରିଯିବାର । ଯେଉଁ ଗାଁର ଆସିଲେନି ତାଂକୁ ଯାଇ ମାଡ଼ ମାରିବାର୍, ତମେ କାମ୍‌କୁ ଆସିଇନି, ତମ୍‌କୁ ଜମି ନାଇଁ ଦେବାର୍ ବୋଲ୍‌ବାର୍ । ରଜାଘରେ ମା ମାନେ ଘାସ୍ ଝିଂକିବାଟା, ଗୋବର୍ ପକାଇବାଟା, ଗିନା ବାସନ ମାଜିବାଟା, ପୁଅମାନେ କାଠ୍ କାଟ୍‌ବାଟା, ରଜାକୁ ବୋହି ବୋହି ନେବାର୍ । ଝିଅମାନେ ରାଣୀକୁ ତେଲ୍ ଲଗେଇବାଟା, ରଜାକୁ ଗାଧେଇବା ପାଇଁ ପାଣି ଆଣି ଦେବାଟା । ଆଗେ ଲୋକ୍ ଆସି ଗାଁ ମାନଂକରୁ ଅମୁକ ଅମୁକ ସୁଂଦରୀ ସୁଂଦରୀ ଧାଂଗଡ଼ୀ ମାନଂକୁ କାମ୍‌କୁ ଡ଼ାକିନେଇ ଯିବା, ଆର୍ ସକାଲୁ ଯାଇ ସଂଧ୍ୟାକୁ ପଲେଇ ଆସ୍‌ବା । ପ୍ରତି ଗାଁ ମାନଂକରୁ ପାଳିକରି ନେଉଥିଲେ, ଉଆଳି ଝଟାଇବାପାଇଁ, ଲୁଗା କାଚିବା ପାଇଁ । ରଜା ଶାସନଠାରୁ ଆଗ ଦିନର୍ ବ୍ରିଟିଶ ଶାସନ ଭଲ୍ ଲାଗୁଥିଲା ।

ଆଗ ରଜା ଶାସନ ଥିଲା ବେଳକୁ କଳାହାଂଡ଼ିର ରଜା କାଶୀପୁର ଅଇଲା । ସେତେବେଳେ କାଶୀପୁରରେ ବ୍ରାହ୍ମଣ ନଥିଲେ । କୁଆଡୁ ବାଣପୁରରୁ ଅଇଲେ । ରାଜସ୍ଥାନରୁ ମାରୱାଡ଼ି ଅଇଲେ । ଆଗେ କାଶୀପୁରରେ ଗଉଡ଼ ଥିଲେ ରଜା ଅମଳରେ ତାକୁ ବୋହିବାପାଇଁ । ବାହାରୁ ଏ ଲୋକସବୁ ଆସି ଏଠାରେ ଧନୀ ହେଲେ । କାଶୀପୁରର ଲୋକ ଆଉ ଦିଶୁ ନାହାଂତି, ଅଛଂତି ବୋଲି ଜଣା ପଡୁ ନାହିଁ । ରଜା କାଶୀପୁରରେ ଆଣି ବ୍ରାହ୍ମଣ, ପାଇକ, ଖଂଡ଼ାୟତଂକୁ ରଖିଲା, ପୂଜା ଆଉ ମଣିଷ ପୋଡ଼େଇବା ପାଇଁ, ଲଢିବା ପାଇଁ, ଭଂଡ଼ାରି ଆଣିଲା ବାଳ କାଟିବା ପାଇଁ । ଧୋବାକୁ ବେଶି ଜମି ନାଇଁ, ବ୍ରାହ୍ମଣକୁ ବେଶି ଜମି । ଆଦିବାସୀଂକ ଜମି ନେଇ ଏମାନଂକୁ ଦେଲା ।

## ବୁଆ ଉଆଡ୍ ମେଂବର ହେଲା

ମୋର ବାପା ଉଆଡ୍ ମେଂବର ହେଲା ବେଲକୁ ମୁଁଇ ଦଶ୍-ବାର୍ ବରଷର୍ ହୋଇଥିଲି । ଅଭିରାମ ବୁଢ଼ା ଚେୟାରମେନ୍ ଥାଆଂତି । ସେ ବୁଢ଼ା ଦରକାର ପଡ଼ିଲେ ଆମ ଘରକୁ ଆସୁଥିଲା । ଆସିଲେ, ଆମ ବାପାମାନେ କଥାବାର୍ତା ହେଉଥିଲେ, ସେଇଟା ମୁଁ ଅଳପ ଶୁଣିଚି । ଏଇ ଭଳିଆ ବୁଦ୍ଧିକି ଶୁଣିଲେ କାମରେ ଲାଗିବ ବୋଲି



Digitized by srujanika@gmail.com

ଆମର ଗିଆନ୍ ଥିଲା କି? କେହି ଆସିଲେ ଗଲେ - ଏବେ ସିନା ଚେଆର୍, ଟେବୁଲ୍ ଅଛି - ସେତେବେଳେ ପିଢା ପଟା ବସିବାପାଇଁ ଦେଉଥିଲୁ । ବୁଢ଼ା ଆସିଲେ ଉଆଡ୍ ମେଂବର୍ ଅଛି କି ବୋଲି ପଚାରିଲେ, ବାପା ନଥିଲେ, ନାହିଁ ବୋଲି କହିଲେ, ମା' ସାଂଗରେ କଥା ହୋଇ ଉଆଡ୍ ମେଂବରକୁ କହିବ କହି, ଯାଉଥିଲେ । ବୁଢ଼ାର୍ ଗୋଟେ କଂଧ ପିଅନ୍ ଥିଲା । ସେ କଂଧ ବୁଢ଼ା ସଦାବେଳେ ଆମ ଘର୍‌କୁ ଅଇଲା । ସରପଂଚ୍ ଡାକୁଚି, ସରପଂଚ୍ ଡାକୁଚି ବୋଲି ମାସକୁ ତିନ୍-ଚାରିଥର୍ ଅଇଲା । ଅଇଲେ, ମୁଇଁ ତୁମର୍ ଘର୍‌କୁ ଅଇଲି, ଟଂକାଟେ ଦିଅ, ଚାଉଳ ପୋଷେ ଦିଅ ବୋଲି ସେ ବୁଢ଼ା ମାଗ୍‌ବା । ମା ମାନେ ଥିଲେ ଦଉଥିଲେ, ନଥିଲେ ଆମେ 'ମା ମାନେ ନାହାଂତି' କହିଲେ, ପଳାଏ ।

ଆମର ବାପା ଉଆଡ୍ ମେଂବର୍ ଥିଲା ହେତୁ, ଏ ନିୟମ ଅଛି, ଏମିତି କାମ ଅଛି, ଇସ୍‌କୁଲ୍ ଗୋଟାଏ ଆଣ୍‌ବା ବୋଲି କହେ । ଆମ ଗାଁରେ କେହି ବି ପଢୁନଥିଲେ । ପଢିବା ପିଲା ବରଂଡାରେ ବସିବା ନାଇଁ, ମାଷ୍ଟର୍ ନାଇଁ, ହେଲେ ତେଣେ ମାଷ୍ଟର୍ ଦରମା ପାଉଥିଲେ । ପରେ ପରେ ବାରଂଡାରେ ପଢୁଥିଲେ କେତେଟା ପିଲା । ସେବି ରାତିରେ ପଢୁଥିବା ପିଲା । ସେ ବି ଦି କିଲାସ୍, ତିନି କିଲାସ୍ ନାଇଁ, - ବହି ପଢିବା ଆରଂଭ ହେଲେ ପଢା ଛାଡି ଗାଇଗୋରୁ ଚରେଇବାପାଇଁ ପଳେଇଲେ । ମା ବାପାଂକର ପଢ଼ବା ଗିଆନ୍ ନାହିଁ କି ପିଲାଂକର । ମାଷ୍ଟର୍ ଆଠଦିନକୁ ଥରେ ଆଇବାର୍ । ଦିନ୍‌ସାରା ବସି ସଂଧ୍ୟାକୁ ପଳେଇଯିବାର୍ । ବାପା ଆମର୍ ଗାଁ ପିଲାଂକୁ ପଢେଇବା ପାଇଁ ଦରମା ଦିଆଇ ମାଷ୍ଟର୍‌କୁ ଆଣିଲେ ।

## ମୁଇଁ ଇସ୍‌କୁଲ୍ ଗଲି

ଆମର ଗାଁ ଇସ୍‌କୁଲ୍ ନଥିଲା ବେଳେ ଗେଂଗା ଗାଁ ଇସ୍‌କୁଲ୍‌କୁ ଆମେ ଆଠଟା ଝିଅ ପିଲା ଓ ଗୁଟେ ପୁଅ ପିଲା ପଢିବାକୁ ଯାଉଥିଲୁ । ବାଟରେ ମାଛଡ଼ିମ୍ ନଦୀ । ଏବେ ସିନା ତା' ଉପରେ ବିରିଜ୍ ହେଲା । ସେତେବେଳେ ବର୍ଷା ଦିନକୁ ମାଛଡ଼ିମ୍ ନଦୀ ଆମକୁ ଛେକି ଦେଲା । ଯୋଉ ଦିନରେ ନଦୀ ଛେକିଲା, ସେ ଦିନରେ ଶିରିଗୁରା ପଳେଇବା । ସେମ୍‌ତି କରି କରି ଛଅ ମାସ୍ ଖଂଡେ ଗଲୁ । ଦଶ୍‌ରା ମାସ୍ ଦିଶିଲା । ସେତେବେଳେ ଆମ ଗାଁରେ ଗୁଟେ ପରବ୍ ହେଲା । ସେ ପରବ୍ ଦିନେ ବୋକା ଗୁଟେ ପୂଜିଲୁ । ତିନି ମାଷ୍ଟର୍ ଥିଲେ,



Digitized by srujanika@gmail.com

ଜଣେ ହଲ୍ ମାଷ୍ଟର୍ । ସେ ମାଷ୍ଟର୍‌କୁ ଆଉ ଜଣେ ମାଷ୍ଟର୍ କହିଲେ, ମୁଁ ସୁମନୀ ଗାଁରେ ହାଂଡିଆ ପିଇବାକୁ ଯିବି ବୋଲି ।

ହାଂଡିଆ କିମିତି ହୁଏ? ଆମେ ମାଂଡିଆ ଓ ଧାନ(ଚାଉଳ)କୁ ମିଳାଇ କରି ଗୋଟାଏ ହାଂଡିରେ ପାଣି ପୂରେଇ କରି ଗୋଟିଏ ରାତି ରଖିଦେବୁ । ଆଜି ସଂଧ୍ୟାରେ ପାଣିରେ ରଖିଲେ କାଲି ସକାଳୁ ତାକୁ ନିଗାଡ଼ି ଧୁଆଧୋଇକରି ଗୁଟେ ଚାଂଗଡ଼ାରେ ରଖିବୁ । ଚାଂଗଡ଼ାରେ ରଖି ତା'ଉପରେ ପଥର ଦାବି ଦେଲେ ମାଂଡ଼ିଆ ଗଜା ହୋଇଯିବ । ମାଂଡ଼ିଆ ଗଜା ହୋଇଗଲେ ତାକୁ କୁଟୁଣିରେ କୁଟିବୁ । ସେ ଚୂନା ଗୁଟେ ମାଟିହାଂଡିରେ ଭର୍ତି କରି ପାଣି ପକାଇବୁ । ଚୂନା ପାଣିରେ ପଶି ଦୁଇଦିନ ଦୁଇରାତି ହାଂଡିରେ ରହିବ । ତା'ପରେ ତା'ଉପରର ପାଣି ଆଉ ଗୋଟାଏ ଡେକ୍‌ଚିରେ ନେଇ ଯେମିତି ମାଂଡ଼ିଆ ଜାଉ କରୁଛେ ସେମିତି ଫୁଟାଇ ଘାଂଟି ଦେବୁ । ଏଣେ କଂଚା ଗୁଂଡ଼ ରଖିଥିବୁ । ଗରମ ଫାଙ୍ଗ(ଜାଉ)ରେ ଶିଆଳ ପତର, ନହେଲେ ବାଉଁଶ ପତର ଓ ସେ କଂଚା ଗୁଂଡ଼ ମିଶେଇ ଘାଂଟି ଦେଲେ ଫାଁଗ ଛିଡିଯିବ । ତାପରେ ହାଂଡ଼ିଆ ଆପେ ଆପେ ତିଆରି ହୋଇଯିବ ।

ଆମ ଆଠ୍ ପିଲା ଆଠ୍ ଜାଳ ହାଂଡ଼ିଆ ଆଣିଲେ । ପରବ୍‌ରେ ରାଂଧିବା ବୋକା ମାଉଁସ ଆଣବ୍ ବୋଲି କହିଲାରୁ ମୁଁ ଏତେ ବୋକା ମାଉଁସ ନେଇକରି ଗଲି । ହାଂଡିଆ ରହିଲା ଗୁଟେ ଡେକ୍‌ଚିରେ । ତା' ପାଖରେ ବୋକା ମାଉଁସ ରଖିଦେଲୁ । ଦିଟା ଗିଲାସ ଦେଲୁ । ଦୁଇ ଗିନା କୁମୁଡ଼ା ଶାଗ ଦେଲୁ । ମାଷ୍ଟର୍ ଦି ଜଣ ଯାକ ଖାଇ, ହାଂଡିଆ ପିଇ ପଳେଇ ଗଲେ । ଆର ଦିନ ଆମେ ନ'ଟା ପିଲା ଇସ୍‌କୁଲ ଗଲାରୁ ହଲ୍ ମାଷ୍ଟର୍ ଆମକୁ ପଚାରିଲା, ସୁମନୀ, ଆଗିଆଁକୁ କିସ୍ କିସ୍ ଟା ଦେଲ, ବୋଇଲା । ଆମେ କହିଲୁ, ଆଗିଆଁ, ଦୁଇ ମାଷ୍ଟର୍‌କୁ ହାଂଡିଆ ଦେଲୁ, ଦୁଇ ଥାଳି ଭାତ ଦେଲୁ, ଦି ଗିନା ଶାଗ ଦେଲୁ ଓ ବୋକା ମାଉଁସ ଦେଲୁ । ୟା କହିଲାରୁ, କାଶୀପୁରର ହରିଜନ୍ ମାଷ୍ଟର୍ କହିଲା, ମୁଁ ହାଂଡିଆ ପିଇଚି, ଭାତ ଖାଇଚି, ଶାଗ ଖାଇଚି; ହେଲେ ମାଉଁସ ଖାଇନି । କେବେ ଜୀବନରେ ମୁଁ ମାଉଁସ ଖାଇନି ବୋଲି କହିଲା । ଆମେ ତ ଦେଇଚୁ । ନାଇଁ ଆଗିଆଁ, ଆମେ ଦେଲୁ, ନାଇଁ ଆଗିଆଁ, ଆମେ ଦେଲୁ ବୋଇଲାକେ, ମାଷ୍ଟର୍‌କୁ କେତେ କାଟିଲା, ମୁଁ ମାଉଁସ ଖାଇଥିବି ବୋଇଲେ ମୁଁ ଗୁଟେ ପଥରରେ ମରିଯିବି ବୋଲି ପଥର ସାଂଗରେ ମୁଂଡ ବାଡେଇ ଦେଲା । ଖାଲି ରକ୍ତ, ରକ୍ତ । ଶିରିଗୁଡାର ପିଲାମାନେ ମାରିଲେ, ମୁଁ



Digitized by srujanika@gmail.com

ତାଂକ ନାଆଁରେ କେସ୍ କରିବି ବୋଲି ବୋଇଲା । ଆମ୍‌କୁ ଜେଲ୍ ପକାଇବେ ବୋଲି ଶିରିଗୁରାର ପିଲାମାନେ କାଂଦି ପକାଇଲୁ । ଇସ୍‌କୁଲ୍‌ର ପଚାଶ ପିଲା ମାଷ୍ଟର୍‌କୁ ଅଟକାଇକରି ଆଣିଗଲେ । ପିଲାଂକ ଗାଁ ମାନଂକର ଲୋକେ ବସିକରି ଗୁଟାଏ ମିଟିଂ କଲେ । କାହିଁକି ଏମିତି ହେଲା, ଭୁଲ୍ କାହାର ଠିକ୍ କାହାର ବୋଲି ମିଟିଂ କଲାରୁ ମିଟିଂରେ ବାହାରିଲା ଯେ ଗୋଟାଏ ଗଂଡା ଲୋକ, ଚୌକିଦାର ହେଇଥିଲା, ସେ ମାଉଁସ ଚୋରିକରି ଖାଇଥିଲା । ପିଲାମାନେ ମାଉଁସ ଦେଇଥିଲେ, ମୁଇଁ ମାଉଁସ ଚୋରାଇ କରି ଖାଇଚି ବୋଲି ଗଂଡା କହିଲା । ସେ ଗଂଡାକୁ ସମସ୍ତେ ପଦେ ଅଧେ କହିଲେ ଓ ସେ କଥାର ରାଜିନାମା କରିଦେଲେ ।

ଆଉ ଗୁଟେ କଥା । ରେଁଗା ଗାଁରେ ଭାଗିରଥୀ ବୋଲି ଝୋଡ଼ିଆ ପିଲା ଇସ୍‌କୁଲ ଆଇବା ପାଇଁ ଲୁଚୁଥିଲା । ଲୁଚିଲା ଯୋଗରୁ ତିନି ମାଷ୍ଟର୍ ତାକୁ ଏମିତି ମାଡଦେଲେ ଯେ ହାତ, ଗୋଡ଼ ସବୁ ଫୁଲିଗଲା, ରକ୍ତ ବାହାରି ପଡ଼ିଲା । ତାକୁ ଗୋଡ଼ ତଳୁ ହାତ ନେଇ କାନ୍ ଧରାଇ ତିନି ଚାରି ଘଂଟା ରଖିଦେଲେ । ସେ ପିଲା ଖଂଡ ଖଂଡ ରକ୍ତ ବାଂତି କରି ପକାଇଲା । ସେଟା ଦେଖି ଆମକୁ ଭୟ ଲାଗିଲା ପାଠ୍ ପଢ଼ିବା ପାଇଁ । ବିଲ୍‌କୁଲ୍ ତ ଗଲୁ ନାଇଁ । ମରିଗଲେ ଯିବୁ । ଏବେ ସେ ମାଷ୍ଟର୍ ଭୁଲ୍ କଲା । କିଏ କହିଲା, ତାକୁ ବାଂଧିକରି ପୁଲିସ୍ ନେବେ । ଆମେ ଦିନେ ନଗଲେ ଆମକୁ ଏମିତି ମାଡ଼ ମାରିବେ ବୋଲି ଆମେ ନଅଟା ପିଲା କେହି ଗଲୁ ନାହିଁ । ଆମର ମା ବାପା ଆମକୁ ଜବର୍‌ଦସ୍ତି କରିଥିଲେ ଆମେ ଅବା ଯାଇଥାଆଂତୁ । ଆମର ଭୁଲ୍ ହେଲା, ମା ବାପାର୍ ଭୁଲ୍ ହେଲା । ଆମ ଘରେ ସାନ୍ ମା ଗୁଟେ ଭଉଣୀ ଜନ୍ମକଲା । ସେ ମତେ ପିଲା ଧରେଇବାକୁ ଆରଂଭ କଲା । ମୁଁ ତ ଇସ୍‌କୁଲ ଗଲି ନାଇଁ । ପୁଅ ପିଲା ବି ଗଲେ ନାଇଁ । ସମସ୍ତେ କହିଲେ ତୁଇ ଯଦି ନ ଆସୁଚୁ, ଆମେ କେହି ଯିବୁନି । ସାନ୍ ମା କହିଲା, ତୁ ପିଲା ଧଇଲେ ଖାଇବାକୁ ଦେବି, ପାଠ୍ ପଢ଼ିଗଲେ ଖାଇବାକୁ ଦେବିନି । ମୁଇଁ ତିନି ଚାରିଦିନ୍ ଲୁକି ଲୁକି ଗଲି । ହେଲେ ସାନ୍ ମା କହିଲା ପିଲା ନ ଧରିଲେ ଖାଇବାକୁ ଦେବିନି । ଆଉ ଆମ ମା ଯିଏ ଯାହା କହିଲେ ହଁ ମାନିବାର୍ ଲୋକ୍ । କହିଲା, ସତ୍ କଥା, ତୁ ପିଲା ନ ଧରିଲେ ଆମେ କାମ କିମ୍‌ତି କର୍‌ବୁ ।

ସେତେବେଳେ ଝିଅ ପାଠ୍ ପଢ଼ିଗଲେ ମା କହିବ, ପାଠ୍ ପଢ଼ବା ଦରକାର ନାଇଁ । ଆମର୍ ପିଲା ଧଇଲେ, ଘର୍ କାମ କଲେ ହେବ, ନହେଲେ କଅଣ୍ ଖାଇବା ?



Digitized by srujanika@gmail.com

ଆମର ବୁଆ ଜବରଦସ୍ତିରେ ମତେ ପଠଉଥିଲା । ମା ମାନେ ମନା କରୁଥିଲେ, ଛୋଟ ଲୋକ ବାଟରେ ଡ଼ରେଇ ଦେବେ ବୋଲି କହୁଥିଲେ । ମା ମନାକଲାରୁ ଆମକୁ ଶରଧା ହେଇଗଲା, ଯିବୁନାଇଁ, ଆମ୍‌କେ ଧାନ୍ ଦିଅ କୁଟିବୁ, ମାଂଡ଼ିଆ ଦିଅ ଘୋରିବୁ, ପିଲା ଧରିବୁ, ପାଣି ଆଣିବୁ । ହଇ, ଆମେ ପାଠ୍ ପଢ଼ିବାପାଇଁ ଯିବୁ ନାହିଁ, ବାପା, ଆମର୍ ଇଛା ନାଇଁ । ଝିଅପିଲା କିଏ ପଢୁଚି ବୋଲି ଆମେ ଗଲୁନି । ସେତେବେଳେ ପାଠ ପଢ଼ିଥିଲେ ମୁଇଁ କାଇକୁ ଏତେ କଷ୍ଟ ପାଇ ଥାଆଂତି ।

ଏବେ ପିନା ଆମେ ବାପା ବୋଲୁଛେ । ଆଗେ ଆମେ ଆୟା ଓ ବୁଆ ବୋଲୁଥିଲୁ । ଆମର ବୁଆ ଉଆଡ୍ ମେଂବର୍ ହେଲା ବେଳକୁ, ମାସ୍‌କୁ ଥରେ ମିଟିଂକୁ ଯାଏ । ତା'ର ନିୟମ ଅଛି, ମାସ୍‌କୁ ଥରେ ଉଆଡ୍ ମେଂବର୍ ମିଟିଂକୁ ଯିବେ । ସେଠି ଯାଇ ମିଟିଂ କରି ଆସିଲେ ଆମର ବୁଆ ଗାଁରେ ସମସ୍ତଂକୁ କହେ, ମୁଁ ସେଠି ମିଟିଂକୁ ଯାଇଥିଲି, ଏସବୁ କଥା ହେଲା । ଗାଁ ବାଲା ହେଲେ ଘରୁ ବାହାରିବାର୍ ନାଇଁ । କହିବେ, ତୋର୍ ପାଇଁ ତୁ ଉଆଡ୍ ମେଂବର୍ ହେଇଚୁ, କଅଣ୍ ଆମ ପାଇଁ କି? ବୁଆ କହେ, ନାଇଁରେ, ମୁଁ ମୋ ପାଇଁ ଉଆଡ୍ ମେଂବର୍ ନାଇଁ, ଗାଁ ସାରା ପାଇଁ ଉଆଡ୍ ମେଂବର୍ । ଇସ୍‌କୁଲ୍ ଗୋଟାଏ ବାଂଧିବା, ଆଉ ପାଣି ନାଳ ଅଛି, ତହିଁରେ ଆଡେଇ କରି ପାଣି ଆଣିବା । ମୁଁ ଉଆଡ୍ ମେଂବର୍ ଅଛି, ବହୁତ କାମ କର୍‌ବା । ଯେତେ କହିଲେ ବି, ଗାଁ ବାଲା - ନାଇଁ, ଆମ୍‌କୁ ଦରକାର ନାଇଁ । କୁଟୁମ୍ (କୁଟୁମ୍, ମିଟିଂ ଲାଗି ପାରଂପାରିକ ଆଦିବାସୀ ଶବ୍ଦ) କଲେ ଆମର୍ ପେଟ୍ ପୁର୍‌ବ କି? ଆମେ ଜଣେ କୁଲି କଲେ, କେଣେ ଗୁଡି ଗଲେ, କେଣେ କୁଟୁରା ମାରିଗଲେ ଆମ ପେଟ୍ ପୁର୍‌ବ । ଯେତେ ଘର ଘର ଯାଇ ଡ଼ାକିଲେ ବି, ବାହାରିବାର ନାଇଁ । ହଁ, ପରବ୍ ପାଇଁ ଆସ ବୋଇଲେ, ସମସ୍ତେ ଆସିବେ । ହେଲେ ଉଆଡ୍ ମେଂବର୍, ଚେୟାରମେନ୍ କି ସରକାର କିଛି କହିଲେ, ବିଲ୍‌କୁଲ୍ ମାନୁ ନଥିଲେ । ଦିନେ ପରବ୍ ଦିନର କୁଟୁମ୍‌ରେ ଆମର ବୁଆ, କାଶୀପୁର ମିଟିଂଗରେ ଏ କଥା ହେଲା ସେ କଥା ହେଲା ବୋଲି କହିବାର୍ । ସେ କୁଟୁମ୍‌ରେ ସେମାନେ ହଁ କହିବାର୍ । ଅସଲ କଥା, ପ୍ୟାଂଟ୍, ସାର୍‌ଟ୍ ପିଂଧିଲାବାଲାକୁ ଡ଼ର । ମୋର ଆୟା, ଆତା, ନାନୀମାନେ ଲୁଚିଯିବା ମୁଁ ନିଜେ ଦେଖିଚେ । ବୁଆ ଉଆଡ୍ ମେଂବର୍ ଥିବାରୁ କଛାମାରି ଲୁଗା, ଅଂଗି ପିଂଧୁଥିଲା । ହେଲେ ଲୋକଂକୁ ଭଲ ଲାଗୁନଥିଲା ।



Digitized by srujanika@gmail.com

ସାନ୍‌ବେଳୁ ଆଦିବାସୀ ଝିଅମାନେ ନେପ୍‌ଟା ପିଂଧଂତି । ସେତେବେଳେ ଖେସ୍‌ଲୀ ଗାଁରୁ ଗୁଟେ ତମ୍ ଆମ ଗାଁକୁ ନେପ୍‌ଟା ବିକି ଆସେ । ଆଜି ଝିଅମାନେ ଡେରେସ୍ ପିଂଧିଲେଣି ।

## ମୋ ପିଲାଦିନ

ଆମ ପିଲାଦିନେ ସକାଳେ ଜଲଖିଆ ନାଇଁନି । ସକାଲ ଆଠ୍‌ଟା ନଅଟା ବେଲ୍‌କୁ ମାଂଡିଆ ଅଂଡା ହଉ କି ଭାତ ହଉ କି ମାଂଡିଆ ପେଜ ହଉ, ଖାଇକରି କାମ୍‌କୁ ଯିବା । ଦି ପହରେ ଚାରୁପାଣି - କୁମୁଡା ଡାଳ ଆଣି ତାକୁ ସିଝାଇକରି - ତାକୁ ପିଇବେ । ସଂଧିଆରେ ଭାତ ହଉ, ମାଂଡିଆ ଅଂଡା ହଉ, ତା ସାଂଗକୁ ପିଆଜ ରସୁଣ ଥିଲେ ହେଲା, ନଥିଲାବାଲା ଖାଲି ଲୁଣ ଲଗେଇ ଖାଇବା ।

ଏମିତି ବରଷା ଦିନ ସରିଗଲା, ଅଶିଣ ମାସ ଅଇଲା । ଯାହା ମିଲିଥିବ, ଜମିରୁ ଆସିଥିବ - ଆଲୁ, ବାଇଗଣ, ଟମାଟ - ତାକୁ ଖାଇବେ । ଏମିତି ପୁଷ ମାଘ ଯାକେ ଯାଏ । ତା'ପରେ ଯିଏ ଘରେ ଆଳୁ ରଖିଥିବ ସିଏ ତା ଖାଇବେ । ଯା'ର ଘରେ ନଥାଏ, ସିଏ ସକାଲେ ଚାରୁପାଣି, ରାତିରେ ଭାତ ଚାରୁପାଣି, ଦିନ୍‌ରେ ମାଂଡିଆ ।

ମାଂଡିଆ ଅଂଡା କିମ୍‌ତି କରନ୍ତି ? ପାଣି ସିଝେଇବୁ, ତା ଦିହରେ ମାଂଡିଆ ଚୁନା - ଯେତେ ଚୁନାକୁ ସେତେ ପାଣି - ଅଧା ସିଝିଗଲେ ତାକୁ ଘାଂଟି, ଗୋଟେ ଲୋକକୁ ଗୋଟେ ବେଲା, ଯାହାକୁ ଯେତେ, ଖାଇବାକୁ ଦିଆଯାଏ ।

ସବୁ ସରି ଆସିଲା ବେଲକୁ ଜଂଗଲରୁ ଆଣିଥିବା ମୁଂଡ଼ି କଂଦା ଖରା ମାସ୍‌ରେ ସିଝାଇ ଖାଆଂତି । ପିଲାମାନେ ମାଂଡିଆ ଅଂଡା, ବଡ଼ମାନେ ମୁଁଡ଼ିଆ କଂଦା ସିଝେଇ ଖାଆଂତି । ଥିଲା ଲୋକ ଘରେ ଚାଉଳ, ନଥିଲା ଘରେ ମାଂଡ଼ିଆ - ତା ସାଂଗକୁ ଚାରୁ ନହେଲେ ମୁଂଡ଼ି କଂଦା । ଯାହାର ଜମି ନଥିଲା ସେ ଗୋତି କାମ୍ କରେ । ଦିନ୍‌କେ ସେରେ ମାଂଡିଆ, ନହେଲେ ଚାରିଅଣା ମୋ ପିଲାଦିନେ କାମ୍‌କଲା ଲୋକ୍‌କୁ ମିଳୁଥିଲା ।

ଅତି ଅଭାବ ବେଳେ ଲୋକ୍ କରଜ୍ ଆଣୁଥିଲେ, ଆଉ ଦି ଗୁଣ ଫେରେଇବାକୁ ପଡୁଥିଲା । ଗାଁ ଭିତରେ ଥିଲାବାଲା ଘରୁ ଧାନ୍ କି ମାଂଡିଆ ନେଲେ, ଯେତ୍‌କି ନେବ ସେତ୍‌କି ଫେରାଇବ । ସୁଧ ନାଇଁ । ଫେରେଇ ନ ପାରିଲେ ଗୋତି କାମ୍ କର୍‌ବାକୁ ପଡୁଥିଲା ।



Digitized by srujanika@gmail.com

ବରଷା ଦିନ ଅଭାବ ଦିନ । ବୁଧି ଶାଗ ଆଣି ଖାଉ । ଆଂବ ଟାକୁଆ ରଖିଥାଉ, ଖାଉ । ଆଂବ ଦିନେ ଆଂବ ଖାଇ ଟାକୁଆ ରଖୁ । ଗୁଟେ ବି ପକେଇ ଦବୁନି । ଧାନ୍ ମାଂଡ଼ିଆ ରଖିଲାଭଳି ତାକୁ ରଖିଥିବୁ । ଆମର ଗୁଟେ ଜାନି ଅଛି । ସେ ସେ ଟାକୁଆକୁ ଖାଇବାର୍ ପୂଜା ଆଗ କରିବ । ଜାନି, ଦିଶାରୀ - ଗୁଟେ ଶନିବାର ଦିନ ଯାଇ ଜମିରେ ପୂଜା କଲେ ଯାଇ ଖାଇବାର୍ କଥା । ପୂଜା ସଇଲେ ଟାକୁଆକୁ ଭାଂଗି, ତା ଭିତରୁ ମଂଜିକୁ ଗୁଟେ ଚାଂଗୁଡାରେ ରଖି ତା ଉପରେ ପଥର୍ ଦେଇ ତାକୁ ଝରଣା ପାଣିରେ ରଖିଦବୁ । ତା ପରେ ତାକୁ କାଢିଆଣି ଧୋଇ ପୁଣି ଗୋଟାଏ ବାଉଁଶ ଡ଼ାଲେଣିରେ ରଖି ବାଉଁଶ ବାଂଧି ନଦୀରେ ଘଷି ଧୋଇବାକୁ ନବୁ । ତାକୁ ଘର୍‌କୁ ଆଣି ସେ ଓଦା ମଂଜିକୁ ଲୁହା କୁଟଣିରେ କୁଟି ଦେବୁ । ସେ କୁଟାକୁ ଗୁଟେ ବାଉଁସ ହାଂଡିରେ ରାତିଟା ରଖି ସକାଲୁ ତାକୁ ନେଇ ନଇରେ ପାଣି ଭିତରେ ରଖିବୁ । ବାର୍‌ଟା ବେଲକୁ ସେ ପାଣିରେ ଧୂଆ କୁଟା ମଂଜିକୁ ଆଣିବୁ । କଷା ଲାଗୁଚି କି ନାଇଁ ଦେଖିବୁ । କଷା ଲାଗୁଥିଲେ ପୁଣି ଧୂଆ ହେବ । କଷା ଛାଡିଲା ଯାଏ ଧୂଆ ହେବ । ତାକୁ ଆଣି ମାଂଡିଆ ରାଂଧିଲା ପରି ରାଂଧି ଖାଇବୁ । ଏବେବି ସବୁ ଆଦିବାସୀ ଘରେ ଆଂବ ଟାକୁଆ ଏମିତି ଖାଆଂତି ।

ପିଲା ଜନମ୍‌ହେଲେ "ବୋଟ୍‌କି" (ନାହି) କାଟ୍‌ବାର୍ କଥା । ଏବେ ସିନା ଆମେ ସୂତା ଓ ପାତିରେ କାଟ୍‌ବା ଜାଣିଲୁ । ଆଗେ, ମାଟି ହାଂଡି ଖପରା ଖଂଡେ ଆଣ୍‌ବେ, ଆଉ ଗୋଟାଏ ଖୁରା । ବୋଟ୍‌କିରେ ହାଣି ଖପରା ଲଗାଇକରି ଖୁରାରେ ଏକା କାଟ୍‌ବାଟା । ବେଲେଡ୍ ନାଇଁ, କିଛି ନାଇଁ । କାଟି ସାରିଲା ପରେ ଗରମ ପାଣି କରି ମା ଆଗେ ଗୋଧେଇବ, ନ ହେଲେ ପିଲାକୁ ଆଗେ ଗୋଧେଇବେ । ସେ କାମ ପାଇଁ ଏବେ ନରସ୍ ଗୁଟେ ଲାଗୁଚି । ଆଗେ ଗାଁର ଜାଣିଥିବା ବୁଢୀ ଗୁଟେ ଜନମ୍ କରାଇବା, ବୋଟକି କାଟିବା, ଗରମ୍ ପାଣିରେ ପିଲାକୁ ଗାଧୋଇବା କାମ୍ କରେ । ସେ ଆମ ପିଲାର ପେଟ ଚିପି ଦେବ, ତେଲ ଲଗାଇଦେବ, ଗାଧୋଇ ଦେବ ଓ ମା'କୁ ଦେବ ଓ ବୁଢୀ ନିଜେ ନଦୀରେ ଗାଧୋଇବାପାଇଁ ଯିବ । କେତେ ଦିନ ପରେ ନାହି ଧରିଲା ପରେ ଗୁଟେ କୁକୁଡ଼ା ମାର୍‌ବେ; ଥିଲା ଲୋକ ଚାରିମାଣ୍ ହେଉ, ପାଂଚ ମାଣ୍ ହେଉ, ନଥିଲା ଲୋକ ଏକ କେଜି ବା ଦୁଇ କେଜି ଚାଉଳ ରାଂଧିବେ । ସେ ଭାତ ଓ କୁକୁଡ଼ାକୁ ନେଇ ଗୁଟେ



Digitized by srujanika@gmail.com

ବୋଟ୍‌କି ଖାଇରେ ପୂଜା ହୁଏ । ସେ କୁକୁଡ଼ା ମାଉଁସ ସେ ପିଲାର ମା ଏକା ଖାଇବ, ଲୋକ୍ ଖାଇବେନି । ଆଉ ସେ ମା'ର ଘରର୍ ଲୋକ୍ ବଡ଼ କୁକୁଡ଼ା ମାରି ରୋଷେଇ କଲେ ଗାଁର ସମସ୍ତେ ଖାଇବାକୁ ଯିବେ । ନାହିଁ ପୂଜିଲା ଦିନ ଦି କେଡି ହେଉ, ତିନ୍ କେଡି ହେଉ ବଂଧୁ ସମଦି ମାନଂକୁ ଚାଉଳ ଦେବେ, ଆଉ କୁକୁଡ଼ା ମାଂସ ଦେବେ । ସେମାନେ ତା ରାଂଧି ଖାଇବେ ।

ଆଗେ ପିଲାଜନମ୍ ଏମ୍‌ତି ହେଉଥିଲା - ନରସ୍ ନଥିଲା, ଡ଼ାକ୍ତର ନଥିଲା, କେହି କିଛି ବୁଝେଇବାକୁ ନଥିଲେ । ଏମ୍‌ତିରେ ପିଲା ଜନମ୍ କଲେ ପିଲାକୁ କଣ ରୋଗ ହବ କି, କିଛି ଜାଣୁ ନଥିଲେ । ସେମ୍‌ତି ଘରେ ପିଲା ଜନମ୍ ହେଉଥିଲେ । ଏବେ ଟିକିଏ ବଦଳି ଗଲାଣି । ଏବେ ଗୋବର ପାଣିରେ ଲିପାଲିପି କରି ସେଠି ପିଲା ଜନମ୍ ହେଉଚି ।

ଅନ୍ୟମାନେ ପିଲା ଜନମ୍ ହେବା ଆଗରୁ ଦି ମାସ୍ କାଳ କିଛି କାମ କରିବେ ନାହିଁ । ହେଲେ ଆମ ଆଦିବାସୀ ମା'ମାନେ ପିଲା ଜନମ୍ କଲା ପର୍‌ଯଂତ କାମ କର୍‌ବେ, ଧାନ୍‌କୁଟ୍‌ବେ, ମାଂଡିଆ କୁଟ୍‌ବେ, ପାଣି ଆଣ୍‌ବେ, ଡଂଗରକୁ, ହାଟ୍‌କୁ ଯିବେ, ସଂଧ୍ୟାରେ ଅଇଲା ବେଳକୁ ପିଲା ଜନମ୍ କରିବେ । କାହାର ପିଲା ନଷ୍ଟ ହେଇଯାଉଚି, ବହୁତ ବାଧା ହେଉଚି । ଅନ୍ୟମାନେ ଦି ମାସ୍, ତିନ୍ ମାସ ପର୍‌ଯଂତ ପାଣି ହାଂଡି ଆଣ୍‌ବେ ନି । ଆମ ଆଦିବାସୀଂକୁ ତ କାମ୍ ନକଲେ ଖାଇବାକୁ ମିଲ୍‌ବ ନାଇଁ ବୋଲି, ମା'ମାନେ ଜନମ୍ କରିବା ପର ଦିନ୍ ଠାରୁ କାମ୍ କର୍‌ବେ । ଆଦିବାସୀଂକ ବିଶ୍ୱାସ୍, ମା' ଶୋଇଥିଲେ, ପିଲା ଶୋଇଥିବ । ତେଣୁ ଶେଷ ପର୍‌ଯଂତ କାମ୍ କଲେ କଷ୍ଟ ହବ ନାଇଁ ।

ଆଉ ଆଦିବାସୀ କୁଳରେ ଗୁଟାଏ ଦିନ କି ଗୁଟାଏ ଓଳି ଡେଲିଭରି ଯଦି ନହେଲା, ବୋଇଲେ ଡାକ୍‌ତର୍ ନାଇଁ, ନରସ୍ ନାଇଁ, ଯା ସେ ଦିଶାରୀକୁ ଡାକି ଦିଅ, ଗୁରୁମାଇକି ଡାକିଦିଅ - ଦିଶାରୀ ପାଂଜି ଦେଖୁ ବୋଲି । ଏଟା ଏବେ ବି ଅଛି ଯେ, ଟିକେ କମି ଗଲାଣି । ଏବେ ମେଡ଼ିକାଲ୍‌ରେ ନେବା ଚେଷ୍ଟା କି ନରସ୍‌କୁ ନେବା ଚେଷ୍ଟା କରୁଚଂତି । ଆର୍ ଆଗରେ ପାଂଚ୍ ଦିନ୍, ଦଶ୍ ଦିନ୍ ହେଲେ ବି ସେ ଦିଶାରୀ, ନହେଲେ ଚେରମୂଳୀ ହେର୍‌କା କରୁଥିଲେ ।

ଆମ ଗାଁର ଗୁଟେ କଥା କହୁଚି । ଆମ ଗାଁର ସେ ଝିଅ, ଆମଠୁ ବଡ଼ । ଏ ରବିବାର ଦିନ ଡେଲିଭରୀ ହବା ପାଇଁ କଷ୍ଟ ଆରଂଭ ହେଲା, ଆର ରବିବାର ଦିନ ସେ ଝିଅଟି ମରିଗଲା । ମେଡ଼ିକାଲ୍‌ରେ ନେଲେ ନାଇଁ । ଦିଶାରୀ, ଗୁରୁମାଇ ଡ଼ାକ, ଚେରମୂଳ



Digitized by srujanika@gmail.com

କଲେ, କୁକୁଡ଼ା ପୂଜା କଲେ - କିଛି ହେଇ ପାରିଲା ନାହିଁ, ଝିଅଟି ମରିଗଲା । ଏବେ ଟିକିଏ ଟିକିଏ ଗିଆନ୍ ହେଲାଣି, ମେଡ଼ିକାଲ୍‌କୁ ନବାକୁ ପଡବ୍ କି ନରସ୍ କି ଧାଇ ଆଣ୍‌ବାକୁ ପଡବ୍ ବୋଲି କରୁଚଂତି । ସେବେ ପିଲା ଜନମ୍ କରିବା ଝିଅ କଷ୍‌ଟ ପାଉଥିଲେ ତାକୁ ନଡ଼ିଆ, କୁକୁଡ଼ା ମାଉଁସ ଖୁଆଇ ଦେ, ଛାଂଚୁଣୀମୁଠାର ଖଂଡ଼େ ଛିଡ଼େଇ ମୁଂଡ଼ରୁ ଗୋଡ଼ ପର୍ଯ୍ୟଂତ ସୁଁ କରି ଫୁଁକି ଘସରେଇ ଆଣ୍ । ତା ସାଂଗକୁ ଦେବୀ ଦେବତାଂକୁ ମନେ ପକେଇ ପିଲା ଜନମ୍ ହେଇଯାଉ ବୋଲି ଡାକିବା ।

ତେଲିଭରି ସମୟରେ ଗୁରୁମାଇ ହେଉ, ଦିଶାରୀ ହେଉ, ଆସ୍‌ବେ, ଗୁଟେ କୁଲାରେ ପୋଷେ ଚାଉଲକୁ ହାତରେ ଧରି ଦିଟା ଦିଟା କରି ରଖିବେ । ଯଦି ୨ ,୪, ୮, ୧୦ ଆଦି ଯୋଡ଼ା ହେଲା ତେବେ ପିଲା ଜନମ୍ କଷ୍‌ଟ, ଯଦି ୩, ୫, ୭, ୯ ଯୋଡ଼ା ହୁଏ ତେବେ ଭଲ୍ ବୋଲି ବୁଝ୍‌ବେ । ପିଲା ଜନମ୍‌ର ହେଉ ବା ବଡ଼ ବେମାରୀରେ ହେଉ, ୮ କି ୧୦ ଯୋଡ଼ା ହୋଇଗଲେ ଭାରି କଷ୍‌ଟ; ୩, ୫, ୭, ୯ ଯୋଡ଼ା ହେଲେ ଶୀଗ୍‌ରେ ଭଲ୍ ହେବ । କେତେ ଘଂଟାରେ ବା କେତେ ବେଳରେ ଜନମ୍ ହେବ ସେ କଥା ଦିଶାରୀ, ଗୁରୁମାଇ କହିବେ ଓ ସେ ଚାଉଳ ସେ ନେବେ । ହଳଦୀ ପାଣିକୁ ଦୁବ ବୁଡ଼ାଇ ସବୁ ଜାଗାରେ ପକାଇ ଦେବଦେବତାଂକୁ ଡ଼ାକିଯିବେ । ଯୋଉଠି ଝୁଣା ଥିବ ସେଠି ଦେବଦେବତା ରହିବେ । ଯେଉଁବାଟେ ପାଣି ପକା ହେଇଥିବ ସେ ବାଟେ ଦେବଦେବତା ପଲାଇବେ ।

ଆଦିବାସୀ କୁଳରେ ସବୁ ସତ ନାଇଁ କି ସବୁ ଅଂଧବିଶ୍ୱାସ ନାଇଁ । ଦିଶାରୀ ପାଂଜି ଦେଖି ଏତେ ସମୟରେ ପିଲାଟି ହବ ବୋଲି କହିଲେ, ସେ ସମୟରେ ହବା ବେଶି ବେଳ ସତ ।

ଆମ ଆଦିବାସୀ ସମାଜରେ କୋଉ ଝିଅ ବାର୍ ବରଷ୍, କୋଉ ଝିଅ ଚଉଦ ବରଷ୍ , କୋଉ ଝିଅ ପଂଦର୍ ବରଷ୍‌ରେ ବାହା ହେଉଚଂତି । ଏବେ ନିୟମ ଅଛି ଅଠର ବରଷ୍, ଉଣେଇଶ ବରଷ୍ ହେଲେ ବାହା ହବାଟା । ଆମେ ତ ସେ ନିୟମ କିଛି ଜାଣୁନେ । ମୁଁ ତ ଜାଣି ପାରିବାର ନାଇଁ ମୋ ଝିଅ କେତେ ବରଷ୍‌ରେ ଜନମ୍ ହେଲା । ଆଉ କାହା କଥା କଣ୍ କହିବି? ଛୋଟ ଝିଅକୁ ବାହା କରି ଦେବାରୁ ପିଲା ହେଲା ବେଳକୁ ତାଂକୁ କଷ୍‌ଟ ହେଉଚି । ଆମେ ସେ କଥା ଜାଣୁନୁ । ପିଲା ହେଲାବେଳକୁ ଦିଶାରୀ, ଗୁରୁମାଇ ଡାକି, କୁକୁଡ଼ା ନଡ଼ିଆ ଦେଇ ଦେବଦେବତାଂକୁ ଡାକୁଚୁ, ପୂଜାପାଠ୍



Digitized by srujanika@gmail.com

କରୁଚୁ ।

ଆମର ବହୁତ୍ ଅଂଧବିଶ୍ୱଆସ ଅଛି । ଅନ୍ୟ ଜାତିର ଲୋକ ଆସି ଘରେ ପଶିଲା ବୋଲି ମୋ ପିଲାର ଜର୍ ହଉଚି, କି ମୋର ଅଂଡିରା ଜର୍ ହଉଚି କି ମୋର ମାଇକିନା ଜର୍ ହଉଚି ବୋଲି; ସେଟାରେ ଦିଶାରୀ ଗୁରୁମାଇ କର୍‌ବେ । ସିଟା ଗୁଟେ ବହୁତ ଅଂଧବିଶ୍ୱଆସ ।

ଡମ୍ ଆମ ଘରେ ପଶିଲେ, କି କଂଧ କି ହାଡ଼ି ପଶିଲେ ସେମାନେ ଗୋରୁ ମାଉଁସ ଖାଉଚ ବୋଲି ଆମ  ଘରର ହାଂଡି କୁଂଡି ସବୁ ପକେଇଦେବେ । ତାଂକଠୁ ପାଣି ବି ଛୁଇଁବେ ନାଇଁ । ଏବେ ଆମ ଗାଁର ବୁଢା ଦୁଇଟା, ବଜାରରେ ଡମ୍‌ମାନେ ଛୁଇଁଚଂତି ବୋଲି ନଦୀରେ ଲୁଗାସବୁ ଧୋଇ ଘର୍‌କୁ ଗଲେ । ଏଇଟା ବହୁତ୍ ଅଂଧବିଶ୍ୱଆସ ।

ଆଗେ ଆମ ଜେଜେଂକ ଅମଳରେ ଏମ୍‌ତି ଛୁଆଁ-ଅଛୁଆଁ ନଥିଲା । ଆମ ଗାଁରେ ଦିଟା ଡମ ଘର ଅଛଂତି । ତା'ର ବାପା ଓ ମୋର୍ ବାପା ସାଂଗ ଥିଲେ । ସେମାନେ ବେପାର କରଂତି । ଆମ ପିଲେ ତାଂକ ପିଲାଂକ ସଂଗେ ଖେଳଂତି । ହେଲେ, ସେମାନେ ଆମ ରଂଧା ଘରକୁ ଆସିବେନି, ଆର୍ ଆମେ ତାଂକ ଘରେ ଖାଇବୁନି । ଏ ସବୁ ଛୁଆଁ-ଛୁଇଁ ଅଫିସର୍‌ମାନେ ଆସିବା ପରେ ଆରଂଭ ହେଲା । ଆମେ ଆଉ କାହା ଘରେ ଖାଇବୁ ନାଇଁ । ଆମ ପୁଅ ପିଲା ଆଉମାନଂକ ଘରେ ଖାଇବେ - ବାହ୍‌ମୁଣ, କରଣ, ଗଉଡ, ସମସ୍‌ତଂକ ଘରେ ଖାଇବେ । ହେଲେ, ମାଇକିନିଆମାନେ ଖାଇବେ ନାଇଁ । ପୁଅ ପିଲା ଡ଼ମ ଘରେ ବି ଖାଇବେ ନାଇଁ ।

ମଇଁଷୀ ଦଶରା ପରବ୍‌ରେ କାଟ୍‌ବେ, ପୁଷ ପୁନିଅରେ କାଟ୍‌ବେ । ଆମେ ଆଦିବାସୀ, "ପରଜା ଖାଇଲା ପୋଢ, ରଜା ଖାଇଲା ପାନ" । ପରଜା ବଡ୍, ରଜା ସାନ୍ । ତେଣୁ ଆମ୍‌ଆଡେ ଏମ୍‌ତି ମଇଁଷୀ କାଟ୍‌ବା ଅଛି । ତା'ର ମାଉଁସ ଯିଏ ନ ଖାଆଂତି ସିଏ ଆର୍ ଘରକୁ ଦେଇ ଦିଅଂତି ।

ଗୋରୁ ଗାଇ କାଟ୍‌ବା ନାଇଁ । କାହା ବାଡିରେ କାହା ହାତରେ ଗୋରୁ ଗାଇ ମରିଗଲେ, ସେ ଘରୁ ଯାଇ ଭିକ ମାଗି ବୁଲ୍‌ବ । କିଏ ଦି ଅଣା, କିଏ ଚାରି ଅଣା, କିଏ ଖାଇବାକୁ ଦେବେ । ଟଂକା ହେଲେ, ପୁରୀ ଯାଇ ସମୁଦର୍‌ରେ ଗୋଧୋଇ ଆସିଲେ ପୁଣି ଘରେ ପଶ୍‌ବ । ହରିଜନ୍, ଡ଼ମ ମାନଂକର ଜମି ନାଇଁ । ସେମାନେ ବେପାର କରଂତି । ମୋର୍ ବୁଆ ଆର୍ ଲୋକ ତାଂକ ଜମିର୍ ଜିନିଷ ଛୋଟ ଛୋଟ ଭାଗ ଥିଲେ ନିଜେ ଯାଇ



Digitized by srujanika@gmail.com

ହାଟ୍‌ରେ ବିକଂତି । ମାତ୍‌ର, ବେଶି ଫସଲ ବିକିବାର ହେଲେ, ତ୍‌ମ ମାର୍‌ଫତ୍‌ରେ ବିକଂତି । ସେମାନେ ଠକଂତି ନିଶ୍‌ଚୟ । ହେଲେ, ବାପାଂକୁ ମାନୁଥିଲେ, କଳି ହେଉ ନଥିଲା ।

ହଁ, ପିଲା ଜନମ୍ କଥା କହୁଥିଲି । ପିଲା ଜନମ୍ କଲାବେଳେ ପୁଅପିଲା ସେଠି ପଶ୍‌ବେ ନାଇଁ । ଆମର ଆୟା ମୋ ଉପରେ ଗୁଟେ ଝିଅ ଜନମ୍ କରିଥିଲା ସାତ ମାସରେ । ସେ ଝିଅଟି ମରିଗଲା । ଆୟା ସେ ଝିଅକୁ ଜନମ୍ କଲା ତା ଆୟା ଘରେ । ତା ପରେ ଆମ ଘରକୁ ଆସିଲା ପରେ ତିନି ବରଷ୍‌ରେ ମୁଇଁ ଜନମ୍ ହେଲି । ଆୟା କହେ, ମୁଇଁ ବେଶି କଷ୍‌ଟରେ ଜନମ୍ ହୋଇନାଇଁ, ଶୀଘ୍‌ରେ ଜନମ୍ ହେଲି । ମୋ ବଡ଼ ବାପାର ପୁଅ ଝିଅ ନାଇଁ । ଆମ ଘରେ ମତେ ସମସ୍‌ତେ ବହୁତ ଖୁସିଗେଲ କରୁଥିଲେ । ବଡ଼ ମଣିଷ ଯୁଆଡେ ଗଲେ ମୋତେ ବିସକୁଟ୍ ଆଣି ଦେଉଥିଲେ, ବହୁତ ଆଦର କରୁଥିଲେ । କେହି ହଇରାଣ କରିନାଇଁ କି ମୁଇଁ ଅସୁବିଧାରେ ନାଇଁ ।

ଝିଅ ପିଲା ଜନମ୍ ହେଲେ କାଇଁକି ସମସ୍ତେ ଖୁସି ହେବେ କି, ଝିଅ ପିଲା ଛୋଟ ବେଳଠୁଁ କାମ୍ କରିବ । ପୁଅ ପିଲା ଛୋଟରୁ ବଡ ହେଲା ଯାଏ ବେଶୀ କାମ କରି ପାରିବ ନାଇଁ । ଖାଇବେ, ତାଡ଼ି ପକାଇ ପଳେଇଯିବେ । ଆମେ ଝିଅପିଲା ବାସନ ମାଜିବୁ, ଧାନ୍ କୁଟ୍‌ବୁ, ମାଂଡିଆ ଗୁର୍‌ବୁ, ଆମର ଆୟା ମାନ୍‌କେ ବହୁତ୍ ସୁବିଧା କର୍‌ବୁ । ପୁଅପିଲା ହେଲେ କନିଆ ଆଣି ଦେବାଟା - ଟଂକା ଖରଚ୍ ହେବ । ଆମେ ଗଲେ ଆମର ଟଂକାରେ ମା ବାପା କିଣି ଖାଇବେ, କିଏ ଶହେ, କିଏ ଦି ଶହ, କିଏ ହଜାରେ । ସେଥିପାଇଁ ଝିଅ ଜନମ୍ ହେଲେ ଭଲ ବୋଲ୍‌ବେ । ମାତ୍‌ର, ଚାରଟା ପାଂଚଟା ଝିଅ ହେଲେ ମନ୍ ଖରାପ୍ କର୍‌ବେ । ଦୁଇଟା, ତିନ୍‌ଟା ପୁଅ ପରେ ଗୁଟେ ଦିଟା ଝିଅ ହେଲେ ଝିଅ ପାଇଁ ଶରଧା ହେବେ ।

ଆମ ଆଦିବାସୀ ଭିତରେ ଯାହାର ମନରେ ଇଚ୍ଛା କଲା ଏଇ ପିଲାର ଏଇ ନାଆଁ ହଉ ବୋଲି ସେ ନାଆଁରେ ଡାକ୍‌ବା କଥା । ଆମ୍‌ର ତ ଏକୋଇଶିଆ ନାଇଁ କି ଜାତକ୍ ନାଇଁ କି କିଛି ନାଇଁ । ମୁଇଁ ଆମର ଗାଁରେ ଚାରି-ପାଂଚ ପିଲାର ନାଆଁ ଦେଇଚି । ବାପା-ମା ସେଇ ନାଆଁରେ ଡାକୁଚଂତି । ଆମର ଏ ପରଯ୍ଂତ ସେମିତି ଚଳଣି ଅଛି । ଯିଏ ପାଠ୍-ଶାଠ୍ ପଢ଼ିଲେନ୍ ସିଏ ଯାଇ ପାଂଜି ଦେଖାଇ, ପାଂଜିରେ ଏ ନାଆଁ ପଡିଲା



Digitized by srujanika@gmail.com

ବୋଲି ଦେଖୁଚଂତି । ହେଲେ, ସେମିତି ବେଶି ନାଇଁ । ମୋତେ ସୁମନୀ ନାଆଁ କିଏ ଦେଲେ, କିଏ ରଖିଲେ, ମୁଇଁ ଜାଣି ନାଇଁ ।

ପିଲା ଜନମ୍ ହେଲାର୍ ପଂଦର ଦିନ, ନହେଲେ ମାସେ, ନହେଲେ ପଇଁତିରିଶ୍ ଦିନ୍ ଗଲେ ମୁଂଡର ବାଳ ଖୁରେଇ ଦେବେ । କାହିଁକି ନା ଏଇଟା ଜନମ୍ ବାଳ ଅଛି । ତାକୁ ସେମିତି ଦେବ୍ତା ଘରେ ପୁରେଇ ହେବ ନାହିଁ ବୋଲି ଖୁରେଇ ଦେବେ । ଆଉ ଝିଅ ପିଲା ପାଞ୍ଚ କି ଛଅ ବରଷ୍ ହେଲାରୁ ଗୁଟାଏ ବଟୀରେ ଜଡାତେଲ ଆଉ କୁକୁଡାର ଏକ ଆଖି ନେଇ ତାର ବାଲ୍ ଟଂଗରୁ କରି ଖୁରେଇ କରିଦେଇ ସେ ତେଲ ଲଗାଉଥିଲେ । ସେ ଦିନଠୁ ସେ ବାଳ ବଢଉଥିଲା ଓ ଦିହରେ ଶାଢୀ ପିଂଧୁଥିଲା । ଏବେ ଆଉ ସେ ନିୟମ ନାଇଁ ।

ମୁଇଁ ପାଂଚ ବରଷ୍ର ହେଲା ବେଲ୍କେ ଖେଳ୍ବାର ଚେଷ୍ଟା କଲି । ଆମର୍ ଲୋକ ସାଂଗରେ ଏକା ଖେଳ୍ବାର୍ । ଆୟା ବୁଆ ଯେତେ ମନାକଲେ ମିଶା ପିଲା ଧର୍ଲନି । ଜଣେ ପିଲା ଧରବ୍, ଜଣେ ଖେଲିଯିବ । ପିଲାକେ ନେଇ କରି ଶୁଆଇ କରି ବି ଖେଲ୍ବା । ସେମ୍ତି କରି ଆମେ ଖେଲୁଥିଲୁ ଆମର ସାଂଗର ଲୋକ୍ ସାଂଗରେ । ଥରେ ପଡିଯାଇ ପଥରରେ ମୁଂଡ଼ ଫାଟି ଗଲା । କେତେ ଦିନ ଖେଳ ବଂଦ୍ ଥିଲା ।

ଛଅ ବରଷ୍ ଠଉଁ ମୁଁ ଭଲ୍ ଭାବରେ ଜାଣ୍ଲି । ଜାଣ୍ଲା ପରେ କେମ୍ତି କରି ଖେଲିଯିବାର ବୋଲି ପିଲାମାନଂକ ସାଂଗରେ ଏକଜୁଟ୍ ହେଇକରି ଖେଲିଯିବାର । ସମୟ ପଡ୍ଲେ ଦୁଇ କେଜି, ତିନ୍ କେଜି ଧାନ୍ ବି କୁଟ୍ବାର୍, ମାଂଡିଆବି ଗୁର୍ବାର୍, ଆର୍ ଜଂଗଲରେ କାଠ୍କୁ ଯିବାର୍, ବର୍ଷା ମାସ୍ରେ କୁ ଦିନ୍କୁ କାଠ୍ ମିଳ୍ଲେ ତର୍ କାଠ୍ ଧରି ଆସ୍ବାର୍, କାଠ୍ ନ ମିଲିଲେ ପିଲାମାନଂକ ସାଂଗରେ ବାଲିରେ ଘୁରି ଘୁରି ଖେଲ୍ବାର୍, ପଲେଇବାର୍ । ଛଅ-ସାତ୍ ବରଷ୍କୁ ସେମିତି ହେଲୁ । ଆଠ୍-ନଅ ବରଷ୍କୁ କୋଉଠି ପିଲାମାନଂକ ସାଂଗେ ମୁଂଡଇଲେ, ଜଂଗଲରେ କଂଦା ଫଦା ପାଇଲେ, ନଦୀରେ ମାଛ ଧରବା ପାଇଁ ଯିବାର । ମାଛ ମିଲିଲେ ମିଳିଲା, ନ ମିଲିଲେ ନାଇଁ ।

## ମୁଇଁ ଧାଂଗଡୀ ହେଲି

ସେମିତି କରି ନଅ-ଦଶ ବରଷ୍କୁ ଧାଂଗଡୀ ହେଇ ଆସିଲୁ । ଧାଂଗଡୀବାସା



Digitized by srujanika@gmail.com

କଲୁ । ଆମ ଆଦିବାସୀ କୁଳରେ ଧାଂଗଡା ବାସା ଗୁଟେ, ଧାଂଗଡୀ ବାସା ଗୁଟେ । ଧାଂଗଡା ଧାଂଗଡୀ ଗୁଟେ ଥାନରେ ନାଚ, ଗୀତ, ଖେଳ, ତୁତୁଂଗୀ ବା କୀଂଦ୍ରା (କେନ୍ଦରା) ସାଂଗରେ । କୀଂଦରାକୁ କେମ୍ତି କର୍ବେ - କାଠବାଡି ହେଉ, ବାଂଶବାଡି ହେଉ, ତାକୁ କାତିରେ କାଟି ଦେବେ, ଦୁଇ ମୁଂଡରେ ଦୁଇଟା କଣା କର୍ବେ । ସେ ବାଡ଼ିକୁ କୀଂଦ୍ରାରେ ଯୋଡି ଦେବେ । ଛେଳି ଚମଡା ଶୁଖେଇ ରଖିଥିବେ, ତାକୁ କୀଂଦରାରେ ଛାଇବେ । ଛୋଟ ଛୋଟ ବାଂଶ କାଠି କାଟି ତାକୁ କୀଂଦରା ଦେହରେ ଲଗାଇ ତାର ଦେଇ ଟାଣି ଦେବେ । କୀଂଦରା ଯେତେ ଭଲ୍ ବାଜିଲେ ସେତେ ଭଲ୍ ଗୀତ ଆସ୍ବ । ଏ କୀଂଦରା ଭଲ୍ ନୁହଁ, ସେ କୀଂନ୍ଦରା ଭଲ୍ ବୋଲି ଆମ ଧାଂଗଡା ଧାଂଗଡୀଙ୍କ ଭିତରେ କେତେବେଳେ ଉତାଉତି ହବା, ଗଂଡଗୋଳ ବି ହବା । ସେମ୍ତି କରି ନାଚ, ଗୀତ କର୍ବା ଆଉ ସକାଳ ପାଇଲେ ଯାର ଘରକୁ ତାକେ ଯିବା । ଯାଇକରି ଆମେ ବାସନ ମାଜ୍ବାର, ପାଣି ଆଣ୍ବାର, ଦାଂତରେ ଛେରା ମାର୍ବାର । ଏ କାମ ସାରି ଆମେ ଝିଅପିଲା ଧାଂଗଡା ମାନଂକ ସାଂଗରେ ଆର୍ ଏକଜୁଟ୍ ହେବାର୍ । ଆଜି କେଣେ ଯିବା, ନାଁ ନାଇଁ, କାଲି କାଟ୍କୁ ଯାଇଥିଲୁ, ଆଜ୍ ମାଛ୍କୁ ଯିବା । ନଦୀରେ ଯିବା, ସେ ମାଛ୍ ମିଳୁ ବା ନ ମିଳୁ । ମିଳିବା ଦିନେ ଆଣ୍ବା । ନ ମିଳିଲା ଦିନେ ବକରୀ ବକରୀ ଗାଧୋଇବା ଆର୍ ପଲେଇ ଆସ୍ବା । କାଲି ମାଛକେ ଗଲୁଁ, ଆଜି କେଣେ ଯିବା, ନାଁ ଆଜି କେଣେ ଯିବା ନାଇଁ, ଘରେ ରହିବା । ମକା, ମାଂଡିଆ ଦେଇ ଆସେନା, ନାଇଁନା ମୁଇଁ ଧାନ୍ କୁଟ୍ବି ବୋଲି ଆମେ ଏକାଠି ହୋଇ କହୁ । ତୋର୍ ଧାନ୍ କୁଟ୍ଲେ ମୋର ମାଂଡିଆ ଗୁର୍ବାର୍ ନାଁ - ସେ କାମ୍ଟା ଶୀଗ୍ରେ ସରବ୍ ବୋଲି । ଆମ ଶିରିଗୁରାରେ ସେକାଳେ ବହୁତ ଗୁର୍ (ଗୁଡ) । ସବୁ ଝିଅ ଗିନାରେ ଗିନେ ମାଂଡିଆ (ଜାଉ) ଆଣିଲେ କିଏ ଜଣେ ଗୁର୍ (ଗୁଡ)ଆଣ୍ବ । ଲୁକେଇ କରି ଆଣ୍ବ । ଆମେ ଏମିତି ଲୁକେଇ କରି ବହୁତ ଗୁର୍ ଖାଇଚୁ । ଖାଇସାରି, ଖରାମାସ ହେଇଥିଲେ, ନଦୀରେ ଯିବା ଗାଧେଇ ବୋଲି । କେତେବେଳେକୁ ପିଲାମାନଂକ ସାଂଗରେ ମାତ, ପୁଅ ପିଲାଂକ ସାଂଗରେ ଗଂଡଗୋଳ୍ ବି ହେବାର୍ । ହେଲେ ଆସି କା'ର ମା ବାପାକେ କହିବାର୍ ନାଇଁ । କଳିହେଲେ ବି ମିଶିଯିବେ ।

ଥରେ, ଆମେ ଆଠ-ନଅ ବରଷ୍ର ହେଇଥିଲୁ । ଗୁଟାଏ ପରବ୍ କରବାର୍ - ମିଛେ ମିଛେ । ଧୂଳି କି ଭାତ୍ ବୋଲି ରାଂଧ୍ବାର୍, ମାଉଁସ ବୋଲି ମାଟି ଗଦାରୁ ଖଂଡେ



Digitized by srujanika@gmail.com

ଖଂଡେ । ଆମ କୁଣିଆ ଘର ଆସିଶନ୍ ବୋଲି । କନିଆ ମାଗିବା ବୋଲି କହି, ଗୁଟେ ଝିଅକୁ ପୁଅଟେ ଟାଣି ଟାଣି ନେବାର । ସେମ୍ତି କରି ଖେଳୁଥିଲୁ । ଆଉ, ବୁଧି ଆସିବାରୁ, ଏମିତି ନାଇଁ, ଅନ୍ୟ ଖେଳ୍‌ଟେ ଖେଳ୍‌ବାର୍ ବୋଲି, ବୈଶାଖ ମାସରେ ଓଷା ପରବ୍ ଖେଳୁଥିଲୁ । ଆମର ଗୁଟେ ଝିଅ ପିଲା ଖୁଂଟି ଗୁଟେ ମାଡି ଦେଲା, ଏ ଗୋଡ୍‌ଠୁ ସେ ଗୋଡ୍ ଚିଂଗରୀ ହେଇଗଲା । ଏଟା ବାଜଣ୍ୟା ହେଇଥିଲେ, ମରିଆ ହେଇଥିଲେ, ବେଜୁଣୀ ହେଇଥିଲେ, କିଏ ବୁଢୀ ହେଇଥିଲେ ସେ ମା'କୁ କିସ୍ କରିବାର: ଜନ୍‌ହା, ବାଲିରେ ପୋଡି, ପାଣି ଦେଇ ଜନ୍‌ହା ଗଜା ହେଲାକୁ ସେଟା ହଳଦୀ ଲଗାଇ ଏଇଟା ଆମେ ବାଲି କାଢିଚୁ ବୋଲି । ଆଉ ତିନି ଚାରିଟା ପୁଅ ପିଲା – ଜଣେ ବାଜଣିଆ ହୋଇଥିଲା, ଜଣେ ମରିଆ ହେଇଥିଲା, ଡସାବାଲା ଜଣେ ହୋଇଥିଲା । ସେ ଡସା କିସ୍ କର୍‌ବେ: କୁଂଭାର ହାଂଡିକେ ଏଡେଟା କରି ତିଆର୍ କରାଇବେ, ଛେଳି ଚମଡା ତା' ଉପରେ ଲଗାଇବେ – ତା' ହେବ ଡସା । ଡଂଗରାକେ କିସ୍ କର୍‌ବେ – ଗଛ, ଦି ତିନି ଇଂଚର ପଟା କର୍‌ବେ, ତାକୁ ପତଳା କରି ତା' ଉପରେ ଛେଳି ଚମଡ଼ା ଲଗାଇ ଦେଲେ ସେଇଟା ହେବ ଡଂଗରା । ବାଜା ଦି ପ୍ରକାରର – ଲୁହା ବାଜା, ମାଟି ବାଜା । ଏ ବାଜା ପାଇଁ ଗାଇ ଚମଡା – ଛେଳି ଚମଡା ନୁହଁ । ଢ଼ମ୍‌କୁ କହି ମଲା ଗାଇର ଶୁଖା ଚ଼ମଡା ଆଣ୍‌ବେ । ଡଂଗରା ବଜାର୍ ନାଚ୍ ହେବ । କଂଧ ଓ ବେଶିକରି ଗଉଡ଼ମାନେ ନାଚିବେ ଡଂଗରା ବାଜା ସାଂଗରେ । ଆମେ ବି ନାଚୁ । ହେଲେ, ମୁଁ ବିଲ୍‌କୁଲ୍ ନାଚି ଜାଣିବି ନାଇଁ । ଧାଗଂଡ଼ା ସାଗଂରେ ଧାଂଗଡୀ ଡଂଗରା ବାଜା ସାଂଗରେ ନାଚ୍‌ବେ । ଅଧେ ଧାଂଗଡୀ ନାଚ୍‌ବେ, ଅଧେ ଗୀତ ଗାଇବେ । ଯୁ ପର୍‌କାର୍ ଧାଂଗଡ଼ା ଆସିବେ, ସି ପର୍‌କାର୍ ଗୀତ ଗାଇବାର୍ । ଧାଂଗଡୀକୁ ନେବାକୁ ଅଇଲା ବେଳକୁ ଅଲଗା ଗୀତ, କୁଣିଆ ଯିବା ଗୀତ ଅଲଗା, ଯେତେବେଳକୁ ଯେମିତି ଗୀତ ବାହାରିବ ।

ଆମ ବେଳେ ଆମେ ଧାଂଗଡ଼ା ଧାଂଗଡୀ ବାସା କରୁଥିଲୁ । ଏବେ ସେତେ ନାଇଁ । ଗୁଟେ ଘରେ ଧାଂଗଡ଼ା ବାସା, ଆଉ ଗୁଟେ ଘରେ ଧାଂଗଡୀ ବାସା । ଯେତେ ଦୂର ହେଉ – ଗାଁ ଶେଷରେ ହଉ, ମଝିରେ ହଉ, ଧାଂଗଡୀ ବାସା କରିବାର । ଆମେ ଯେତେବେଳେ ହେଲେ ଧାଂଗଡୀ ବାସାକୁ ଯିବାର । ଧାନ୍ କୁଟ୍‌ବାର, ମାଂଡିଆ ଗୁର୍‌ବାର୍, କାଠ୍ କାଟ୍‌ବାର୍ – ଆସ୍‌ବା ଧାଗଂଡୀ ବାସାଘରେ ଯିବାର୍ । ଯାହାଘରେ ଅଳ୍‌ପ ଲୋକ – ବୁଢା, ବୁଢୀ ଦିଜଣ – ସେ ଘ୍‌ରେ ଧାଂଗଡୀ ବାସା କର୍‌ବାର୍ । ବେଶି ଲୋକ



Digitized by srujanika@gmail.com

ଥିଲାଘରେ ଧାଂଗଡୀ ବାସା କରିହେବ ନାଇଁ । ଧାଂଗଡ଼ୀ ବାସାଘରେ ସଦାବେଳେ ରହିବା । ଦରକାର ପଡ଼ିଲେ ଧାଂଗଡୀ ବାସାଘରେ ଆମର ଭାତ୍ ନେଇକରି ଖାଇବା । ସେମିତି, ଧାଂଗଡ଼ା ମାନେ ଅଇଲେ, ଆଉ ଗାଁରୁ ଧାଂଗଡା କୁଣିଆ ଅଇଲେ, ଚାଉଳ ଚାଂଦା କର୍‌ବାର୍, କୁକୁଡ଼ା ରାଂଧବାର୍, ଚରଖ୍ କର୍‌ବାର୍ । ଗୀତ ଗାଇଲା ବେଳକୁ ବି ସେ ଧାଂଗଡୀ ବାସା ଘରେ । ସେ ଘରେ ଶୋଇବାର୍ । ସେ ଧାଂଗଡ଼ୀ ବାସା ଘରର ଲୋକଙ୍କ ଜିନିଷ - ହଳଦୀ, ତେଲ - ଦରକାର ପଡିଲେ ନଷ୍ଟ (ବ୍ୟବହାର) କରିବା । ଗାଧେଇଗଲା ବେଲ୍‌କୁ ହଳଦୀ, ଗାଧେଇ ସାରି ଆସିଲେ ତେଲ । ବାସା ଘରେ ଆରସା, ପାନିଆ ଥିବ । ଏବେ ଏସବୁ କମ୍ ହୋଇଗଲାଣି, ପିଲାମାନେ ଇସ୍‌କୁଲ୍ ଗଲାରୁ । ଗୁଟେ ବରଷ୍ ତିରିଶ ମାଣିଆ ବସ୍ତାରେ ବସ୍ତେ କାଂଦୁଲ୍ ଚୁରି ଆଣି ରଖିଲୁ - ଖାଇବା ପାଇଁ । ଗୁଟେ ଦିନ ରେଁଗା ଗାଁର୍ କଟିଂ ପତର ଚୁରିକରି ଯାଇଥିଲୁ । ମତେ ଆସିଲାନି; ମୁଇଁ ଖାଲି ପତର ଆଣିଲି । ସମସ୍ତେ ଚିଡେଇଲେ । ଆମ ବାପା ଘରେ କାଂଦୁଲ୍ କରିଥିଲୁ, ଡଂଗରରେ । ଦୁଇ ଦିନ୍, ତିନି ଦିନ୍ ଆମେ ସେ କାଂଦୁଲ୍ ଆଣି ରୋଷେଇ କରି ଖାଇଲୁ । ବୁଆ ମତେ ପଚାରିଲା, "ସୁମନୀ, କାଂଦୁଲ ଆଣି ଯାଇଚୁ କି? - ଢଢଂଗା (କମ୍) ହୋଇ ଯାଇଛି କାଂଦୁଲ" । "ନାଇଁ , ଶୁଖି ଯାଇଥିବ । ମୁଇଁ ତ ଅଛି ଧାଂଗଡ଼ୀ ବାସାରେ" ବୋଲି ବୁଆକେ ଠକିଦେଲି । ହେଲେ, ଆମେ ପଂଦର ମାଣ୍ କାଂଦୁଲ ସେଥିରୁ ଖାଇଲୁ । କୁମଡ଼ା, ମକା, କାଂଦୁଲ ଚୋରି ଯିବାଟା ସେ କାଳର କଥା । ଏବେ ସେ ସବୁ ବେଶି ନାଇଁ । ଯାହା ଘରୁ ଚୋରି ହୁଏ, ସେ ଡ଼ର ପାଇଁ କିଛି କହିବ ନାହିଁ - କହିଲେ, ଗାଁର ସବୁ ଧାଂଗଡ଼ା ଧାଂଗଡ଼ୀ ସେ ଘରକୁ ଚାଂଦା କରି ନେଇ ଦେବେ । ନଥିଲା ଘରର ଧାଂଗଡା ଧାଂଗଡୀ କିଛି ନ ଆଣିଲେ ବି କେହି କିଛି କହଂତି ନାଇଁ । କେହି ଆଣିଲେ, ସମସ୍ତେ ମିଶି ସୁଝଂତି । ନହେଲେ କାମ୍ କରି ସୁଝଂତି ।

ପରବ୍ ହେଲେ ଆମର୍ ଲୋକେ ନାଚ୍‌ବେ । ପୁଅ ପିଲା ଏକୁଟିଆ ନାଚ୍‌ବେ, ଝିଅପିଲା ଏକୁଟିଆ ନାଚ୍‌ବେ ନାଇଁ । ସାଇ ଧରି ନାଚ୍‌ବେ, ଗୋଲ୍ ହୋଇ ହାତ୍ ଧରାଧରି ହେଇ ନାଚ୍‌ବେ, ଲାଇନ୍ ହେଇ ପିଲେ ଏବେ ନାଚ୍‌ବା ଭଳିଆ । ସେ ନାଚ୍‌ବାଟା ଏବ ପର୍‌ଯଂତ ଅଛି । ମୁଇଁ ବିଲ୍‌କୁଲ୍ ନାଚି ଜାଣ୍‌ବି ନାଇଁ; ଗୀତ ବୋଲିବି । ଯେତେବେଳେ ହେଲେ ମୁଇଁ ଏକା ଗୀତ ଗାଇବାଟା । ସମସ୍ତେ ପରବ୍ ହେଲେ, ଯାତ୍‌ରା ହେଲେ, ବିଭାଘରରେ ନାଚ୍‌ବେ । ପୁଅ ପିଲା ଏକୁଟିଆ ବି ନାଚି ବୁଲ୍‌ବେ; ଝିଅପିଲା ସାଥିହୋଇ



Digitized by srujanika@gmail.com

ହାତରେ କନା ବା ମଜୁର୍ ମୁଠା ଧରି ନାଚ୍‌ବେ । ମୁଁ ସବୁ ନାଚର ଗୀତ ଜାଣେନି, ଝୋଡ଼ିଆ ଗୀତ ଖାଲି ଗାଇବାର୍ ।

ପୋଡ଼ବଂଧ ଗାଁର ଧାଂଗଡ଼ା - ଆମର ମାମୁଁ ଲାଗ୍‌ବ - ଆମ ଘରକେ ଆସି ପଂଦର ଦିନ ଥିଲା । ମତେ କହିଲା, କନିଆ କରାଇ ଦେ, ମୁଇଁ ତତେ ପଇସା ଦେବି । ମୁଁ ତା'ର ମନରେ ଥିବା କନିଆ ଘର୍‌କେ ଯାଇ, ଆସ୍, ମାଛ୍‌କେ ଯିବା ବୋଲି କହିଲି । ନଦୀକି ମାଛ୍‌କେ ଗଲାକେ, ସେବାଟେ ସେମାନେ ତାକୁ ଉଠାଇ ନେଲେ । ମୁଁ ତାକୁ ସାଂଗରେ ଆଣିଥିଲି ବୋଲି, ସେ କନିଆ ପଛ ପଛ ମୁଇଁ ପୋଡ଼ବଂଧ ଗାଁ ପଲାଇଗଲି । କନିଆ ଧାଂଗଡୀ ସେଠି ରହିଲା । ମୁଇଁ ଚାରିଦିନ୍ ଖଂଡେ ରହିଲି । ସେ ଝିଅକୁ, ତୁ ରହିବୁକି ବୋଲି ପଚାରିଲାକେ ସେ ରହିବି ବୋଲି କହିଲା । ଭୋଜି ଖାଇଲୁ । ମତେ ପଇସା ଦିଅ ବୋଲି ପଇସା ମାଗ୍‌ଲାକେ, ପଇସା ଦେବୁକି, ତୁ କି ତତେ ଝିଂକି ଆଣଲାଡ୍ କେ ବୋଲିଲେ । ମୁଇଁ ଡରିଗଲି । ଆଉ ପଇସା କଥା ନାଇଁ କହିଲି ।

ଆଉ ଗୁଟେ କଥା । ସେ ଧାଂଗଡ଼ାଟା ପୋଡ଼ବଂଧ ଗାଁର । ମତେ ଧାଂଗଡା ଧାଂଗଡ଼ୀମାନେ ଫୁଲ୍‌ମାଳ୍ ନାଆଁ ଦେଇଥିଲେ । ଧାଂଗଡ଼ା ଧାଂଗଡ଼ୀଙ୍କୁ ଇମ୍‌ତି ନାଆଁସବୁ ଦିଆଯାଇଥାଏ - ଧାଂଗଡ଼ୀ ମାନଂକୁ ସରୁମାଳ, କିରେମାଳ, ରିଝୋଡ଼ି, ସିଂଝୋଡ଼ି; ଧାଂଗଡା ମାନଂକୁ ମଲିହୁଲ୍, ବଂଦହୁଲ୍, ବଟୀହୁଲ୍, ଆଉ କେତେ । ସେଇ ପୋଡ଼ବଂଧ ଗାଁରେ ଧାଂଗଡ଼ା ଜଣକର ନାଆଁ ଥିଲା ଲିଉହୁଲ୍ । ସେ ଦିନେ ମତେ କହିଲା, ଫୁଲ୍‌ମାଳ୍, ତୁଇ ମୋ ପାଇଁ ଗୁଟେ କାମ୍ କରି ପାରିବୁ । ମୁଇଁ କହିଲି, କର୍‌ବା । ସେ କହିଲା, ତୁଇ କିରେମାଳ୍‌କୁ ଡାକିକରି ତୋର୍ ଗାଁକୁ ନେଇଯିବୁ । ନେବା ବାଟରେ ଆମେ ତାକୁ ଟେକି ନବୁ । କିରେମାଳ୍ ସେଇ ପୋଡ଼ବଂଧ ଗାଁର ଧାଂଗଡ଼ୀ । ମୁଇଁ ଟିକିଏ ସାହସୀ ହେଲାରୁ ଅନେକ ଧାଂଗଡ଼ା ଇ କାମପାଇଁ ମତେଇଁ କହୁଥିଲେ । ମୁଇଁ ବି ଟିକିଏ ବୋକୀ ଥିଲି । ଯିଏ ଯାହା କହିଲେ ହଁ କରିଦେଉଥିଲି । ଲିଉହୁଲ୍ କହିଲା, ମୁଇଁ ତତେ ଚାରିଅଣା ଦେବି । ତୁ ତାକୁ ହାତିଆ ଶାଢୀରେ ଆଣିଲେ ମୁଇଁ ବାଟରେ ଝିଂକି ନେଇଯିବି । ମୁଁ ହଁ କଲି । କିରେମାଳ ରାଜିଥିଲା; କହିଲା, ହାତିଆ ଶାଢୀ ନାଇଁ । ମୁଇଁ ଏକ ନୂଆ ହାତିଆ ଶାଢୀ ପିଂଧିଥିଲି । ମୋର ବୁଆ କାଶୀପୁର ବଜାରରୁ ପାଂଚ ଟଂକା ଦେଇ କିଣି ଆଣିଥିଲା । ମୁଁ ଖଂଡ଼େ ପୁରୁଣା ଶାଢ଼ୀ ପିଂଧି କିରେମାଳକୁ ମୋର ହାତିଆ ରଂଗ ଶାଢୀ



Digitized by srujanika@gmail.com

ପିଂଧିବାକୁ  ଦେଲି । ବାଟରେ ଜଗି ବସିଥିଲେ, ତାକୁ ଝିଂକି ଟେକି ନେଇଗଲେ । ଏ ବାହାଘରକୁ ଝିଂକା କହନ୍ତି ।

ଏମିତି ଆମ ଗାଁର ତିନ୍‌ଟା ପୋଡ଼ବଂଧ ଗାଁକୁ ଗଲେ । ଆମର୍ ଆର୍ ଗୁଟେ ଭଉଣୀକୁ ସେ ଗାଁରେ ବିଭା କଲେ । ଆମ ଗାଁର ସବୁ ଧାଂଗଡ଼ା ଧାଂଗଡୀ ଆମେ ନାଚି, ଗୀତ ଗାଇ ପୋଡ଼ବଂଧ ଗାଁକୁ ଯାଇଥିଲୁ । ଆମେ ଆମ ସାଂଗ ଧାଂଗଡୀ ଯାଉଚି ବୋଲି ଦଶ ଟଂକାର ଗୁଟେ କୁକୁଡ଼ା ମାରିଲୁ, ଚାଉଳ ଚାଂଦା କଲୁ, ଧାଂଗଡୀ ପାଇଁ କାଚ କିଣିଲୁ, ମୁଂଡେ ରିବିନ୍ କିଣିଦେଲୁ, ଖାଇବାର କଲୁ । ଏଟା "ବିଭା" । ଝିଂକି ନେବାଟା "ବିଭା" ନୟ । ଏ ବିଭାରେ କୁଣିଆ ଆସିବେ, ଗରମ ପାଣିରେ ମୁହଁ ଧୋଇବେ, କିଏ ପାଂଚ୍ ଟଂକା, କିଏ ଦଶ୍ ଟଂକା, ଥିଲାଲୋକ ପଚାଶ, ଶହେ ଟଂକା ଧାଂଗଡୀକୁ ଦେବେ, ଭୋଜି ଖାଇବେ । ଚାରି-ଛଅ ମାଣର ହାଂଡିଆ ହବ ।

ଆଉ ଧାଂଗଡା, ଧାଂଗଡୀ ଦୁଇ ଲୋକ ରାଜିଖୁସିରେ ପଲେଇଗଲେ, ସେଇଟା "ବିଭା" ନୟ । ଉଦୁରିଆ ବଲିବେ । ପରେ ଅଂଡ଼ରା-ମାଇପି ହୋଇ ଘରକୁ ଫେରନ୍ତି । ଘରଲୋକ ଆଗରୁ ରାଜି ନଥିଲେ ଏମ୍‌ତି ହୁଏ ।

ଧାଂଗଡୀ ଏକୁଟିଆ ଧାଂଗଡ଼ା ଘରକୁ ଗଲାଟା ଗୁଟେ ଆଲ୍‌ଗା କଥା । ତାକୁ 'ପସନାମୁଂଡି' ବଲିବେ । ଧାଂଗଡ଼ୀ ଏକା ଧାଂଗଡ଼ା ଘରକେ ପଲେଇବ । ଏଥିରେ କୁଟୁମ୍ବର ରାଜି ନଥାଏ । ବହୁତ ବେଳରେ ସେ ଧାଂଗଡା ପାଖରେ ରହେ । କେତେବେଳେ ତା'ର ପସଂଦ ନହେଲେ ଫେରିଆସେ ।

ଧାଂଗଡ଼ୀ ବାର, ତେର ବା ଚଉଦ ବରଷ୍ ହେଲେ ଅଂଡରା ଘରକୁ ଯିବାଟା । ଏବେ ସମସ୍ତେ ଶିଖି ଶିଖି ହେଲେ ପଂଦର ବରଷ୍ କି ଷୋହଳ ବରଷ୍ ହେଲେ ହେଉଚି । ଆଗରୁ ଆଉ ଅଧିକ ଛୋଟ ବେଳେ - ଛଅ, ସାତ୍ ବରଷ୍ ବେଳେ - ହେଉଥିଲା । କିଛି ଜାଣୁ ନଥିଲେ, କାମ ଜାଣୁ ନଥିଲେ । ଭଲ ଶାଶୁ ହେଲେ ବୁଲିଯାଉ ବୋଲି କହିବ । ଧାଂଗଡା ଛୋଟ, ଧାଂଗଡୀ ବି ଛୋଟ ।

ଆମର ଆୟା-ବୁଆ ତ ସେମିତି ବିଭା ହୋଇଥିଲେ । ମୋର ଆଉ ଗୋଟିଏ କଥା ମନେ ପଡୁଚି । ଧାଂଗଡୀଟି ରେଁଗା ଗାଁର ମୋର ବଡ ବୁଆର ଝିଅ । ଆମର୍ ଘରେ କୁଣିଆ ଆସିଥିଲା । ସେ ବାର୍ ବରଷ୍‌ର । ଏବେ ଆମ ଗାଁର ଅଭିରାମର ଜେଜେମା ତାକୁ ଦେଖି କହିଲା, ସେ ପିଲାକୁ ମୋ ପୁଅ ପାଇଁ ଟିକିଏ ଟାଣି ଆଣି ଦିଅ । ସେତେବେଳକୁ



Digitized by srujanika@gmail.com

ଅଭିରାମର ବୁଆ ଆଠ୍ ବରଷ୍‌ର । ତାକୁ ଟାଣି ଆଣିଲେ ମୁଇଁ ରଖିବି । ମୋର ପୁଅ ଯୁବା ହେଲେ ସେ ଦିହେଁ ରହିବେ । ତାଂକର ଜଣେ ଲୋକ ମୋର ଏ କୁଣିଆ ଭଉଣୀକୁ ବାଟରୁ ଟାଣି ନେଲା । ସେ ସେ ଘରେ ରହିଗଲା । ଅଭିରାମର ବାପା କହେ - ଏ ଧାଂଗଡୀ ଆମର୍ ଘରେ କାହିଁକି ରହିଚି! ଯିବନି କି? ଅଭିରାମର ଢେଢେମା କହେ - ଆରେ, କୁଣିଆ ଆସିଚି, ମାସେ ଦିମାସ୍‌ରେ ଯିବ । ଏମିତି ତିନି ବରଷ୍ ଗଲାରୁ ପୁଅକୁ କହିଲା, ଆରେ, ଏଇଟା ତୋର୍ କନିଆ । ଅଭିରାମର ମା ତ ପାଂଚ୍ କି ସାତ୍ ପରୟଂତ ପାଠ ପଢିଥିଲା ଆଶ୍ରମ୍ ଇସ୍‌କୁଲ୍‌ରେ । ପରେ ତାଂକର ବିଭା କରିଦେଲେ ।

## ମୁଇଁ ଯୁବତ୍‌ମାନ୍ ହେଲି

ଧାଂଗଡୀ 'ଯୁବତ୍‌ମାନ୍' (ଯୁବତୀ, ରଜସ୍ୱାଳା) ହେଲା ବୋଲି ଜାଣିଲେ, ଗାଁର ସମସ୍ତଂକ ଘରୁ ମାଂଡିଆର (ଚାଉଳର ନୁହେଁ) ପୋଡପିଠା ତିନି ଦିନ କାଳ ଆସେ, ଖାଲି ଥିଲା ଘରୁ ନାଇଁ । ତା ଆୟା ଝିଅ ଲାଗି ମାଂଡିଆରେ ଗୁଟେ ବଡ଼ ପୋଡ଼ପିଠା କରେ । କଟିଂ ହଉ କି ବିଜ ହଉ ବା ଚଣା ଡାଲି ହଉ, ଚାଉଳରେ ମିଶେଇ ଖିଚେଡି କରେ ଡଗଲାରେ ଡଗଲେ । ସେ ପିଠା ଓ ଖିଚେଡ଼ିକୁ ବଡ଼ ପତରରେ ରଖିବ । ଗାଁର ଜଣେ ବୁଢୀକୁ ଡକାଯାଏ । ସେ ବୁଢୀ ଆସି ସେ ବଡ଼ ପତରକୁ ଚିରି ସାତ୍ ଭାଗ୍ କରେ । ସାତ୍ ଭାଗ ପିଠା, ସାତ୍ ଭାଗ ଖିଚେଡ଼ି । ତାକୁ ନେଇ ସେ ଘରର ସାତ୍ ବାଟରେ ରଖେ । ଝିଅ ସେ ତିନି ଦିନ ଘରେ ପଶେ ନାଇଁ, ଦାଂଡ ବାରଂଡାରେ କୁଡିଆଟିରେ ରହେ, ଶୁଏ । ଗାଁର ଆଉ ସବୁ ଧାଂଗଡୀ ଆସି ତାକୁ ଜଗଂତି, ଶୁଅଂତି । ଘରେ ବାକି ଥିବା ପିଠା ଝିଅକୁ ଦେବେ, ଧାଂଗଡୀମାନେ ଆଉ ବୁଢୀ ବି ତାକୁ ଖାଇବେ । ତା ବାଦ୍ ଥାଳିଏ ବା ଦି ଥାଳି ଭାତ୍ ଆର୍ ଶାଗ୍ ଧାଂଗଡୀ ମାନଂକୁ ଖାଇବାକୁ ଦେବେ । ତିନି ଦିନ ଏମିତି ଚାଲିବ । ଯୁବତ୍‌ମାନ୍ ହେଉଥିବା ଝିଅ ନିଜର ଦାଂତକାଠି, ମୁଣ୍ଡର ବାଳ୍ ଶାଢୀରୁ ଖଂଡେ କନାରେ ପ୍ରତିଦିନ କାଢି ରଖିଥିବ । ଏମିତି ତିନି ଦିନ୍, ନହେଲେ ପାଂଚ ଦିନ୍ ଚାଲେ । ଯେଉଁ ଦିନ ହାଂଡି ହେବ, ସେ ଦିନ ରାତି ତିନିଟା କି ଚାରିଟା ବେଳକୁ, ଆଉ କାହାକୁ ନ ଚାହିଁ, ନଦୀ କୂଳକୁ ଯିବେ । ସେ ଯୁବତ୍‌ମାନ୍ ବାରେଂରେ ମୁଂଡ଼ଧୋଇ ଗାଧେଇବ । ଚୁଲି କରି ବାରେଂର ସାତଟା କଟା ଡାଳର ପାଉଁଶ ଦେଇ ଗୁଟେ ହାଂଡ଼ିରେ



Digitized by srujanika@gmail.com

ତିନ୍ ଦିନ୍ ପିଂଧିଥିବା ଲୁଗାଟା ସିଝାଏ ଓ ନଦୀରେ ନେଇ ସଫା କରବ୍ । ସେ ଦିନ ସଂଧ୍ୟାରେ ତିନ୍ ବା ପାଂଚ୍ ଦିନ୍ ରଖାଯାଇଥିବା ଦାଂତକାଠି, ମୁଂଡବାଳ, ଶାଢୀର ଚିରାକନା, ଚଉଁରୀ ଆଉ ଦୁଇଟି ଚାଉଳ ସକାଳେ ଲୁଗାସିଝା ହାଂଡିରେ ରଖି ତାକୁ ଓଲଟେଇ ତା'ଉପରେ ସାତ୍‌ଟି ଚାଉଳ ରଖିବ, ତାପରେ ମାଟି ଦେବ । କୁଟୁଂବର ମାଇକିନା କହନ୍ତି, "ଲାଟି ଚାଂଡିଆ, ପୁଂଢାଗଦିଆ, କତ୍‌ରାକନା, ତତେ ଖାଇବାଟା ରିସିହେଲେ, ଇଟା ନଟିଖୁଟି ଚିଲିବିଲି କର୍, ଆସିକରି ତାକୁ ବେଟିକରି ନେଇ ଯା" । ସେ ହାଂଡିକୁ ନେଇ ନଦୀକୁ ଯିବେ । ସାଂଗରେ ଯିବେ ଧାଂଗଡ଼ାମାନେ । ସେ ଦିନ ସଂଧ୍ୟାରେ ଗୁଟେ ମେଂଢା ମାର୍‌ବେ, ନ ଥିଲା ଲୋକ୍ କୁକୁଡ଼ା ମାର୍‌ବେ । ଘରେ ରୋଷେଇ ହେବ । ବୁଢୀ, ଧାଂଗଡୀମାନେ, କଲାପାନୀ ଗାଁର ସମସ୍ତେ ଖାଇବେ ।

ମୁଇଁ ଯୁବତ୍‌ମାନ ହେଲାବେଳକୁ ହେଲେ ଏସବୁ କିଛି ହେଲାନାଇଁ । ସେତେବେଳକୁ ଆମର ବୁଆ ଭୁବନେଶ୍ୱର୍ ଯାଇଥିଲେ । ସେତେବେଳେ ଅଭିରାମ ଜେନା ଚେଆର୍‌ମେନ ଥିଲା । ସବୁ ଏରିଆର୍ ଉଆଡ୍ ମେଂବରମାନଂକୁ ଡାକିକରି ସେ ଭୁବନେଶ୍ୱର୍ ନେଇଥିଲେ । ଆମ ଆୟାକୁ ଡର୍ ହେଇଥାଏ । ସିଏ ମୋ ପାଇଁ କୁକୁଡ଼ା କିଣି ଯାଇଥିଲା; ମିଳିଲା ନାଇଁ । କିସ୍ କର୍‌ବା ବୋଲି, ବାଇଗଣ, ଶାଗ ରାଂଧିଲୁ, ଧାଂଗଡ଼ୀ ମାନଂକୁ ଖୁଆଇଲୁ । ବୁଆ ନଥିଲା ବୋଲ୍‌କେ ଆୟା ଆଉ କିଛି କଲା ନାଇଁ । ନୂଆ କପଡା ବି ହେଲାନି ।

ଆମେ ଯୁବତ୍‌ମାନ ହେଲାପରେ ଆମ ଆୟା-ବୁଆ ଆମକୁ ବଜାର-ହାଟ ଯିବାକୁ ମନା କରୁଥିଲେ । ଧାଂଗଡୀ ଝିଅକୁ ଯାତ୍‌ରା ଇତ୍ୟାଦିକୁ ଯିବାକୁ ଛାଡି ଦେଉ ନଥିଲେ । ସମସ୍ତେ ଯାଉଚଂତି ବୋଇଲେ ଯାଅ ବୋଲି ଖାଲି କହିବେ । ମାନ୍ ମହତ୍ ବୁଡେଇବା, କାହିଁକି ଯିବା ବୋଲି ଆମେ ଯାତ୍‌ରାକୁ ବିଲ୍‌କୁଲ୍ ଯାଉ ନଥିଲୁ । ଖାଲି ଗୁଟେ ଥର ଦଶ୍‌ରା ଯାଇଛି କାଶୀପୁର । ଦିପ୍‌ତି ବୋଲି ଝିଅ ସାଂଗରେ । ତେଣୁ ମୁଇଁ ଆଉ କେଭେ ଦଶ୍‌ରା ଯାତ୍‌ରାକୁ ଗଲିନି । ଖାଲି କାଶୀପୁରରେ ଗୁନ୍‌ଚାକୁ (ଗୁଂଡ଼ିଚା) ଯାଉଥିଲୁ । ନହେଲେ କୋଉଠିକି ନାଇଁ - ତତେ ମାର୍‌ବି ବୋଲି ବୁଆ ଡରେଇ ଦେଇଥିଲା । ଖାଲି ଗୁତି ମିଳିଲେ ଗୁତିରେ ଯିବା - ଚାରି ଅଣା କରି ସେତେବେଳେ କୁଲିକାମ ମିଳିଲେ ଯିବା । ଚାରିଅଣାକୁ ସେତେବେଳେ ତଲାଏ ଲିଆ ମିଳୁଥିଲା । ଇସ୍‌କୁଲରେ ପଢିଲାବେଳେ ବୁଆ ଥରେ ମତେ ଚାରିଅଣା ଦେଇଥିଲା ଯେ ମୁଇଁ ତାକେ



Digitized by srujanika@gmail.com

କହିଲି ମତେ ବେଶି ପଇସା ଦେ ବୋଲି । ବୁଆ ମତେ ଦି ଅଣା ଓ ଦିଟା ପଇସା ଦେଲାରୁ ମୁଁ ଭାରି ଖୁସି - ବେଶି ପଇସା ମିଳିଲା । ମୁଁ କି ଜାଣେ ସେଇଟା ଚାରିଅଣାରୁ କମ୍ । ବଜାରରେ ପଚାରିଲାରୁ ଏତେ ପଇସାରେ ଏତେ କମ୍ ଜିନିଷ କିଆଁ ବୁଝି ପାରିଲି ନାଇଁ । ହଲ୍ ମାଷ୍ଟର୍ ଦେଖି ବୁଝାଇ ଦେଲା - ମତେ ଚାରିଟା କମଳା କିଣି ଦେଇଥିଲା, ଦିଟା ଖାଇ ଦିଟା ଘର୍କେ ଆଣିଲି ।

ଯାତରା ଯିବାକୁ ସବୁବେଳେ ବେଳ ଥାଏନି । କାମ ଆଗ । କାମ ଆମକୁ କେହି ଶିଖେଇ ନଥିଲା । ଦେଖି ଦେଖି ଶିଖିଥିଲୁ । କାମ୍ କଲେ ପେଟ ପୋଷିହେବ । ନିଜେ ଖଟି ଖାଇବୁ । ପିଲା ଦିନରୁ କାମ୍ କରି ଖଟି ଖାଇଲାରୁ ଆମ ଲୋକେ ଶୀଘ୍ର ମରିଯାଉଚଂତି । ଅଣ-ଆଦିବାସୀଂକ ଘରେ ଯେତେ ବଡ଼ ହେଲେ ବି କାମ ନକରି ଖାଉଚଂତି । ଆମେ ହେଲେ କାମ ନକଲେ ପେଟ ପୋଷି ପାରିବୁ ନାଇଁ । ଆମ୍‌କୁ ସେମାନେ ମାପେ ଦେଲେ, ଆମଠୁ ଦି ମାପ୍ ନେବେ । ଆମ ଆଦିବାସୀଂକୁ ସେମାନେ ଶୋଷୁଚଂତି । ଆଦିବାସୀଂକୁ ଗଂଡେ ଖାଇବାକୁ ମିଳୁନି, ଖଂଡେ ପ୍ୟାଂଟ୍-ସାର୍ଟ ମିଳୁନି । ପର୍‌ଜାର୍ ବୁଧି ପଛେ, ମାଂକଡର ବୁଧି ଗଛେ, ବୋଲି କହି ଆଦିବାସୀକୁ ଠକୁଚଂତି ।

## ମୁଇଁ ବାହାହେଲି

ମୋର ବିଭା କଥା କହୁଚି । ସବୁ ବାହାଘର ସାଂଗକୁ ଆଉ ଗୁଟାଏ ଅଛି - ଗର୍‌ଜନ୍ । ଏଥିରେ ଧାଂଗଡ଼ା ଧାଂଗଡୀ ଘରକୁ ଯାଇ ପାଂଚ ବରଷ୍ କାମ୍ କର୍‌ବ । ପାଂଚ ବରଷ୍ ପୂରିଗଲେ ଧାଂଗଡ଼ା ଧାଂଗଡୀ ଦି ଜଣ ତାଂକ ମା ବାପା ଠାରୁ ଅଲଗା ହୋଇ ରହିବେ । ଧାଂଗଡ଼ାର ବାପା-ମା ଧାଂଗଡ଼ୀ ଘରକୁ ଯାଇ କହିବେ ତମ ଧାଂଗଡୀକୁ ଆମର୍ କନିଆ କର୍‌ବା । "ବିଭା" ପରି ବିଭାଘର ହୁଏ । ତେବେ "ବିଭା" ରେ ବହୁତ ଆଗରୁ କଥା ହୋଇଥାଏ । ଆଦିବାସୀ ଘରେ ବାର ମାସ୍‌ରେ ତେର ପରବ୍ । ବିଭା ହେଲା ଯାକେ ଧାଂଗଡ଼ାର ଆୟା-ବୁଆ ସବୁ ପରବ୍‌ରେ ଗୋଟିଏ ମଦ ବୋତଲ ନେଇ ଧାଂଗଡୀ ଘରକେ ଆସନ୍ । "ବିଭା" ଆଗଦିନ ଧାଂଗଡ଼ା ଘରର୍ ଲୋକ୍ ଟିଣେ ମଦ, ଚାଉଳ ଆଉ ଖୋଲା ଟଂକା ଧରି ଧାଂଗଡୀ ଘର୍‌କେ ଆସନ୍ । ତା'ପର ଦିନ "ଝୋଲା" ବଂଧା ହୁଏ । କୁକୁଡ଼ା, ବୋକା, କେବେ ପୋଢ୍ ମାରି ରଂଧା ହୁଏ । ବଂଧୁ ବାଂଧବ



Digitized by srujanika@gmail.com

ଆସନ୍ । ଭୋଜି ହୁଏ । ତା' ଆରଦିନ ସକାଳେ ଧାଂଗଡୀ ନିଜ ଆୟା-ବୁଆ ଘରେ ନାଇଁ ରହିବାର - ଆଉ କାହା ଘରେ । ବାଜା, ନାଚ୍, ଗୀତ ବାଜି ସେ ଧାଂଗଡ଼ା ଘରକେ ଯିବ । ସେ ଦିନ ସଂଧ୍ୟାରେ ଧାଂଗଡ଼ା ଘରେ ସେମ୍ତି ଭୋଜି । ଧାଂଗଡୀ ସାଂଗରେ ଆଉ ଚାରିଜଣ ଧାଂଗଡୀ ଯାଇଥାଂତି । ସେମାନେ ସେଠାରେ ସାତ୍-ଆଠ୍ ଦିନ ରହି ଭଲ ଖାଇ, ଭାତ ଧରି ଗାଁକୁ ପଲେଇ ଆସନ୍ ।

ମୋର ବାହାଘର ହେଲା "ଗର୍‌ଜନ୍" ଭାବରେ । ଗୋବିଂଦ ବୋଲି ଗୁଟେ ଧାଂଗଡାର କକା ଆମ ଘରେ ରହୁଥିଲା । ସେତେବେଳେ ଗୋବିଂଦ ବାଲିଗୁଡ଼ାରେ ଗୁଟେ ଡମ୍ ଘରେ ଗୁତି ଥିଲା । ଗୁତି କାମରୁ ବାହାରିବା ସହଜ ନାଇଁ । ତିନି ଚାରିଶହ ଟଂକା ଉଧାର ନେଇଥିଲେ ବରଷ୍ ବରଷ୍ ସାଉକାର୍ ଘରେ ଗୁତି କାମ୍ କର୍‌ବାକେ । ଉଧାର ଉପରେ ସୁଧ୍ ବରଷ୍‌କୁ ବରଷ୍ ବଢି ଚାଲେ । ଦିନ୍‌ରାତ୍ କାମ୍ । କାଶୀପୁରର ଗାଁ ସବୁରେ ଏମିତି ଗୁତିକାମ୍ ଚାଲିଥିଲା । ଏବେ ଟିକିଏ କମ୍ ହେବାର୍ । ଗୋବିଂଦକୁ ଡମ୍ ଘରେ ବହୁତ୍ କାମ, ବଡ଼ କଷ୍‌ଟ । ସେ ଦିନେ ପଲାଇଆସି ଆମଘରେ ତା କକା ପାଖରେ ପହଂଚିଲା । କହିଲା, ମୁଇଁ ସେଇଠି ରହିପାର୍‌ବି ନାଇଁ । ମତେ ଏଇ ଗାଁରେ ଗୁତି କାମ ଦେଖ୍ । ସେଠାରୁ ଛଡ଼ାଇ ଆଣ୍ । ଆମର୍ ଘରେ ତ ଲୋକ ନାଇଁ । ଆମର ବୁଆ କହିଲା, ନାଇଁ, ଆମର୍ ଘରେ ଥାଉ । ଆମର୍ ପୁଅ ଛୋଟ ଅଛି । କାମ୍ କରିବାକେ ଲୋକ୍ ନାଇଁ । ଡମ୍‌କୁ ତ ଟଂକା ଦେଇ ପାରିବୁ ନାଇଁ । ଗୁଟେ ବଲଦ୍ ଦେବୁ । ସେ ବଲଦ୍ ବିକି ଡମ୍ ଘରେ ଟଂକା ଦିଅ । ସେ ଡମ୍ ଘରେ ତେରଶ ଟଂକା ଦେଲେ । ଗୋବିଂଦ ଆମର୍ ଗାଁ ଆସି ଆମର୍ ଘରେ ବରଷ୍‌କ ଉପରେ ବସି ରହିଲା । ତା'ର ମା-ବାପା କହିଲେ, ଗୁତି ତ ଛିଡିଲା, ପଲେଇ ଆ । ଆମର୍ ବୁଆ କହିଲା, ନାଇଁ, କାହିଁକି ପଲେଇବ । ମୁଁ ତାକେ ଘର-ଜୁଆଇଁ କର୍‌ବି । ମୁଁ ବୁଆକୁ କହିଲି, ଘର୍-ଜୁଆଇଁ କଲେ ଶେଷକୁ ବହୁତ ଦେବାକୁ ପଡିବ - ହଲ୍, ବଳଦ୍, ଛେଲି, ସୁନା । ଆମର୍ ବୁଆ ପାଖରେ ନଥିଲା । "ବିଭା" ହେଲେ କନିଆର ମା-ବାପାକୁ ଟଂକା ମିଲେ । ମାତ୍ର, ଆମ ଗାଁରେ ମୋର ଆୟା-ବୁଆ ଓ ଗୋବିଂଦର ଆୟା-ବୁଆ ମିଶି ମିଟିଂ ହେଲା । ଆମର୍ ବୁଆ ତା'ର ଆୟା-ବୁଆକୁ କହିଲା, ମୋର କିଛି ନାହିଁ, କିଛି ଦେଇ ପାରିବି ନାହିଁ । ସେମାନେ ରାଜି ହେଲେ । ତାକୁ ପଚାରିଲେ, ଯିବୁ, କି ଏଠି ରହିବୁ । ସେ କହିଲା, ଯିବି ନାଇଁ, ଏଠି ରହିବି । ତୁମେ ରାଜି କି ବୋଲି ମତେ ପଚାରିଲେ । "ଆୟା-ବୁଆ ଯେନ୍‌କେ ଦେବେ, ତେନ୍‌କେ ଯିବି, ନଦେଲେ



Digitized by srujanika@gmail.com

ଯିବି ନାଇଁ" ବୋଲି ବୋଇଲି ମୁଇଁ । ତାକୁ ପଚାରିଲାରୁ ସିଏ କହିଲା, "ମୋର ମା-ବାପା ଯାହ୍ାକୁ ଆନିଦେଲେ ବି ତାକୁ ରଖିବା" ।

ଗୋବିଂଦ ଆମ ଘରେ ଦି ବରଷ୍ ରହିବାର୍ ପରେ ଆମର ବାହାଘର ହେଲା । ତାଂକର ଗୁରୁଜନ ଅଇଲେ । ଡଂଗରକୁ ଖତ୍ ଆଣିଯିବେ । ସବୁ ଧାଂଗଡ଼ା ଖତ୍ ଆଣି ଆମ ଦାଂତରେ ଦେଲେ । ତିନିମାଣ କି ଚାରିମାଣ ଜମି ଲଂବା କରୁଥିଲେ । ଆମର ବୁଆ ଗୁଟେ ବୋକା ଦେଲା । ପୁଟେ ଚାଉଳ ଦେଲା । ଗୋଂଡ଼ମୁଡ଼ା ଆର୍ ଶିରିଗୁଡ଼ାର ଲୋକ ରାଂଧିବାଢ଼ି ଭୋଜିଭାତ କରି ଖାଇଲେ । ବାହାଘର ସରିଲା ।

ବେଲେବେଲେ ଏଇ ଘରଜୁଆଇଁ ବାବଦରେ ଗଂଡ଼ଗୋଲ ହୁଏ । ଗୁଟିଏ ଘଟଣା କହୁଚି । ମୁଂଡା ଗାଁର ଗୁଟିଏ ଧାଂଗଡ଼ା ଆମ ଗାଁରେ ଜଣ୍କ ଘରେ ରହିଲା ଘରଜୁଆଇଁ ହେବ ବୋଲି । ହେଲେ, ସେ ଅଳସୁଆ । ସକାଲେ ହଲ୍ କରି ଆସିବା ପରେ ବାଡି ଖଣ୍ଡେ ଧରି ଚଢେଇ ମାରି ବୁଲିଲା । ତାକୁ ତା ଶଶୁର ଡାକି କହିଲା, "ତୁ ତ କାମ୍ କରୁନୁ, ତାହେଲେ ତୁ ତୋ ଘରକୁ ପଲା" । ସେ ଆରଦିନ ସକାଲୁ ପଲେଇଗଲା । ହେଲେ, କଥା ଏତିକିରେ ଛିଡ଼ିଲା ନାଇଁ । ସେ ଘରଜୁଆଇଁ କାମ କରିଥିବା ଦୁଇ ବରଷ୍କୁ ଛଅଶହ-ଛଅଶହ ମୋଟ ବାରଶହ ଟଂକା ମାଗିଲା । ଆମ ଗାଁରେ କୁଟୁମ୍ ବସିଲା । ସେଠାରେ ସେ ଭୁଲ୍ରେ କହିଲା- ଷାଠିଏ, ଷାଠିଏ ଶହେକୋଡ଼ିଏ ଟଂକା ବୋଲି । ଆଉ ସେତ୍କି ନେଇ ଘର୍କେ ଗଲା! ଏତେ ଟଂକା ଆଦିବାସୀ ହାତରେ ସହଜରେ ପଡେନି । ଜାଣି ପାରେନି ।

ବାହାଘର ଆଗଠାରୁ ମୋର୍ ଗୁଟେ ସାଂଗ ଓ ତା'ର ଧାଂଗଡା ଓ ଗୋବିଂଦ ଓ ମୁଁ ଏକାଠି କାମ୍ କରୁଥିଲୁ । ସବୁ କାମ ଏକାଠି । ହେଲେ ମୁଁ ମୋର ସାଂଗ ସାଥିରେ କଥା, ଗୋବିଂଦ ତା' ଧାଂଗଡା ସାଥିରେ । ମୁଁ କେବେ ଗୋବିଂଦ ସାଥିରେ ବାହାହେବା କଥା ଭାବି ନଥିଲି । ସେବି ସେପରି କେବେ ଭାବି ନଥିଲା ।

ବାହାହେବା ପରେ ଗୋବିଂଦ ଆମ ଘରେ ଆଉ ପାଂଚ୍ ବରଷ୍ ରହି କାମ କଲା । ଶେଷରେ ଜାଗା କିଣି କରି ଘର୍ ବାଂଧିଲୁ । ମୋର ବଡ଼ ବାପା ଓ ବଡ଼ ମା ଏକା ଥିଲେ, ପିଲା ନଥିଲେ । ମୁଇଁ ତାଂକୁ କହିଲି, ତୋର ଘରଡ଼ିହରୁ ଖଂଡ଼େ ମତେ ଦେ, ମୁଇଁ ମାଗଣାରେ ନାଇଁ, ଟଂକା ଦେବି । ସେ ରାଜି ହେଲେ । ମୁଇଁ ସାତଶହ ଟଂକା ତାଂକୁ ଦେଲି । ଆମର ଆୟା-ବୁଆ ଓ ଆମେ ମିଶିକରି ଆମ ଘର ବାଂଧିଚୁ । ଘର ବାଂଧିବା



Digitized by srujanika@gmail.com

କାର୍ତିକ ମାସ୍‌ରେ ଆରଂଭ କଲୁ, ଚଇତ୍ର ମାସ୍‌ରେ ସଇଲା । ମାଟି କାଂଥର ଘର । ମାଟିର କଂଚା ଇଟା ମୁଇଁ ତିଆରି କରିଚି । କଳାହାଂଡିରୁ ଆମ ଗାଁକେ ତିନିଜଣ ଆସି ଘର ଉପର ପାଇଁ ଝିକ୍‌ରୀ (ଟାଇଲ୍) କରି ବିକୁଥିଲେ । ଗୋଟାଏ ଘରକୁ ଶହେ, ଦେଢଶହରୁ ଦୁଇଶହ ଟଂକା ଖରଚ୍ । ଆସ୍ତେ ଆସ୍ତେ ସମସ୍ତେ ଝିକ୍‌ରୀ କରିବା ଶିଖିଗଲେ । ଆମେ ଆମ ଝିକ୍‌ରୀ ତିଆରି କରିଥିଲୁ । ଘର କବାଟ ବାଉଁଶ ପାତିଆରେ ନ କରି କାଠ ପଟାରେ କଲୁ । ଘର ପାଇଁ ପାଟି, ହାଟିଆ, ଦୁଲା, କଳ୍‌ସା, ଜାଲି ପାଇଁ ଜଂଗଲରୁ ଜିନିଷ ଆଣିବାକୁ ପଡ଼ିଲା । ଚାଳିଶ୍ ଡେସିମିଲ୍ ଜମି କିଣିଲୁ ।

ମୋର ସ୍ୱାମୀ ଯେତେବେଳେ ଗୋତି ଥିଲା ସେତେବେଳେ ତାକୁ ବରଷକୁ କୋଡ଼ିଏ ଟଂକା ଆଉ ଧାନ ହେଲେ କି ମାଂଡ଼ିଆ ହେଲେ ଚାରି ମାଣ ଦେଉଥିଲେ । ମୁଁ ବିଭା ହେଇସାରିଲା ପରେ ମୋର ମା-ବାପ ସାଂଗରେ ରହୁଥିଲା । ଆଉ ଗୋତି ରହୁ ନଥିଲା । ମୋର ବାପା ବଡ଼ ଜୋଇଁ ବୋଲି କେତେ ସପଟ୍ କରୁଥଲା । ଆମର ବୁଆ ଗୁଟେ ଥାଳି ଭାତ୍ ବଢ଼ାହେଲେ ଫାଳେ ଖାଇ ଆଉ ଫାଳେ ଭାତ୍ ତା'ର ପାଇଁ ରଖିଦେବାର । ମୁଇଁ ଜବରଦସ୍ତିରେ ଅଲଗା ଖାଇବା ପାଇଁ ଗଲି । ଆମର ସ୍ୱାମୀ ବିଲ୍‌କୁଲ୍ ଆଇଲା ନାହିଁ । ଛଅ କି ସାତ୍ ବରଷ୍ ଖଂଡ଼େ ଥିଲା । ରାଂଧିକରି ଖାଇଦେଲାକେ ତିନ୍‌ମାସ୍ ଖଂଡ଼େ ମୋର ଘରେ ଭୁତି ଲାଗିଲା । ଯା ତୁଇ ଖାଇ ଯା, ତୋର ମା-ବାପ ଘରେ ମୁଇଁ ଥିବି ବୋଲି ତିନ ମାସ ଆମର୍ ଘରେ ନା ଅଇଲା । କହିଲା, ମତେ ତୋର ଭାଇ ବଂଧୁ କୁଟୁଂବ କହିବେ ଘର ଜୋଇଁ ଗୋତି ଛିଂଡ଼ିଲା ପରଯଂତ ତୋ'ର ଆୟା-ବୁଆ ଘରେ ରଖିଥିବେ କି ? ମୋର ଶାଶୁ ଶଶୁର ମତେ ଖରାପ ଭାବିବେ ବୋଲି ମୋର ଘର ବାଂଧିକରି ଆମେ ଅଲଗା ରହିଲୁ । ସିଏ କହିଲା, ତତେ ତୋର ମା-ବାପ ଘରେ ପେଟ ପୂରିଲା ନାଇକି ବୋଲି ତୁଇ ଅଲଗା ରାଂଧି ଖାଇଲୁ । ଯା, ତୁଇ ଖାଇ ଜା, ମୁଇଁ ଶାଶୂ ଶଶୁର ଘରେ ଥିବାର । ଆଉ, ଯାହା ଭଲ ମଂଦ ହେଲା ଆମ ବାପା ଏଡ଼େ ଖଂଡ଼େ ହଉ ପଛେ ତାକୁ ଆଗ ଦେଲେ ଯାଇ ପଛେ ନିଜେ ଖାଇବାର ।

ମୋର ଶାଶୂ ଘର ଗୌଡ଼ଗୁଡ଼ା-ଶିରିଗୁଡ଼ାର ଗାଁ ଲୋକଂକ ସଂଗେ ସଂବଂଧ ଭଲ ଅଛି । ମୋ ସ୍ୱାମୀ ଆମ ଗାଁରେ ଘରଜୋଇଁ ହେଇ ଆସି ରହିଲାରୁ, ମୋର ଶାଶୂ ଶଶୁର ଆମ ଗାଁ ପାଖ କଟାଳି ଗାଁରେ ଆସି ରହିଲେ । ମୋର ଶଶୁର ବୁଢ଼ା କଟାଳି



Digitized by srujanika@gmail.com

ଗାଁରେ ମଲା । କଟାଳି ଗାଁର ଲୋକ ସମସ୍ତେ ଗୋଟିଏ ବଂଶର ଲୋକ । ମୂଳ ଗାଁରେ ତାଂକର ଜମିବାଡ଼ି କିଛି ନଥିଲା । କୁଲିଭୁତି କରି ଚଳୁଥିଲେ । ଗୌଡ଼ଗୁଡ଼ା ଶିରିଗୁଡ଼ା ଗାଁ ସହିତ ଆମର କିଛି କଳି ଝଗଡ଼ା ନାଇଁ । ଏ କଟାଳି ଗାଁ ହେଲା ଆମର ମୂଳ ଗାଁ । ସେଠାରେ ଆମର ସଂପର୍କ ଅଛି । ସେ ଗାଁର ଭଲମଂଦରେ ଆମର ଅଧିକାର ଅଛି ।

ମୁଇଁ ଆୟା ଘରେ ଥିଲାବେଲେ ମୋର୍ ବଡ ଝିଅର୍ ଜନମ୍ ହେଲା । ମୋର୍ ତିନ୍‌ଟା ଝିଅ, ଦିଟା ପୁଅ । ମଝିରେ ଆଉ ଗୁଟେ ପିଲା ହେଇ ମରିଗଲା । କାରଣ, ମୋ ଠାରୁ ପିଲା ଦୁଧ ପାଇଲା ନାହିଁ । ଆଉ, କାହାକୁ କହିବି, କିଏ ଦବ ? ନିଜ ପିଲାକୁ ଦେଇ ବଳିଲେ ସିନା । ବାକି ସବୁ ନିଜ ଘରେ ଜନମ୍ । ସେତେବେଲକୁ ଦିଶାରୀ, ପାଖଲୋକ ଆସି ସାହାଯ୍ୟ ହୁଅଂତି । କାମକୁ ଗଲାବେଲେ ଛୋଟପିଲାକୁ ସାଂଗରେ ନେଇ ଯାଉଥିଲି । ବଡ ଝିଅ ବଡ୍ ହେଲାରୁ ଆଉମାନଂକୁ ତା ପାଖରେ ଛାଡି କାମ୍‌କୁ ଯାଉଥିଲି ।

ବଡ ଝିଅର ଜନମ୍ ପରେ ଆମେ ନିଜ ଘର କଲାବେଲକୁ ମୋ ଶାଶୂ ଆସି ଆମ ପାଖରେ ରହିଲା । ଆମ ଶଶୁର ମରିଗଲେ । ଶାଶୂର ଛୋଟ ପିଲା । ଆମେ ଯାଇ ଶାଶୂକୁ କହିଲୁ, ତୁମେ ଆସି ଆମ୍ ପାଖ୍‌ରେ ରହ । ସେ, ତା'ର ଦି ପୁଅ, ଝିଅ ଆସି ଆମ୍ ପାଖ୍‌ରେ ରହିଲେ । ଶାଶୂ ବି ମୋ ପିଲାଂକୁ ସଂଭାଳେ ।

ମୋ ସାନ୍ ମା'ର ଚାରି ପିଲା, କେହି ମରି ନଥିଲେ । ହେଲେ ଆଦିବାସୀ ଘରେ ବହୁତ ପିଲା ମରୁଥିଲେ । ଏବେ କମି ଗଲାଣି । ମେଡିକାଲ୍‌କୁ ଯାଉଚଂତି । ଜନମ୍ ବି କମିଗଲାଣି । ଦିହେଁ ପୁରୁଷ୍ ଓ ମାଇକିନିଆ ଯାଇ ଅପରେଶନ୍ କରି ପକାଉଚନ୍ ।

## ଗାଁ ପୋଡ଼ିଗଲା

ସେତେବେଳକୁ ମୋର ବଡ଼ ଝିଅ ଦି ବରଷ୍‌ର କି ଅଢ଼େଇ ବରଷ୍‌ର ହେଇଥିଲା । ଆମ ଗାଁରେ ଗୁଟେ ବୁଢ଼ା ଥିଲା । କେଣେ ଯାଇ ଗୁଟେ ସାହୁକାର ଘରେ ହଳିଆ ଥିଲା । ଆମ ଗାଁରେ ସେ ସାହୁକାରର ଗୁଦାମ ଥିଲା । ହଳିଆ ବୁଢ଼ା ସେ ଗୁଦାମର ଗୁମାସ୍ତା । ସାହୁକାର ଆଷାଢ଼ ମାସରେ ମାଣେ ଧାନ ଦେଲେ ପୁଷ ମାସରେ



Digitized by srujanika@gmail.com

ପାଂଚ ଟଂକା ନେବ । ଆମ ଗାଁ ଗୁଦାମରେ ବହୁତ ଧାନ, ମାଂଡ଼ିଆ, କୁଶଳା ରଖିଥାଏ । ଘରେ ପୁଅ ବୋହୁଂକ ପାଖରେ ଚାଉଳ ଥିଲା କି ନାଇଁ, ବୁଢ଼ା ଡ଼ିବିରି ନେଇ ଗୁଦାମକେ ଗଲା ଚାଉଳ ଆଣ୍‌ବା ପାଇଁ । କାଂଥରେ ଡ଼ିବିରି ଲଗାଇ ଦେଲା । ଚୈତ୍ର ମାସ, ଦିନ ଏଗାରଟା । ନିଆଁ ଲାଗିଗଲା । ଗାଁରେ କେହି ଲୋକ ନଥିଲେ, ସମସ୍ତେ କାମ୍‌କୁ ଯାଇଥିଲେ । ଘରେ ଛୋଟ ପିଲା ଥିଲେ । ଆଉ ଘରେ କାହାର ଧାନ, ମାଂଡ଼ିଆ, କପଡ଼ାଲତା । ଅଳ୍ପ କେତେ ଲୋକ କିଛି ଉିଡେଇ ପାର୍‌ଲେ । ବାକି ସମସ୍ତଂକର ସବୁ ଉଳିଗଲା । ଆମକୁ ଲୋକ ବହୁତ ସାହାଯ୍ୟ କରଚଂତି । ଖୁରିଗାଁ, ମାଳିଗାଁ, ଗୋଡିଗୁଡ଼ା, ରେଂଗା ଲୋକମାନେ ଧାନ, ଚାଉଳ, ମାଂଡ଼ିଆ, ଭାତ, ଶାଗ ଚାଂଦା କରି ଆଣି ଦେଲେ, ଦୁଇ ହାଂଡ଼ି, ତିନି ହାଂଡ଼ି, ପାଂଚ ହାଂଡ଼ି ପର୍‌ଯଂତ ଏଇ ପରଭାଷିଳା ଲୋକମାନେ ଆମକେ ଆଣିଦେଲେ । ଆଠ ଦଶ ଦିନ୍ ପର୍‌ଯ୍ୟଂତ ଖାଇ ଆମେ ବଂଚିଥିଲୁ । କାଶୀପୁରର ମହାଜନମାନେ ଦେଲେ - ଶଂକର ପାଂଡ଼େ ଦୁଇ ପୁଟି, ଖଗ ମହାପାତ୍ର ଦୁଇ ପୁଟି, ଉମେଶ ମିଶ୍ର ଦୁଇ ପୁଟି, ଆଉ ଜଣେ ଦୁଇ ପୁଟି । ଗାଁ ଲୋକଂକ ଭିତରେ ଭାଗ କରିବାରୁ ଘରକ ତିନ ମାଣ, ଚାରି ମାଣ ହବାର୍ । ଆମର ପ୍ରାୟ ଚାଳିଶ ଘର । ତିନ-ଚାରି ଓଳି ଖାଇଲୁ । କିଏ କେତେ ଦେଇପାରିବ । ସଳପ ମଂଜି ଆଣି ତା ଭିତରରକୁ କୁଟୁଣିରେ କୁଟି ଦାଂଡ଼ରେ ଶୁଖାଇ ଗୁଟେ ଚାଂଗୁଡ଼ାରେ ଖଂଡ଼େ ଦାଦରା ବାଂଧି ରଖି ସିଝେଇ ଖାଇଲୁ । ପପେୟା ଗଛ ଭିତରେ ମଂଜ ଥିଲେ ସେ କଂଦାକୁ ସିଝାଇ ଖାଇଲୁ । ଏମିତି ବହୁ କଷ୍ଟରେ ବଂଚିଲୁ । ସରକାର ଘରକେ ପାଂଚମାଣ ମାଂଡ଼ିଆ ପଠେଇଥିଲା । ପୁଣି ଘର ପିଛା ପୁଅ ପିଲାକେ କଂବଳ, ଚାଦର, ଧୋତି, ମା ମାନଂକୁ ଶାଢ଼ୀ, ପିଲା ମାନଂକୁ ପେଁଟ୍, ସାର୍‌ଟ୍‌ମାନ ଦେବାର ହେଲା । ହେଲେ କିଛି ଆମ୍‌କେ ଦେଲେ ନାଇଁ । ସେତେବେଲକୁ କିଏ ଏମ୍.ଏଲ୍.ଏ. ଥିଲା ମତେ ଜଣା ନାଇଁ । ସେ ଏମ୍.ଏଲ୍.ଏ. ପୁଣି ସବ୍‌ଟା ନେଇ ଖାଇଦେଲା । ସରକାର ଦେବା ଟଂକାରେ ମା ମାନଂକୁ ଗୁଟେ ଗୁଟେ ଷ୍ଟୋର୍‌ରୁ ଶାଢ଼ୀ ଆର୍ ଗୁଟେ ଲେଖା ଛୋଟିଆ ଗିନା କିଣିଦେଲା । ଆମ ପାଇଁ ଡ଼େକ୍‌ଚି, କଡ଼ାଇ ସବୁ ସରକାର ଲିସ୍‌ଟ କରି ଦେଇଥିଲା । ଘର କରିବା ପାଇଁ ପଇସା ବି ଦେଇଥିଲା । ସେ କିଛି ଦେଲା ନାଇଁ । ଆମ ଫରେଷ୍ଟ ରେଂଜର ଆସି ବିନା ଅର୍‌ଡର୍‌ରେ କିଛି ନାଇଁ ବୋଲି କହିଲା । ତେଣୁ କାଠ ପୋଡ଼ବଂଦ ଜଂଗଲରୁ ଆଣି ଘର୍ ତିଆରି କଲୁ । ଅମ୍‌ର ସିଂଗୁଡ଼ା, ଖୁରିଗାଁ, ଗୋଡିଗୁଡ଼ାର ଲୋକମାନେ କାଠ, ବାଂଉଣ



Digitized by srujanika@gmail.com

ଆଣି ଯାହାକୁ ଯାହା ଯେମିତି ସାହାଯ୍ୟ କଲେ । ଚୈତ୍ର ମାସରେ ଘର ପୋଡ଼ିଲା । ଖାଲି ପୋଡ଼ା କାଂଥମାନ ଥିଲା । ସରକାର ସେଥିପାଇଁ ତଳ ମୁଂଡର ଗୁଟେ ପଟେ, ଉପର ମୁଂଡ଼ର ଗୁଟେ ପଟେ ଆର୍ ବାହାର ଦାଂଡ଼ ତନିଟା ପାଇଁ ଗଛ କାଟି ଦେଲେ । ବାହାର ଦାଂଡ଼ରେ ରୋଷେଇ କରି ଦାଂଡ଼ରେ ଏକା ଶୋଇବାର୍ - ଘର୍‌ହେଲା ପର୍‌ଯଂତ । ସେ ଅବସ୍ଥା ହେତାଇ କରି କାଂଦୁଣି ଲାଗୁଚି । ହଁ, ଆମ ଗାଁକୁ ସରକାରରୁ ଶିଟ୍ ଆସିଥିଲା । ଆମ ଗାଁରେ ଦୁଇଟା ବୁଢ଼ା ଥିଲେ । କହିଲେ କି, ଏ ଶିଟ୍ ଆଣିକରି ଘରେ ଲଦିଲେ ସରକାର ଜାଣୁନାଇଁ କି ଆମର କିଛି ଶିଟ୍ ଲଦିବାର ନାଇଁ, ଆମର ପିଲାବିଲା ମାନକେ ମାଡ଼ମାରି ନେବେ, ଦରକାର ନାଇଁ, ବୋଲି ମନା କଲେ । ସମସ୍ତଂକ ଘର ପାଇଁ ଆସିଥିଲା । ବାବୁମାନେ କହୁଥିଲେ । ବୁଢ଼ା ଦୁଇଟା ମନା କଲାରୁ ପଡ଼ିଶା ଗାଁକୁ ପଳାଇଗଲା । ନହେଲେ ଭଲ ହୋଇଥାଂତା, ସମସ୍ତେ ଶିଟ୍ ପାଇଥାଆଂତେ ।

## ଅଗ୍ରଗାମୀ ଆମ ଗାଁକେ ଆସ୍‌ଲା

ବହୁତ ବରଷ୍ ଆଗର୍ କଥା । ୧୯୮୦ ମସିହା ହବ । ଦିନେ ଆମ ଗାଁରେ ଗୁଟେ ପ୍ୟାଂଟ୍ ସାର୍ଟ୍ ପିନ୍ଧା ବାବୁଟେ ଆସି ପହଂଚିଲା । ସେ ଅଇଲାରୁ ଗାଁର ସମସ୍ତେ ଯେ ଯୁଆଡେ ପଲେଇଗଲେ, ଲୁଚିଲେ । ଏପରି ଲୋକ ଗାଁକୁ ଆସିଲେ ଲୋକ୍ ଡରନ୍ । ବାଘ, ଭାଲୁଠୁ ବେଶି । ସେ ଯେତେ ଡାକିଲେ ବି କେହି ବାହାରିଲେ ନାଇଁ । ସେ ଗଲା । ଆରଦିନ ପୁଣି ଆସିଲା । ଏଥର ସେ ସିଧା ଆସି ଆମ ଘର ଆଗରେ ଠିଆ ହେଲା । ଆମ ଦୁଆର ପାଖ୍‌କୁ ଆସି ବଡ଼ ପାଟି କରି ଆମର ବୁଆର୍ ନାଆଁ ଡାକିଲା । ଘରେ ମୁଁ ଏକୁଟିଆ ଥାଏ । ବୁଆ ଆଉ ଗୋବିଂଦ ବେଡ଼ାକୁ ଯାଇଥାନ୍ । ମୁଁ ଡରିଗଲି । ପଂଚାୟତର ପିଅନ୍ ବି ଏତେ ବଡ଼ ବଡ଼ ପାଟିରେ ଡାକେ ନାଇଁ । ପୁଲିସ୍ ହେଇଥିବ କି କଅଣ୍ ! ମୋ ଛାତି ଧପ୍ ଧପ୍ ହଉଥାଏ । ଲୋକ୍‌ଟି ଆଉ ତିନ୍ କି ଚାରି ଥର୍ ଡାକିଲା । ମୁଇଁ ଘର୍ ଭିତରେ ଲୁକି ଥାଏ । ଶବ୍‌ଦ ନାଇଁ । ଏତ୍‌କେ ବେଳେ ଗାଁର ଏକ ଧାଂଗ୍‌ଡା ବେଡ଼ାରୁ ଫେରୁଥିଲା । ଏ ଲୋକକୁ ଦେଖି ସେ ପଲେଇ ଯାଉଥିଲା । ହେଲେ ଲୋକ୍‌ଟି ତାକୁ ଡାକ ପକେଇଲା, ମୋର୍ ନାଁ ପ୍ରମୋଦ ଦାସ୍ । କାଶୀପୁରରୁ ଆସିଚି । ତମ ସାଂଗରେ ଦୁଖସୁଖ ହେବାପାଇଁ । ଧାଂଗ୍‌ଡା କିଛି ବୁଝିପାର୍‌ଲାନି । ଖାଲି ନାଆଁ ତା'ର ମନେ ରହିଲା ।



Digitized by srujanika@gmail.com

ଲୋକ୍‌ଟି କହିଲା, ଉଆଡ୍‌ ମେଂବର୍‌କୁ କହିବ, ତମ ଗାଁରେ ମିଟିଂ କରିବି । କାଲି ଏତେବେଳେ ସବୁ ଲୋକ ଥିବ । କହି, ଲୋକଟି ଚାଲିଗଲା ।

ପରଦିନ ପୁଣି ଆସିଲା । ଗାଁ ଲୋକ୍‌ କେହି କାମ୍‌ରୁ ଫେରି ନଥିଲେ । କେତେ ଜଣ ମାଇକିନିଆ ଘରେ ଥିଲେ, ଡରରେ ବାହାରିଲେ ନାଇଁ । ଲୋକ୍‌ଟି ଆମ ଘର୍‌ ବାରଣ୍ଡାରେ ଆସି ବସ୍‌ଲା । ଗୁଟେ ଝୁଲାମୁଣି ଧର୍‌ଥାଏ । ଅଂଧାର ହେଇ ଆସ୍‌ଲା ବେଳ୍‌କୁ ବୁଆ ଆର୍‌ ଗୋବିଂଦ କାମ୍‌ରୁ ଆସ୍‌ଲେ । ଲୋକ୍‌ଟି ବୁଆକେ ପଚ଼ାରିଲା, ତୁମେ ଉଆଡ୍‌ ମେଂବର୍‌ ଅଛ କି? ବୁଆ ମୁଂଡ଼ ହଲେଇଲା । ଲୋକ୍‌ଟା କହିଲା, ତମ ଗାଁ ଲୋକେ ଡ଼ାକ । ଆଜି ଗୁଟେ ମିଟିଂ କରିବା ।

ବୁଆ ଯାଇ ଗାଁର ସବୁ ଲୋକ୍‌କେ ଡାକି ଆଣ୍‌ଲା । ଲୋକ୍‌ ସବୁ ବସ୍‌ଲେ । ଲୋକ୍‌ଟି କହିଲା, "ମୁଁ ଏସ୍‌ଡବ୍ଲୁଆର୍‌ସିରେ କାମ୍‌ କରୁଚେ । ମୋର ନାଆଁ ପ୍ରମୋଦ୍‌ ଦାସ୍‌ । ତମର ସୁଖ ଦୁଖ ଶୁଣିବାକୁ ଆସ୍‌ଚେ" । ଲୋକ୍‌ମାନେ ସୁବିଧା ଅସୁବିଧା କଥା କହିଲେନ୍‌ । ରାତିକୁ ସେ ଲୋକ୍‌ଟି ଗଲା । ତା' ପରେ ଆମ ଗାଁ ପାଖ ପରଜାଶିଳା, କଲାକାନି, ରତାପଦା ଓ ଆଉ ଗାଁରେ ମିଟିଂ ହେଲା । ଏ ସବୁରୁ ଜଣାଗଲା ଯେ ଆମେ ପାଠ୍‌ ନ ପଢ଼ିବାରୁ ବହୁତ୍‌ ଅସୁବିଧା । ଆମେ ପାଠ୍‌ ନ ପଢ଼ିଲୁ କାରଣ ଇସ୍‌କୁଲ୍‌ ନାଇଁ । ସରକାରୀ ଇସ୍‌କୁଲ୍‌ରେ ମାଷ୍ଟର୍‌ ଦିନ୍‌ରେ ପଢାଏ । ହେଲେ, ଆଦିବାସୀ ପିଲା ଦିନ୍‌ରେ ଡଂଗରକୁ ଆୟାବୁଆ ସାଂଗରେ କାମ୍‌କୁ ଯିବାର୍‌, ଗାଈ ଛେଳି ଚରେଇ ନେବାର୍‌ । ପଢ଼ିବା କେନେ? ଇସ୍‌କୁଲ୍‌ ଥାଏ କେଉଁ ବଡ୍‌ ଗାଁରେ । ଯିବା ପାଇଁ ରାସ୍‌ତା ନାଇଁ, ନଦୀରେ ପାଣି ଆସ୍‌ଲେ, ଇସ୍‌କୁଲ ବଂଦ । ମାଷ୍ଟର୍‌ ବି ଠିକ୍‌ ନାଇଁ ଆସନ୍‌ । ମାସ୍‌କେ ତିନ୍‌ ଚାର ଦିନ୍‌ ।

ମିଟିଂରେ କଥା ହେଲା, ଗାଁରେ ଇସ୍‌କୁଲ୍‌ କର୍‌ବା । ପିଲାମାନେ ତ ଦିନ୍‌ ଭିତରେ ଆୟାବୁଆଂକ ସାଥିରେ କାମ୍‌କୁ ଯିବେ । ଇସ୍‌କୁଲ୍‌ ହେବ ସଂଧ୍ୟାରେ । ଲାଇଟ ପାଇଁ ଲନ୍‌ଟନ୍‌, କିରାସିନ୍‌ ଦେବେ ସେମାନେ । ମାଷ୍ଟର କିଏ ହବ? ସେମାନେ କହିଲେ ତମ ଗାଁରେ ଯେ ପଢ଼ିଥିବ ତାକେ ମାଷ୍ଟର୍‌ କର୍‌ବା । ଆମ ଗାଁରେ ଗୁଟେ ପିଲା ରାମଧର ଝୋଡ଼ିଆ ସପ୍‌ତମ୍‌ ପର୍‌ଯଂତ ପଢ଼ିଥିଲା । ତାକେ ମାଷ୍ଟର୍‌ କଲେ । ଆମ ଗାଁରେ ସରକାରୀ ଇସ୍‌କୁଲ୍‌ ଥିଲା । ହେଲେ ସବୁ ପିଲା ସେଥିକୁ ଯାଉ ନ ଥିଲେ । ଏବେ ରାତି ଇସ୍‌କୁଲ୍‌କୁ ସବୁ ପିଲା ଆସ୍‌ଲେ । ରାମ୍‌ଧର୍‌ ଓ ଆଉ ସବୁ ନୂଆ ମାଷ୍ଟର୍‌ଙ୍କୁ



Digitized by srujanika@gmail.com

ପ୍ରମୋଦ ବାବୁର ଲୋକେ ଛଅ ମାସ୍ ଟ୍ରେନିଂ ଦେଲେ । ଆଗ ଆଗ ସବୁ ପିଲା ଇସ୍କୁଲ୍‌କେ ନାଇଁ ଆସନ୍ । ଧୀରେ ଧୀରେ ଆସ୍‌ଲେ ।

ଆଗ ଇସ୍କୁଲ୍ ଗାଁର ଗୁଡ଼ିଘରେ ହେଲା । ପିଲା ବଢ଼ଲାରୁ ଘର୍ ତିଆରି ହେଲା । ଆମର୍ ଗାଁ ସାଂଗକୁ ଆଉ ସବୁ ଗାଁରେ ରାତି ଇସ୍କୁଲ୍ ଆରଂଭ ହେଲା ।

ଏ ରାତି ଇସ୍କୁଲ୍ ଚଲାଇବାର୍ ମୁଖିଆ ଲୋକ୍ ହେଲା ଅଚ୍ୟୁତ୍ ଦାସ୍ । ଏସ୍‌ଡବ୍ଲିଉଆର୍‌ସି ତରଫରୁ । ୧୯୮୮ରେ ତା'ର ନାଆଁ ବଦଲି ହେଲା ଅଗ୍ରଗାମୀ ।

ଅଚ୍ୟୁତ ଦାସ୍ କହିଲା, ଖାଲି ପିଲାଂକେ ପଢ଼ାଇଲେ ହବନି । ବଡ଼ ମଣିଷ୍‌କୁ ବି ପଢେଇବାର କଥା । ସେ ରାମଧର୍ ଆର୍ ଆଉ ଗୁରୁଭାଇମାନକେ କହିଲା, ତମେ ସବୁ ଗାଁରେ ମିଟିଂ କର ଆଉ ଲୋକ୍‌କେ କୁହ ଯେ ସେମାନେ ପଢିବା ଦର୍‌କାର୍ ।

ଗାଁ ଗାଁରେ ମିଟିଂ ହେଲା - ଶିରିଗୁଡ଼ା, ଗୋଡିଗୁଡ଼ା, ଖୁରିଗାଁ, ଅମରସିଂଗୁରା, କାନିକାନି, ପରଜାଶିଲା, ରାଣିଝିରରେ ମିଟିଂ ହେଲା । କେତେ ଲୋକ୍ ଆସ୍‌ଲେ । ଦିନେ ଆମ ଗାଁର ରାମ୍‌ଧର୍ ସାଂଗରେ ଖୁରି ଗାଁର କୁମାର ସାଂଗି, ଲମ୍‌ବୋଦର୍ ଆମ ଗାଁକେ ଆସ୍‌ଲେ । ମିଟିଂ ଡାକ୍‌ଲେ । କେତେ ଲୋକ୍ ଆସ୍‌ଲେ । ହେଲେ, ସେମାନେ କହିଲେ, ଆୟାମାନେ ବି ଆସ୍‌ବାର୍ କଥା । ଆମେ ମିଟିଂକୁ ଆଗେ ନ ଯାଉ । ଘରେ ବହୁତ୍ କାମ । ମିଟିଂରେ ବସି ଆମର୍ କଣ୍ ହେବ? ସେ ଦିନ ଆୟା କେହି ଆସ୍‌ଲେ ନାଇଁ । ଆଗ ଦିନ ଫେର୍ ମିଟିଂ ହେଲା । ମାଷ୍ଟର୍ କହିଲେ, ତମେ ଆୟାମାନେ ବୁଆଂକଠାରୁ ଅଲଗା ବସ । କେତେଜଣ ଆୟା ଆସ୍‌ଲେ । ମୁଇଁ ଘରୁ ବାହାରୁ ନଥିଲି । ରାମ୍‌ଧର୍ ଘରେ ଘରେ ପଶି ଜବର୍‌ଦସ୍‌ତିରେ ମତେ ଆଉ ଆୟାମାନ୍‌କୁ ମିଟିଂକୁ ଆଣିଲା । ମୁଇଁ ପଛୁଆ, ଡରୁଆ ଦଳରେ ଥିଲି ।

ମିଟିଂରେ କହିଲେ, ସବୁ ଗାଁରୁ ଦୁଇଜଣ କରି ମା ମାନେ ବାହାରଂତୁ, ଯୁ ମା କଥା ଧରିପାର୍‌ବ, ଯୁ ମା କଥା କହି ପାର୍‌ବ, ସେଇଭଳିଆ ମା ବାହାର । ଦି ଦିନ୍ ପରେ ଏସ୍‌ଡବ୍ଲିଉଆର୍‌ସିକେ ଯିବ, ସେଠି ମାସକୁ ଦେଢଶ ଟଂକା ପାଇବ, ଛଅ ମାସ୍ ଟେର୍‌ନିଂ ନେବ । ମାସକେ ଚାରିଦିନ ଛୁଟି - ବୁଧବାର ଦିନ । ୟା କହିଲାରୁ ସମସ୍ତେ ମା - ତୁଇ ଯା, ତୁଇ ଯା ବୋଲି ୟାକୁ ତାକୁ କହିଲେ, କେହି ବି ନିଜେ ରାଜି ନ ହେଲେ । ଶେଷ୍‌କୁ ସମସ୍ତେ ମତେ କହିଲେ ତୁଇ ଏକା ଯା ଆଉ ଲଖ୍‌ମୀ ଝୋଡ଼ିଆ ଯିବ, ବୋଲି କହିଲାରୁ ମୁଇଁ କହିଲି, ନାଇଁ, ମୋର୍ ବରଷ୍‌ର ପିଲା ଅଛି, ମୁଇଁ ଯାଇ



Digitized by srujanika@gmail.com

ପାର୍‌ବି ନାଇଁ । ତର୍ କହିଲେ, ସକାଲୁ ତ ଆଠ୍‌ଟାରେ ବାହାରିବ, ନଅଟାରେ ପହଂଚିବ ଆଉ ସଂଧ୍ୟା ଚାର୍‌ଟାରେ ବାହାରିବ, ପାଂଚ୍‌ଟାରେ ପହଂଚିବ । ତୋର୍ କିଛି ଅସୁବିଧା ହବ ନାଇଁ, ଯା, ବୋଲି କହିଲେ । ଆମ ଶାଶୁବୁଢ଼ୀ କହିଲା, ନାଇଁ ସେ ଯାଇ ପାର୍‌ବ ନାଇଁ, ମୁଇଁ ଯିବି । ତା'ର ପୁଅ ଗୋବିଂଦ କହିଲା, ତୁଇ ଯା କେ କେତେ ଦିନ୍ କାମ୍ କର୍‌ବୁ? ସେ ଯାଉ । କାମ ଥିଲା: - ଦିନ ଯାକ ସେଠାରେ ଶୁଣିଥିବା କଥା ସଂଧ୍ୟାରେ ଗାଁରେ ଆସି କହିବାକେ ପଡ଼୍‌ବ । ଏକଥା କହିଲାରୁ କୁ ମା ଯିବାକୁ ନାରାଜ ହେଲେ । "ହଉ, ଗଲାପରେ ଦେଖିବୁ, କୁଉଟା ହଉଚି" ବୋଲି କହି ଆମେ ଲଖ୍‌ମୀ ସାଂଗେ ଆସ୍‌ବୁ ବୋଲି କହିଦେଲୁ । ଶିରିଗୁଡ଼ାର ସୁମନୀ ଝୋଡ଼ିଆ ଆଉ ଲଖ୍‌ମୀ ଝୋଡ଼ିଆ, କଲାକାନିର ଗୋମତୀ ଝୋଡିଆ, ଖୁରୀ ଗାଁର ଅତନି ଆର୍ ଦୁଖୀ କି କିଏ (ସେମାନେ ରହିପାରିଲେ ନାଇଁ), ଗୋଡିଗୁଡ଼ାର ଗୋରିମଣି, ରାଧାମଣି, ପରଜାଶିଳାର ଲଛମନୀ, ଲେଲେନ୍, ରାଣିଝିରିର ବୁଧବାରୀ, ହୀରାଦେଇ - ଏତେ ଜଣ - ଦଶ ଜଣ ଥିଲୁ ।

ସକାଳେ ଆଠ୍‌ଟାରେ ବାହାର୍‌ବା, ନଅଟାରେ ପହଁଚ୍‌ବା, ଦୁଇଘଂଟା ଟେର୍‌ନିଂ କର୍‌ବା, ତାପରେ ଦୁଇ ଘଂଟା କେତେ କଥା ଶିଖ୍‌ବା: ଆଗ ଦିନେ କେମ୍‌ତି ଥିଲା, ଗଛ ଛାଲ କେମ୍‌ତି ମଣିଷ ପିଂଧୁଥିଲେ, ଧାନ ମାଂଡିଆ ମଂଜି ବୁଣି କିମତି ଗଛ କରୁଚନ୍, ରଜାଘରେ କିଏ ଥିଲେ, ଲୁଣ କେମ୍‌ତି ହଉଚି, ଚାଷ୍ କେମ୍‌ତି ହଉଚି, ମଣିଷ କେମ୍‌ତି ଥିଲା, ଜଂଗଲ୍ କେମ୍‌ତି ଥିଲା, ମଣିଷ କଂଚା ମାଉଁସ ଖାଉଥିଲେ, ରଜା ଶାସନ୍ କରୁଥିଲା, ଏମିତି ଘର୍ ନଥିଲା, ଗୁଂଫାରେ ଥିଲେ, ବିଜୁଳି ମାରି ଗଛ ଜଳିଗଲାରୁ ସିଟା ଦେଖିକରି ଗଛକୁ ଘସି ନିଆଁ ବାହାର କରି କୁଟୁରା ବାରିହା ମାନଂକୁ ସିଝାଇ କରି ଖାଇବାଟା ଶିଖିଲେ - ସବୁ ଟେର୍‌ନିଂ । ଏ ଟେର୍‌ନିଂ ଦେଉଥିଲେ - ମାନସୀ ମା, ସବିତା ମା, ଆଉ ଅଲିଅଳୀ ମା । ଗୁଟେ ବେଳା ଆମର ଟେର୍‌ନିଂ କର୍‌ବାଟା, ଆଉ ଗୁଟେ ବେଳା ଆମର ଦସ୍ତଖତ୍ ଶିଖ୍‌ବାଟା । ଟେର୍‌ନିଂ ସଇଲେ ସଂଧ୍ୟାରେ ଯାଇ ଗାଁରେ କହିବାଟା, ଆର୍ ଫେରିଆସି ସେ କଥା ଅଫିସରେ କହିବା । ବହୁତ କାମ । ଅଧେ ଲୋକ କାହି କାହି ପଲେଇଗଲେ, ପାରିଲେ ନାଇଁ ବୋଲି ।

ଏମ୍‌ତି କରି ଛଅ ମାସ୍ ପୂରିଗଲା । ପୂରିଲାରୁ ବଡ଼ ଆଗିଆଁ ଅଚ୍ୟୁତ ଦାସ୍ ପଚାରିଲା, କିସ୍ ଶିଖିଲ, କଅଣ କରବ୍, ଗାଁରେ ଯାଇ କିଏ କିସ୍ ହେବ, କିଏ ନେତା ହେଇ ପାରବ୍ କି, କେ କି କାମ୍ କରିପାର୍‌ବ କି - ବୋଲି ଷ୍ଟେଟ୍‌ମେଂଟ ନେଲେ ।



Digitized by srujanika@gmail.com

କେତେ ଝୋଡିଆଣୀମାନେ କାଂଦି ପକାଇଲେ । ଝୋଡିଆଣୀମାନେ ଆମେ ଏତେ କଥା ଧରିପାର୍‌ବୁ ନାଇଁ, କରିପାର୍‌ବୁ ନାଇଁ ବୋଲି ବଡ଼ ଆଗିଆଁକେ କହିଲେ । ଖାଇଲା ବେଳେ ଗୁଟେ ଲୋକର ଛାଇ ବାଜିଲେ ଖାଇବା ନାଇଁ, ଏମିତି ବହୁତ ନୀତି ଆମର ଥିଲା । ଆମେ ଏତେ କଥା ପାର୍‌ବୁ ନାଇଁ ବୋଲି କହିଲେ । ଏମ୍‌ତିରେ ଛଅ ମାସ ଟେର୍‌ନିଂ ସରିଥିଲା । ଏବେ ତ ଛଅ ମାସ ହେଇଗଲା, ଆମର୍ ପଇସା ଦେଇଦିଅ, ଆମେ ପଳାଇବୁ ବୋଇଲାକେ, ବଡ଼ ଆଗିଆଁ କହିଲା କିସ୍ କିସ୍ କାମ କରିଛ, ମତେ ଦେଖାଅ, ତେବେ ମୁଁ ଛାଡିଦେବି ତୁମକୁ – ବୋଇଲାକେ, "ଆମେ ତ କିଛି କର୍‌ନେ, କଣ କରିବାକେ" ବୋଲି ଆମେ ଗୁଟାଏ ସର୍‌ଗୀ (ଶାଳ) ଗଛ୍ ତଳେ ଆମର ଅଲଗା ମିଟିଂ କଲୁ । 'ତୁ କିସ୍ ଶିଖିଚୁ କି – ନାଇଁ ମୁଇଁ କିଛି ଜାଣି ନାଇଁ', 'ତୁ କିସ୍ ଶିଖିଚୁ କି – ନାଇଁ, ମୁଇଁ କିଛି ଜାଣି ନାଇଁ' ବୋଲି ସମସ୍ତେ କହିଲେନ୍ । କିଏ କହିଲା, ଛ ମାସ୍ ଘରେ ଚାଷ୍ କଲେ ଲାଭ୍ ଅଛି, ଏଠୁଁ କି ଲାଭ । ଆଉମାନେ କହିଲେ, ଛଅ ମାସରେ ଯାହା ଶିଖିଲେ ତାକୁ କାମ୍‌ରେ ଲଗେଇବା, ନହେଲେ କି ଲାଭ । ସମସ୍ତେ ଠିକ୍ କଲୁ, ଯାହା ହେଉ, ପୁଣି ଆସ୍‌ବା । ଆର୍ ଛମାସ ରହିବୁ ବୋଲି କଥା ହେଲା ।

ଆର୍ ଛଅ ମାସ୍ ପୂରିଗଲା । ବଡ଼ ଆଗିଆଁକୁ କହିଲୁ, ଛଅ ମାସ୍ କହୁ କହୁ ବର୍‌ଷେ ପୂରିଗଲାଣି । ଏଠି ଆମେ କେତେ ରହିବୁ । ଆମର୍ କାମ୍ ଦାମ୍ ଅଛି, ଆମେ ଏ ଦେଢଶ ଟଙ୍କାରେ ବସି ପାରିବୁକି ଆଗିଆଁ, ଆମେ ଘରେ ଯାଇ କାମ୍ କର୍‌ବୁ ବୋଲି କହିଲୁ । ବଡ଼ ଆଗିଆଁ କହିଲା, ତମେ ଯିବ ଯେ, ଆର୍ ଦଶ ଖଣ୍ଡ ଗାଁ ଯାଇକରି ଆଉ ଦଶଟା ମା ଆଣିକରି ଯାଇ ପାରିବ । ତମେ ଆସ୍‌ଲା ଗାଁକେ ଛାଡ଼ିକରି ନ ଆସ୍‌ଲା ଗାଁକେ ମା ଲୋକ୍ ଆଣବ । ଆମେ କହିଲୁ, ଆର୍ ଦଶଟା ଗାଁରୁ ମା ମାନ୍‌କେ ଆଣବା, ସାତ୍ ଦିନରେ ଦିନେ ଆସ୍‌ବା, ଦିନ୍‌କୁ କୋଡ଼ିଏ ଟଂକା ମିଲ୍‌ବ । ସେତେବେଲେ କୋଡ଼ିଏ ଟଂକା ବହୁତ ବଡ଼ ଥିଲା । ଚାରି ଦିନ୍ ଆଇଲେ ଅଶୀ ଟଂକା । ଆମେ ଶିଖିଲା କଥା ତାଂକେ କହିବା ଖାଲି ।

ଆମେ ଗଲୁଁ । ଗେଁଗା ଗାଁର ଜଣେ ବୁଢୀ ବହୁତ ବୁଧି କହିଦେଲେ: ସେ ଏସ୍‌ଡବ୍‌ଲିଉଆର୍‌ସି ଖ୍ରୀଷ୍ଟିଆନ୍, ତମେ ଅଗ୍‌ରଗାମୀରେ ଗଲେ ଖ୍ରୀଷ୍ଟିଆନ୍ ହବ, – ଏମିତି ବହୁତ ବୁଧି କହିଦେଲେ । ଯେତେ ବୁଝେଇଲେ ବି ସେଇ ବୁଢୀ ବୁଝିଲାନି, ପଲେଇଗଲା । ତା' ଛଡ଼ା ପୋଡ଼ବଂଧର ଲାଇମନି, ପଦ୍‌ମିନୀ ଆଉ ଗୁଂଜୀ ଝୋଡ଼ିଆ,



Digitized by srujanika@gmail.com

ରେଂଗାର ମିଲତ୍ ଝୋଡ଼ିଆ, ଗଂଜୁଗୁଡ଼ାର ହାର୍‌ସୁ, ଶିମିଳିଗୁଡ଼ାର ସୁଆତି, ତୁମେରକନାର ବାରଷୀ ଦେଇ ଓ ସମାରି - ଏମାନେ ସମସ୍ତେ ଶେଷକୁ ଟେର୍‌ନିଂ ନେବାକୁ ରାଜିହେଲେ । ଆମେ ଗାଁ ଗାଁ ବୁଲି ମିଟିଂ କରି ଲୋକଂକୁ ବୁଝେଇଲୁ ।

## ଗାଁରେ କାମ୍ କରି ଲାଗଲେନ୍

ଗାଁ ଗହଳିରେ ଆମେ ଗୋବର୍ ଗୁଟେଇବାକୁ ଗଲୁ । ଗୋବର୍ ଗୁଟେଇଲୁ ନର୍‌ସରୀ କରିବା ପାଇଁ । ଗାଁ ଗାଁରେ ନର୍‌ସରୀ କରି ବୁଲିଲୁ - ଗଛ ଲଗେଇବା ପାଇଁ । ଆମ୍ ଗଛ, ଲିଚୁ ଗଛ, କଦଳୀ, କମଳା ସବୁ ଗଛ ନର୍‌ସରୀରେ କରି ଲୋକଙ୍କୁ ଲଗେଇ ଶିଖେଇଲୁ । ପୁରୁଣା ଗାଁ ଆଉ ନୂଆ ଗାଁ ମାନଂକରେ ନର୍‌ସରୀ କଲୁ । ଜମି ଥିଲାବାଲା ନେଲେ । ସେ ଗଛ ସବୁ ଫଂଳିଲା ପରେ ଏବେ ଲୋକ ସବୁ ଫଳ୍ ଖାଇଲେଣି ।

ସେମିତି ଆର୍ କାମ ହେଲା ଗାଁ ମାନଂକରେ ଯାଇ ମିଟିଂ କର୍‌ବା, ସବୁ ବିଷୟରେ କହିବା - ଆମେ ଆଗେ ଲାଜୁଥିଲୁ - ଟେର୍‌ନିଂ ପାଇ କରି ଶିଖିଚୁ, ତମକୁ ଶିଖାଇବୁ । ବହୁତ ଅଂଧବିଶ୍ୱାସ ଅଛି, ସେ ଅଂଧବିଶ୍ୱାସ କିଛି ମାନ୍‌ବାର୍ ନାଇଁ ବୋଲି ବହୁତ ଗାଁ ଗହଳିରେ ସକାଳେ ଯିବା, ପୁଣି ସଂଧ୍ୟାରେ ଯିବା । ଏବେ ସିନା ଏଠାରେ ଗାଡ଼ି, ଘୋଡ଼ା । ସେତେବେଳେ ଡଂଗର ଚଢି, ପିଲାଂକୁ କାଖେଇ କାଖେଇ ଗାଁ ଗହଳିରେ ଯିବାର୍ । ମୋ ପିଲାକୁ ଧରି ମୁଇଁ ଯାଉଥିଲି । କାଶୀପୁର ପଂଚାୟତ୍ ଛଡ଼ା ଆଉ ପାଖ ପଂଚାୟତ୍ ଗାଁରେ ବି ଗଲୁ । ଖୋଡାପାନୀରେ ଗୁଟେ ନର୍‌ସରୀ କଲୁ, ଶିରିଗୁଡ଼ାରେ ଗୁଟେ କଲୁ, ପରଜାଶିଳାରେ ବି କଲୁ - ଏମିତି କାଶୀପୁର ପଂଚାୟତର ପଚିଶ-ତିରିଶ ଗାଁରେ ନର୍‌ସରୀ କଲୁ ।

ଗାଁ ମାନଂକରେ କ୍ୟାଂପ କରି ମା ମାଂନକୁ ବୁଝାଇଲୁ - ଆମେ ସମସ୍ତେ ଏକା ମ ମଣିଷ, ମଣିଷ ରକତ୍ କେମିତି, ମାଇକିନା ରକତ୍ କେମିତି । ଆମେ ମଣିଷକୁ ଦେଖିଲେ ଡରୁଚୁ । ଆମେ ଡର୍‌ବା ନାହିଁ । ଗୁଟେ ରକତ୍, ଗୁଟେ ଜୀବନ୍, ଆଉ କାଇକୁ ଆମେ ଡର୍‌ବା । ସେ କେମ୍‌ତି ବଡ ହେଲେ, ଆମେ କେମ୍‌ତି ଛୋଟ ହେଲୁ । ଆମ ଘରକୁ ଆମେ ବଡ଼ । ଦାଂଡ଼କୁ ପୁଅ ପିଲା ବଡ଼ । ଆମେ କାହିଁକି ଡ଼ର୍‌ବା । ଆମେ ଝିଅପିଲା ବେଶି କାମ କରୁଚୁ । ବାହାର୍‌କୁ ବାହାରିବା ପାଇଁ ଆମ୍‌କୁ ଭୟ ଲାଗୁଚି । ଆମେ କିଛି



Digitized by srujanika@gmail.com

ଭୟ କର୍‌ବାକୁ ହେବ ନାଇଁ । ଆର୍ କାହାକୁ ଡର୍‌ବାକୁ ହେବ ନାଇଁ । ସେ ବିଷୟରେ ଗାଁ ଗାଁରେ ଆମେ ଟେର୍‌ନିଂ ଦେଲୁ ।

ତା'ପରେ ପାଂଠି । କେତେ ବୁଲି ବୁଲି କେତେ ଶିଖିଆ ଦେଲୁ । ଆମେ ସାଉକାରକେ ଧନୀ କରୁଚୁ, ଲୋକର୍ ଘରେ ଗୋଡି ଯାଉଚୁ, ଲୋକର୍ ଘରୁ ଗୋଡି ମାଗୁଚୁ, ପାଂଚ୍ ମାଣ୍ ଧାନ୍ ମାଗିକରି ଦଶ୍ ଦିନ୍ କାମ୍ କରୁଚୁ । ନିଜେ ପାଂଠି କର୍‌ବା, ନିଜେ ଚାଉଳ ରଖ୍‌ବା, ମାଂଡ଼ିଆ ରଖ୍‌ବା - ବହୁତ କଷ୍ଟକରି ଆମେ ବୁଝାଇଚୁ ଗାଁରେ । ବୁଝିଲା ଗାଁ ବୁଝିଗଲେ, ନ ବୁଝିଲା ଗାଁ ଏବେ ବି ସେମତି ଅଛନ୍ତି । ହେଲେ, ଏବେ ସବୁ ବୁଝିଗଲେଣି, ଆଗକୁ ଆସିଲେଣି । ଏମିତି କରି ଆମେ ଏ ଅଗରଗାମୀରେ ଟେର୍‌ନିଂ କରିଚୁ । ଏ କାମରୁ ଅଧେ ଉପର ଟେର୍‌ନିଂ ନେଲା ଲୋକ୍ ପଲେଇଗଲେ । ଆମେ ତିନ୍-ଚାର୍ ଜଣ ଥାଉ ।

ଏବେ ଗାଁ ମାନଂକରେ ପାଂଠି ହେଲା ମାନ୍‌କେ ସୁବିଧାରେ ଚଳୁଚନ୍ । ଆଗ୍‌ରେ ପାଂଠି ନଥିଲା ବେଳ୍‌କୁ ପାଂଚ୍ ମାଣ୍ ଧାନ୍ ଆଣ୍‌ଲେ କି ପାଂଚ ମାଣ୍ ମାଂଡିଆ ଆଣ୍‌ଲେ - ଗରଭ୍ ଥିଲା ଗାଇ ଆଣ୍‌ଲେ ଦବୁ, ସୁନା ଆଣ୍‌ଲେ ମିଳିବ । ପାଂଚ୍ ଦଶ୍ ମାଣ ଧାନ୍, ମାଂଡ଼ିଆ ପାଇଁ ଆମ ଜମି ଯାଉଥିଲା । ଆମେ ବୁଝେଇଲୁ ।

ଆଗ ଆମ ଗାଁରେ ପାଂଠି କଲେ । ଦେଖି ଆର୍ ଗାଁରେ କର୍‌ବେ ବୋଲି ଆମ ଗାଁରେ ଆରଂଭ କଲୁ । ଚାରି, ପାଂଚ୍ ଘର୍ ଘରକେ ପାଂଚ ମାଣ୍ ଦେଲେ । ଆଉମାନେ କିଏ ତିନ୍ ମାଣ, କିଏ ଦି ମାଣ୍ କରି ସବୁ ଘର୍ ଲୋକ ପାଂଠିକି ଦେଲେ । ଅଗରଗାମୀ ପାଂଠିକି ତିନ୍‌ଶହ ଟଂକା ଦେଲା । ଆର୍ ଗାଁ ମାନଂକରେ ବୁଲି ବୁଲି ମିଟିଂ କଲୁ । ଘରୁ ପୁଅ ପିଲା, ମା ମାନଂକୁ ଡ଼ାକି ଆଣିଲୁ ମିଟିଂକି । ପାଂଠି ପାଇଁ ଚାଂଦା ଦିଆହେଲା । ଅଗରଗାମୀ କୋଉ ଗାଁକୁ ଦୁଇଶ, କୋଉ ଗାଁକୁ ତିନ୍‌ଶ ଦେଲା । ଗାଁ ଗାଁରେ ଏମ୍‌ତି ପାଂଠି ଆରଂଭ ହେଲା ।

କରଜ୍ ଚାଉଳ, ମାଂଡିଆ ବା କୋସ୍‌ଲାରେ ଦିଆଯାଏ, ଟଂକାରେ ବି ଦିଆଯାଏ । କାହାର ଘରେ କିଏ ମଲେ ସେ ଚାଉଳ ନେଲା ଓ ପରେ ବଜାରରୁ କିଣି ଫେରାଏ । କନିଆ ଘର ହେଲେ ଟଂକା ନିଅନ୍ । ଶହେରେ ତିନ୍ ଟଂକା ସୁଧ (ମାସକୁ) । ଯେତେବେଳେ ସୁବିଧା ହେଲେ ଫେରେଇବାର । ଆଗେ ସାଉକାର ଶହେକୁ ପାଂଚ ଟଂକା ନେଉଥିଲା । କରଜ ନେଲେ ସାଉକାର ଘରେ ହଳିଆ ରହିବାକୁ ପଡୁଥିଲା । ଗୁଟେ



Digitized by srujanika@gmail.com

ଦିନ କାମ୍‌କୁ ନଗଲେ, ସାଉକାର ଆସି ମାରୁଥିଲା । ବରଷ୍‌କୁ ପଂଦର ବା କୁଡ଼ିଏ ଟଂକା ଦେଉଥିଲେ । ଆଉ ଧାନ, ମାଂଡ଼ିଆ ଅମାବାସିଆକୁ ଚାରିମାଣ୍ ଆଉ ପୁନିଅକୁ ଚାରିମାଣ୍ - ସତରେ ତିନ୍ ମାଣ୍ - ହେଉଥିଲା । ସାଉକାର ଏମିତି ଭାରି ହିନସ୍ତା କରୁଥିଲା ।

ବହୁତ ସାଉକାର୍ କାଶୀପୁର୍‌ରେ । ଆମ ଗାଁରେ ଗୁଟେ ସାଉକାର ଥିଲା । ସେ ଆଗେ ମାଷ୍ଟର୍ ଥିଲା । ଏବେ ମରିଗଲାଣି । ତା'ର ପାଂଚ୍ ପୁଅ । ଭାରି ଅବସ୍ଥା । ବହୁତ ଜମି, ହେଲେ ହଳ ନାଇଁ ।

ସାଉକାରମାନେ କେତେ ଲୋକଂକ ଜମି ଏମିତି ନେଇଚନ୍ । ମୁଇଁ ଆମର୍ ଘର କଥା ଜାଣେ । ମୋର ବୁଆ - ପାଂଚଭାଇ - ତାଂକର ବାଇଶ୍ ଏକର୍ ଜମି କୃଷ୍ଣ ମହାପାତ୍ରକୁ ବିକିଦେଲେ ଛଅ ହଜାର ଟଂକା ପାଇଁ । ପାଂଚ ଭାଇଁକି ହଜାରେ ହଜାରେ ଟଂକା ମିଳିଲା । ଆଉ ହଜାରେ ଟଂକା ଆମ୍ ଦାନ୍ ଦେଲେ । ବଇସାଖ୍ ମାସରେ ଆମ୍ ଦାନ୍ ହୁଏ ତାକୁ ଦେଲେ । (ଆମ୍ ଦାଦୀମାନେ ଚାଷ୍ କରୁଥିଲେ - ସେ ଜମିରେ ଗୁହାଳ ବାଂଧି, ହଲ୍, ବଲଦ୍ ରଖି ଚାଷ୍ କରୁଥିଲେ । ତିରିଶ, ଚାଲିଶ ପୁଟି ଧାନ୍ ହେଉଥିଲା । ଆମର ବୁଆ ଓ ତାର ଭାଇମାନେ ଏମିତି ଚାଷ୍ କରି ନାହାନ୍ - ସାର ନାଇଁ କି କିଛି ନାଇଁ, ସେ ଜମିରେ କିଛି ହେବ ନାଇଁ ବୋଲି ବିକି ଦେଲେ) । ପାଣି ନଥିଲା; ପରେ ଜମିରେ ପାଣି ଦେବାର ହେଲା । ସେତେବେଲେ ଜାଣି ନ ଥିଲେ ।

ଗଣେଶ ଆଉ ସୁକାଂତି - ଏବେ ଦଶମଂତପୁର୍‌ରେ ଅଛନ୍ - ସେ ଗୁଟେ ସେଂଟର୍‌ରେ କାମ କରୁଥାଂତି । ସେତେବେଳେ ଆମେ ଗାଁ ମିଟିଂ କର୍‌ବାକେ ଯାଇଥିଲୁ । ପିଲାମାନଂକୁ ଇସ୍‌କୁଲ୍‌ରେ ପାଠ୍ ପଢେଇବା ପାଇଁ, ଆଉ ଜର୍ ହେଲେ ମେଡିକାଲ୍‌ରେ ନିଅ । ଗରଭବତୀ ମହିଲାକୁ ଇଂଜିକ୍‌ଶନ୍ ଟୀକା ଦିଅ, ପିଲାମାନଂକୁ ଟୀକା ଦିଅ - ସବୁ ବିଷୟ କହିବା ପାଇଁ ଗାଁ ଗାଁ ବୁଲ୍‌ବାର୍ । ବୁଲ୍‌ଲାବେଳ୍‌କୁ ଗୁଟେ ଗାଁରେ କହିଲେ ଯେ - ଦେଖ, ଅଗର୍‌ଗାମୀରେ ଟେରନିଂ କରି ସୁମନୀ ଝୋଡ଼ିଆଣୀ ଗୁଟେ ଥାଳିରେ ଭାତ୍ ଆଣି ଦେଇଚି, ଗିନାରେ ଶାଗ୍ ଆଣି ଦେଇଚି, ନା ତୁମର କୁଲି ଆଣିଚି ନା - କୁଲି ଆଣିଚି, ଚାଉଳ ମାପି ମାପି ଦେଲେ ଆଣ୍‌ବା - ବୋଲି ବହୁତ କଥା କହିଲେ । ତହିଁରୁ ବି ମା ମାନଂକୁ କେତେ ବୁଝେଇ ବୁଝେଇ କରି ସେ ଗାଁରେ ମିଟିଂ କଲୁ । ମିଟିଂ କଲା ପରେ, ମତେ କିଏ ହେଲେ କହିବେ ନାଇଁ କି ନଦୀରେ ଯାଇଥିଲୁ, ଆଜି ତତେ ଏମ୍‌ତି ଏମ୍‌ତି ବୋଲି କହିଲେ - ବୋଲି କହିଲାରୁ, ମୁଇଁ କହିଲି, ଆମେ ଦେବାପାଇଁ ଆସିନାଇଁ,



Digitized by srujanika@gmail.com

ଆମେ ତୁମକୁ ଶିକେଇବାପାଇଁ ଆସିଚୁ । ସେ ଶିକେଇବାଟା ଆମେ ତୁମକୁ ଦେବୁ । ତୁମେ ଯେବେ ଶିକ୍‌ବ ବୋଇଲେ କେବେ ହେଲେ ଫଳ୍ ପାଇବ ଆମର କଥା ଯଦି ମାନ୍‌ବ ବୋଲେ । ଆମର୍ କଥା ଯଦି ନମାନ୍‌ବ ବୋଲେ ସେ ଗଛରେ ଫଳ୍ ଫଲ୍‌ବ ନାଇଁ । ଆମେ ଗଛ ଲଗେଇବାପାଇଁ ଆସିଚୁ । ନିଜେ ଗଛ ଲଗେଇଲେ ବୋଲି ଗଛ ଲଗେଇଲୁ ବୋଲି ଭାବନାଇଁ, ଆମେ ପାଚଂଟା ପଦ୍ ଶିକାଇଲେ ତୁମ ଗଛରେ ଫଳ୍ ଫଳ୍‌ଲା ବୋଲି ଜାଣ । ଆମେ ତୁମକୁ ଦାନ୍ ଦେବାପାଇଁ ନାଇଁ, ଟଂକା ଦେବାପାଇଁ ନାଇଁ । ତୁମେ ସଂସାରରେ କଣ ଅଛି, ଗୋଲକରେ କଅଣ ଅଛି, ବେମାର ହେଲେ କଅଣ କଲେ କଅଣ ହେବ, ଆଗେ ଆମେ ବେଜୁଣୀ ଦେଖାଉଁଚୁ, ଦିଶାରୀ କରୁଚୁ, ଦୁମା ହାବୁଡିଚି ବୋଲୁଚେ । ମେଲେରିଆ ଏ ବଟିକା ଖାଇଲେ ଛାଡ୍‌ବ । ଝାଡ଼ାପୁତା କଲେ ଛାଡ୍‌ବ ନାଇଁ - ସିଟା ବୁଝେଇବାପାଇଁ ଆମେ ଆସ୍‌ଚୁ । ଆର୍, ତୁମକୁ ଦେବାପାଇଁ ଆମେ ଆସି ନାଇଁ । ତୁମେ ସର୍‌କାର୍‌ରେ ଯାଇ ଦାବିକରି ପାର୍‌ଲେ - ଆଣବ୍, ଧନ୍ ଆଣବ୍, ତୁମକୁ କାମ୍ ମିଳିବ, କାମ୍ କରି ଖାଇବ । ବଲ୍‌କ୍‌ରେ ଯାଇ କରି ବିଡ଼ିଓକେ କଥା ପଦେ କହି ପାର୍‌ବ । ଆମେ ଆଗ୍‌ରେ ଆମର୍ ସର୍‌ପଂଚ୍ କିଏ ବୋଲି ଜାଣୁଥିଲୁ କି? ଏବେ ଗୁଟେ ଏ ସଂସ୍ଥା ଅଗର୍‌ଗାମୀ ଆସ୍‌ଲାସ୍ । ଅଚ୍ୟୁତ ଦାସ, ମାନୁସୀ, ଚଂପତରାୟ ଆମକୁ ଟେର୍‌ନିଂ ଦେଲାରୁ ଆମେ ତୁମକୁ ଟେର୍‌ନିଂ ଦେଇ ଆସିଚୁ । ଯଦି ଆମର କଥା ନ ମାନିଲେ, ଗଲା; ଆମର କଥା ମାନ୍‌ବ ବୋଇଲେ ମଣିଷ ହେବ । ଆମେ କୋଇଠି ଆଣିଦେବୁ? ତୁମେ ଯାଇ ବଲ୍‌କ୍‌ରେ ଦାବି କର, ସରକାର୍‌ରେ ଦାବି କର - ବୋଲି ସେମାନଂକୁ ବୁଝେଇଲାରୁ ସେମାନେ ବୁଝିଗଲେ ।

ମତେ ଦୁଇ ତିନ୍ ଖଂଡ ଗାଁରେ ବୋଲ୍‌ବାର ହେଇଚି - ଚାର୍‌ଯୋଡ଼ି ଗାଁକୁ ଯାଇଥିଲୁ । ଚୁଲି ପକାଇବା ପାଇଁ ବୁଲୁଥିଲୁ । ଦୁଇଟା ଚୁଲା କର୍‌ବାର୍ - ମାଟିକି ହବା, ଆର୍ ନଳା ବାଟେ ଧୂଆଁ ଯିବାର୍ । ସେଟାରେ ବହୁତ ଗଂଡ଼ଗୋଳ କର୍‌ଥିଲେ - ଏଟା ଗୁଟେ କଣ ଦେଇଚ, କି ଚୁଲା ଆଣଚ୍, ଆମ ନିଜ ଚୁଲା ନିଜେ ଆମକେ ଭଲ୍ । ଯେ ଲୋକ ବୁଝିଚନ୍ ସେ ଲୋକ 'ପକା' କହିଲେ, ଆଉମାନେ ଆମ ଚୁଲା ଭଲ୍ ବୋଲି କହିଲେ । ଚୁଲା ପାଇଁ ଆମକୁ ବହୁତ କଷ୍ଟ ପଡ୍‌ଲା । ଶୁଣି ଶୁଣି ସବୁ ଏରିଆରେ ଚୁଲା ପକାଇଲୁ । ଯୋଉ ଲୋକ ବୁଝୁଚନ୍, ସେ ଲୋକ ଚୁଲା ପକେଇବାକେ ମାଟି ଆଣି ଚକଟି ଦେଉଥିଲେ । ଯେ ନ ବୁଝନ୍, ତାଂକ ପାଇଁ ଆମେ ମାଟି ବି ଆଣ୍‌ବାର ।



Digitized by srujanika@gmail.com

ସବୁ କ୍ଷେତ୍ରରେ ଆମେ ଗାଳି ଶୁଣିଚୁ । ମାଟିରେ ଗାଳି ଶୁଣିଚୁ, ଚୁଲାରେ ଗାଳି ଶୁଣିଚୁ, ନର୍‌ସରୀରେ ଗାଳି ଶୁଣିଚୁ, - ପଦାରୁ ଗୋବର୍ ନେଲେ ଆମର ଗୋବର୍ ସେ ଅଗରଗାମୀବାଲା ନେଇଚନ୍ ବୋଲ୍‌ବେ । ନାଇଁ ଏଇଟା ଅଗରଗାମୀ ପାଇଁ ନାଇଁ ତମ ନିଜ ପାଇଁ, ତମ ଗାଁରେ ନର୍‌ସରୀ ହେବ, ନିଜେ ଗଛ ଲଗାଇବ ବୋଇଲେ, ମିଛ, - ନାଇଁ, ଅଗରଗାମୀ ନେବ । ସେମତି ହଉଥିଲା । ପଛେ ପଛେ ବୁଝି ଆଣ୍‌ତେ ଆଣ୍‌ତେ ଲୋକ ବୁଝିଗଲେ ।

## ମଦ କଥାରୁ ମୁଖିଅମଂତ୍ରୀର ଆଡ୍‌ଭାଇଜର୍

ମଦ ଆଗଠୁଁ ଅଛି । ଆମେ ଗୁଟାଏ ମିଟିଂ କଲୁ କଳାହାଂଡିରେ ବିଶୁଅନାଥପୁର ଗାଁରେ । ଆମେ ସବୁ ଏରିଆର ଏଗାର ଜିଲାର ପାଂଚଶ ମହିଲା - କାଶୀପୁରର ପଚାଶ କି ଷାଠିଏ - ଜମିଥିଲୁ । ସେଠି ଗୁଟେ ରାଜ୍ୟସ୍ତରୀୟ ମିଟିଂ ହେଲା । ମୁଁ ମୋର ଛୋଟ ପୁଅପିଲାକୁ ଛାଡ଼ି ଯାଇଥିଲି । ସେଠି ମିଟିଂ କଲୁଁ ଯେ ଆମେ କିମ୍‌ତି ନିଜ ଗୋଡ୍‌ରେ ନିଜେ ଛିଡ଼ା ହୋଇ ପାର୍‌ବା । ସବୁରେ ଆମର୍ ଅଧିକାର ଅଛି, ତେବେ ଆମ ହାତରେ କାହିଁକି ଆଣି ପାରୁନାଇଁ । କିମ୍‌ତି କଲେ କିମ୍‌ତି ଆଣି ପାର୍‌ବା । ଆମ ହାତରେ ସବୁ ତିଆରି କରୁଚ, ଆମେ କାଇଁ ଜାଣ୍‌ବାର ନାଇଁ, ବୋଲି ମିଟିଂ ହେଲା । ବିଜୁ ପଟ୍‌ନାଏକ ସେତେବେଲକୁ ମୁଖିଅମଂତ୍ରୀ ଥିଲା । ବିଜୁ ପଟ୍‌ନାଏକକୁ ଆମେ ଡାକ୍‌ବା ପାଇଁ ଚେଷ୍ଟା କରିଥିଲୁ । ସେ ରାୟଗଡ଼ା ଆସିଲା, ସେଦିନ କଳାହାଂଡି ଆସି ପାର୍‌ଲାନି । କଳାହାଂଡିର ତସିଲ୍‌ଦାର ଆସି ବୁଝେଇଦେଲା ଆମ୍‌କୁ, ନାଇଁ ମା-ମାନେ, ମୁଖିଅମଂତ୍ରୀ ଆସ୍‌ବାଟା ଥିଲା, ରାୟଗଡ଼ା ପଲେଇଗଲା, ମୁଖିଅମଂତ୍ରୀ ଆସିବ ପୁଣି ବୋଲି ଆମ୍‌କୁ ବୁଝେଇ ଦେଲା । ଆମେ ମାନିଗଲୁ । ସେଠି ତାକେ ମୁଖିଅମଂତ୍ରୀକେ ବସ୍ ଷ୍ଟପ୍ ଠାରେ ଦାବି ଦେଲେ: ଆଗେ ମଦ ବିରୋଧୀ ।

ମଦରେ ସୁନା ଯାଉଚି । ମଦରେ ଜମି ଯାଉଚି । ମଦରେ ଗାଈ ମରୁଚି । ମଦରେ ମାଇକିନାକେ ମାରୁଚ । ପୁଅକୁ ବାପା ମାରୁଚି । ବାପାକୁ ପୁଅ ମାରୁଚି । ଘରର ସବୁ ଜିନିଷ ଯାକ ମଦରେ ଯାଉଚି । କୁଲି ମଜୁରି ସେତେବେଲକୁ ପଚିଶ ଟଂକା ଥିଲା । ସରକାର କରି ଦେଇଥିଲା ପଚିଶ ଟଂକା । ହେଲେ, ଦେଉଥିଲେ ମା' ମାନଂକୁ ଦଶ



Digitized by srujanika@gmail.com

ଟଂକା, ବାପ ମାନଂକୁ ପଦଂର ଟଂକା । ବାକି ଦଶ୍ ଟଂକା କୁଆଡେ ଗଲା - ଏଇଟା ଗୁଟାଏ କଥା । ତାପରେ ଅନାବାଦୀ ଡଂଗର୍ ଜମି । ତିରିଶ ଡିଗ୍ରୀ ଉପରକୁ ତମର, ତଳକୁ ଆମର - ଆଦିବାସୀଂକର । ଜଳ, ଜଂଗଲ, ଜମି ଆଦିବାସୀର ବୋଲି କହୁଚ, ଜଂଗଲ କେମ୍ତି ନଉଚ? ଜଂଗଲ ଜାତୀୟ ଦର୍ବ - ଆମ ହାତରେ ଲାଇସେନ୍ ହଉନି, ସରକାର କାହିଁକି ନଉଚି? ଆମର ଅଧିକାର ଅଛି, ଆମକୁ କାହିଁକି ଲିଜ୍ ମିଲିବ ନାଇଁ? ଜମି ପଟା, କିଣା ହେଉ କି ନିଜର୍ ହେଉ, ସ୍ବାମୀ ନାଆଁରେ କାହିଁକି ହଉଚି, ଆମ ନାଆଁରେ କାହିଁକି ହଉନି? ଆମେ ଆଦିବାସୀ ଲୋକ ଗୁଟେ ଟଂକା ଦେଲେ ଛାଡ଼ିକରି ପଲେଇଯାଉଚ୍ । ଜମି ଆମ ନାଆଁରେ ଥିଲେ ଜମି ଛଡ଼ାଇ ପାର୍‌ବେ ନାଇଁ । ଆଦିବାସୀ କୁଳରେ ବାପ ସଂପତିରେ ଝିଅକୁ କାହିଁକି ଅଧିକାର ନାଇଁ? ସବୁ ପୁଅ ପାଉଚି । ଏମିତି ଦଶଟା ପଏଂଟ ଦାବି ଲେଖିକରି ମୁଖିଅମଂତ୍ରୀକୁ ଦେଲୁ । ଦେଲାପରେ ମୁଖିଅମଂତ୍ରୀ କୁଡ଼ିଏ ଦିନ ଶୁଣିଲାନି, ତାପରେ ଆମକୁ ଡାକ୍‌ଲା ।

ମୁଖିଅମନ୍ତ୍ରୀ ଡ଼ାକିଲାରୁ ଆମେ ଅନ୍ୟଲୋକ ଆଠ ଜଣ ଓ ଆଦିବାସୀ ମହିଲା କୋଡ଼ିଏ ଜଣ, ଏମିତି ଅଠେଇଶ ଜଣ ଗଲୁଁ । ଭୁବନେଶ୍ବରରେ ତିନି ଦିନ ଟେର୍‌ନିଂ କଲୁ - କିଏ କୋଉ କଥା କହିବା । କିଏ ଧରିଲେ କୁଲି ମଜୁର, କିଏ ଧରିଲେ ମଦ । ଆଉ କେତେ କଅଣ । ସେଠି କହିଲେ ଏ ଆଦିବାସୀ ମହିଳାମାନଂକୁ ମୁଖିଅମନ୍ତ୍ରୀ ମାନ୍‌ବ ହେଲେ, - ସେ ମାନ୍‌ବ ନାଇଁ ବୋଲି ଭୁବନେଶ୍ବରର ଅଫିସର୍ କହିଲେ, ୟାଡ୍‌ର ଅଫିସର୍ ବି କହିଲେ । ଆଉ କିସ୍ କର୍‌ବା - ମାନ୍‌ଲେ ମାନୁ, ନ ହେଲେ ନାଇଁ, ଆମେ ପଂଚ୍‌ବୁ ତାର ପାଖରେ ବୋଲି, ତାର୍ ଗେଟ୍ ପାସ୍ ଆମକୁ ଦେଇଥିଲା, ସେ ଗେଟ୍‌ପାସ୍ ଧରିକରି ଗଲୁ ।

ତା'ର ବଡିଗାର୍‌ଡ୍ କହିଲା - ମା, ମୁଖିଅମନ୍ତ୍ରୀ ଦଶଟା ବେଳକୁ ଆଇବ । ଯିଏ କଥା ପଦେ କହିପାରିବ, ସିଏ ଆଗୁଆ ଥିବ, ବୋଲି କହିଲା । ଜଣେ କହିଲା କଳାହାଂଡ଼ିର ଆଗକୁ ଯାଉ, କିଏ କହିଲା ସୁମନୀ ଆଗକୁ ଯାଉ । ମୁଇଁ କହିଲି କିଆଁ ଏତେ ଟଣାଟଣି, କାହାକୁ କିଛି ଦବାଟା ନାଇଁ । କଥା ପଦେ କହିବାଟା ।

ବୁଢା (ବିଜୁବାବୁ)କୁ ଦେଖି ମିଂଜରୀ ମାଇପିଟା ତ ଥରିଗଲା । ସେ ଥରିଗଲାରୁ ମୁଁ ଠିଆ ହେଲି । ଠିଆହେଲାରୁ, "ଏ, କୋଉ ଜିଲା, କୋଉ ଗାଁ, କଣ ନାଆଁ" ବୋଲି ପଚାରିଲାରୁ "ଆଗିଆଁ, କାଶୀପୁର ବଲକ୍, ରାୟଗଡ଼ା ଜିଲା, ଶିରିଗୁଡ଼ା ଗାଁ, ନାଆଁ



Digitized by srujanika@gmail.com

ସୁମନୀ ଝୋଡ଼ିଆ । କଳାହାଂଡି ବିଶ୍ୱନାଥପୁରରେ ଆମେ ମିଟିଂ କଲୁ । ତତେ ଡ଼ାକିଥିଲୁ । ତୁ ନ ଆସି ପାରିଲାକୁ ଆମେ ଦଶ୍‌ଟା ଦାବି ଦେଇଚୁ । ଦାବି କଣ୍ କଲୁ, ପୂରଣ ହେବ କି ନାଇଁ, ସିଟା ବୁଝିବାକେ ଆମେ ଆସିଚୁ" ବୋଇଲାକୁ କହିଲା, "ଆରେ, ନାତୁଣୀ, ମୋ ନାତୁଣୀ" ବୋଲି ପିଠିରେ ତୁମ୍ ତୁମ୍ ମାରିକରି ବୁଢ଼ା ସାଂଗରେ ନେଇ - ପାଂଚ୍ ମିନିଟ୍ ରହିବୁ ନାଇଁ ବୋଲି ଲୋକ ଭାବୁଥିଲେ - ପାଂଚ୍ ଘଂଟା ରହିଲୁ । ସବୁ ବିଷୟରେ କହିଲୁ - କିଏ ମାଇନିଂ ବିଷୟରେ, କିଏ ମଦ ବିଷୟରେ, କିଏ କୁଲି ମଜୁରି ବିଷୟରେ କହିଲା । କିଏ ମଝିରେ ମଝିରେ ଛାଡ଼ି ଦଉଥିଲେ । ମୁଁ ସବୁ ବିଷୟରେ - ୟେ ଏଇଟା ଛାଡ଼ିଗଲା, ୟେ ସେଇଟା ଛାଡ଼ିଗଲା - ବୋଲି ସବୁ ବିଷୟରେ ପୂରଣ କରି କହିଦେଲି । ଅନ୍‌ଦାରୀ ମାଝି, ସବାଇ ମାଝି ମଦ ବିଷୟରେ ବହୁତ କହିଲେ । "ଆଗିଆଁ, ମଦରେ ସୁନା ଯାଉଚି, ମଦରେ ଜମି ଯାଉଚି, ମଦରେ ମାଡ଼ଗୋଳ, ମଦରେ ମାର୍‌ପିଟ, ଏ ମଦକୁ ଲାଇସେନ୍ ଯଦି ଦେବୁ - ମହୁଲ ଲାଇସେନ୍ ଦବୁ - ବୋଇଲେ କୋଡ଼ିଏ ପଚିଶ ଜଣ ମହିଲା ଆସିଚୁ, ଏଇ ତୋର ବାସନ ମାଜିବୁ, ହେଲେ ଜିବୁ ନାଇଁ" ବୋଲି ବୁଢ଼ାକୁ ଧମକାଇଲୁ । ତୁ ମହୁଲ୍ ଲାଇସେଁସ୍ କାହିଁକି ଦଉଚୁ? "ନାଇଁ ମା ମାନେ, ଗୋ ଖାଇବା ଖାଦ୍ୟ ପାଇଁ ଦେଉଚୁ, ଏଟା ମୁଇଁ ମଦ ରାନ୍ଧିବା ପାଇଁ ଦେଉନି ।" "ଆଗ ବାଟେ ମୁଁଡ଼ ଅଛି କି ପଛ ବାଟେ, ଆଗିଆଁ, ସେ ଭଳିଆ ଗୋ ଖାଦ୍ୟ କି ? ଲୋକ ଗୋ ଖାଦ୍ୟ ପାଇଁ ମହୁଲ୍ କିଣି ନେବାଟା ଦେଖୁଚୁ କି?" - ଏମ୍‌ତି କେତେ କହିଲୁ । ସେ କହିଲା, "କଟକ ସହରରେ ସେ ଦିନ ପାଂଚ ଶ ଲୋକ ମରିଗଲେ, ମୁଁ ମଦ ବଂଦ କରିପାରିଲିନି । ତମର ପଛ କାନିରେ ମାଂଡ଼ିଆ ନେଇ ଯେମ୍‌ତି ରୋଷେଇ କରୁଚ, ସେ ଭଳିଆ ମଦ ରାଂଧିକରି ଖାଉଚ । ତମର ମହିଲା ମଂଡ଼ଳ, ତୁମର ଯୁବକ୍ ସଂଘ୍ ଯଦି ରାଜି ହେଇଯିବ, ତମର ଅଂଚଳରେ ମଦ ରନ୍ଧା ହେବ ନାଇଁ । ମୁଇଁ କିଛି ମଦ ବଂଦ କରି ପାର୍‌ବି ନାଇଁ ।" "ଯଦି ମଦ ବନ୍ଦ କରି ନପାରିବୁ, ତେବେ କାହିଁକି ଓଡ଼ିଶାର ମୁଖିଅମନ୍‌ତ୍ରୀ ହୋଇଚୁ ? ଯାହାକର୍, ମଦ ପାଇଁ ଆମେ ଆଂଦୋଳନ କର୍‌ବୁ ଏକା । ମଦ ପାଇଁ ତୁଇ ଲେଖିକରି ଖଂଡେ ଦେ । ଆମେ ଯାଇ ମଦ ଆଂଦୋଳନ କର୍‌ବୁ" ବୋଲି କହିଲୁ । ଆମେ ମଦ ସାଂଗକୁ ଜମି ବିଷୟରେ, ମାଇନିଂ ବିଷୟରେ, କୁଲି ମଜୁରି ବିଷୟରେ, ଲାଇସେନ୍ ବିଷୟରେ କହିଲୁ । କୁହା ହେଲାକେ ସେ ବୁଢ଼ା ଆମ ଭିଡ଼ରୁ ତିନ ଜଣକେ ଆଡ୍‌ଭାଇଜର୍ ରଖିବାକୁ କହିଲା । ଆମେ କହିଲୁ, ଆମେ ଏତେ ଜିଲାରୁ



Digitized by srujanika@gmail.com

ଏତେ ଆସିଛନ୍, ତିନିଜଣ ସବୁଆଡ଼ କଥା କହିପାରିବେ ନାହିଁ। ଆଠ୍ ଜଣଙ୍କେ ଆଡ଼ଭାଇଜର୍ କର୍ ବୋଲି ମୁଖିଅମନ୍ତ୍ରୀକେ ଲେଖି ଜଣାଇଲୁ। ରାୟଗଡ଼ା ଛଡା ଢେଂକାନାଳ୍, ସୁନ୍ଦରଗଡ଼, ସଂବଲପୁର, କଲାହାଂଡ଼ି, ଫୁଲବାଣୀର ମହିଲାଂକ ନାଆଁ ଦେଲାରୁ ସେ ଏତେ ଜଣଂକୁ ଆଡ଼ଭାଇଜର ରଖିଲା। ଆଡ଼ଭାଇଜର୍ ରଖିଲା ଯେ ଆମ୍ ଆଡ଼ଭାଇଜରଂକୁ ଚିନେଇବାପାଇଁ ଆଡ଼ଭାଇଜର୍ ରଖିଲା। 'ତୁମର କଥା ମୁଇଁ ମାନିକରି ରହିବି, ମୋର କଥା ତୁମେ ମାନିକରି ରହିବ' ବୋଲି ଆଡ୍ଭାଇଜର୍ ରଖିଲା। ଆଡଭାଇଜର୍ ରଖିବାର ଛଅ ମାସ ହେଲାକୁ, ଓଡ଼ିଶାରେ ତିରିଶ୍ଟା ଜିଲା ଅଛି, ସେ ତିରିଶ୍ଟା ଜିଲାର ଜିଲାପାଳକୁ ଡାକ୍ଲା, ତା'ର ଡ଼ି.ଜି. ପୁଲିସ୍‌କେ ଡ଼ାକ୍ଲା - ଏମ୍ତି କେତେ ବଡ୍ ବଡ୍ କଲେକଟର୍, ଡିଏସ୍ପି, ପୁଲିସ୍‌କୁ ଡାକିକରି ସେକେର୍‌ଟେରୀ ଆଫିସ୍‌ରେ ଗୁଟେ ମିଟିଂ କରେଇଲା। ମିଟିଂ ହେବା ଜାଗାରେ ଚେଆର୍ ପଡିଚି, ଆମେ ଆଠଜଣ ମହିଲା ଯାଇ ବସିଚୁ - ସେ କଲେକ୍ଟର୍‌ମାନେ କହିଲେ, ମୁଖିଅମନ୍ତରୀ ଆସ୍‌ବେ, ଝିଅପିଲା ହେଇ ଏଠି ବସ୍‌ଚ ପାଖରେ - ଯାଅ ପଛକାନିରେ। ଦାଦାଗିରି କରି ବସିଚନ୍! ଆମେ, ଡ଼ର ତ, ଉଠି କରି ପଛ୍‌କାନିରେ ପଳାଇଲୁ।

ମୁଖିଅମନ୍ତ୍ରୀ ଆସିଲା। ତାହିଁ କହିଲା: 'ଏ, ମୋର୍ ଆଡ୍ଭାଇଜର୍‌ମାନେ କଅଣ ପଛ୍‌କାନିରେ! ମୋ ଆଗରେ ଆଣ। କଲେକ୍ଟ୍‌ରମାନେ ବଇଲ୍‌ବଇଲ୍ କରି ଦେଖିଲେ। 'ଯାଅ ପଛକାନିରେ' ବୋଲି ତାଂକେ କହିଥିଲେ। କହିଲେ, 'ମା ମାନେ, ଆଗକୁ ଆସ'। ବସ୍‌ଲା ବେଳକୁ ସେଠି ଏକା କହିଲା ଯେ, "ବହୁତ କଥା ଅଛି। ଏ ଆଠ୍‌ଜଣ ମୋର ଆଡ୍ଭାଇଜର୍। ୟାଂକମାନଂକ କଥା ଜିଲାପାଳ ଯଦି ନ ମାନିବ ତାକୁ ସସ୍‌ପେଂଡ୍ କରାଯିବ। ଏସ୍‌ପି ହଉ, ଡିଏସ୍‌ପି ହଉ, ଜିଲାପାଳ ହଉ - ସମସ୍ତଂକୁ ଚିନେଇବାକୁ ମୁଇଁ ମିଟିଂ ଡାକ୍ଲି। ୟାଂକମାନଂକୁ ପୁଲିସ୍ ସପୋଟ୍ କର୍‌ବ, ସମସ୍ତେ ସପୋଟ୍ କର୍‌ବ। ମୁଁ ୟାଂକୁ ଏସ୍‌ପି ପାୱାର ଦେବି" । ମୁଇଁ ସେଇଠି କହିଲି ଯେ 'କାହିଁକି ଆମ୍‌କେ ଏସ୍‌ପି ପାୱାର ଦେବୁ? ଆପଣ ମୁଖିଅମନ୍ତ୍ରୀ ହେଲାକେ ଆସିଲୁ। ଆସି କଥାପଦେ ହେଲାକେ, ଆମ୍‌କୁ ଆଡ୍ଭାଇଜର କଲୁ। ମନେ ନାଇଁ ? ଆମକୁ ପୁଲିସ୍ ପାୱାର୍ ଦେବୁ। ଆମେ ଝିଅ ପିଲା, ମଦହାଂଡି ଭାଂଗ୍‌ବା ପାଇଁ ଯିବୁ। ଗୁଟିଏ ଘରେ ଜଣେ ମଦ ରାଂଧୁନାଇ - ଗଉଡ଼ ରାଂଧୁଚି, ଶୁଂଢୀ ରାଂଧୁଚି, ଝୋଡ଼ିଆ ରାଂଧୁଚି। କୋଉ ଝିଲାରେ, ଗଛ ମୂଳରେ ଠେଂଗାବାଡ଼ି ଧରିକରି ଆମକୁ ମାରିଦେଲେ, ଏଭଳିଆ ଲୋକକୁ



Digitized by srujanika@gmail.com

ବାହାରକରି ପାର୍‌ବୁ କି? ଆମ ଘରର ପରିବାରକୁ ଏଇ ଭଳିଆ ଲୋକକୁ ବାହାରକରି ପାର୍‌ବୁ କି ? ଆମେ କେବେ ହେଲେ ରାଜି ହେବୁ ନାଇଁ । ଓଡ଼ିଶାରେ ପୁଲିସ୍, ଡି.ଜି. କାହିଁକି ଅଛି? ବଲ୍‌କ୍‌ରେ ଥାନା କାହିଁକି ଅଛି? ଜିଲାରେ ଜିଲାଦାର୍ କାହିଁକି ଅଛି? ସେଇମାନେ ମଦ ବିଷୟରେ କାହିଁକି ଆଂଦୋଳନ କରିବେ ନାଇଁ? ଆମେ କାହିଁକି କରିଯିବୁ? ଆମକୁ ଦରକାର ନାଇଁ । ଆମେ ମଦ ଆଂଦୋଳନ କରିବାକୁ ଯିବୁ ନାଇଁ" ବୋଲି କେତେ ମନାକଲୁ । "ନାଇଁ, ନାଇଁ, ମୁଁ ବିଲ୍‌କୁଲ୍ ଛାଡ଼ିବି ନାଇଁ । ତୁମକୁ ଗୁଟେ ଗୁଟେ ଲେଖାଁ ତେରେସ୍ ଦିଆଯିବ, ଆଉ ଗୁଟେ ଲେଖା ଟରଚ୍ ଦିଆଯିବ । ତୁମେ ମଦ ହାଂଡ଼ି ଭାଂଗ୍‌ବା ପାଇଁ ସୁବିଧା ହେବ । ତମକୁ ସରପଂଚ୍ ସାହାଯ୍ୟ କର୍‌ବ, ଜିଲାପାଳ ସାହାଯ୍ୟ କର୍‌ବ, ପୁଲିସ୍ ସାହାଯ୍ୟ କର୍‌ବ, ସମସ୍ତେ ସାହାଯ୍ୟ କର୍‌ବ" । ଆମେ କହିଲୁ, ନାଇଁ, ସେ ପୁଲିସ୍ ଯାଇକରି ହାଂଡି ଭାଂଗୁ । ମନାକଲାରୁ ମନା ହେଲା ନାଇଁ । ପୁଲିସ୍ ଅର୍‌ଡର୍ ଦେଇଦେଲା । ମୁଁ କହିଲି, "ଏତେ ପାୱାର ଦେଉଚୁ ଆମ୍‌କେ । ଆମର୍ କଥା ମାନ୍‌ବୁ କି ନାଇଁ? ଆମର କାଶୀପୁରକୁ ଆସୁଚୁ, ସେଠି ମେଡ଼ିକାଲ ଗୁଟେ ବାଂଧୁ ନାହିଁ? ମତେ ଡ଼ାକି ଡ଼ାକି ଏତେ କଥା - ମୋର କଥା ତୁଇ ମାନୁନାହିଁ, ତୋର କଥା ମୁଇଁ ମାନୁଚି । ମେଡ଼ିକାଲ୍ ଗୁଟେ ବାଂଧ୍" । 'ହଁ' ବୋଇଲା ।

'ତତେ ଗୁଟେ ଗାଡ଼ି ଦେବି' ବୋଇଲା । "ମୋର ଗାଡ଼ି ଗୋଟେ କି ଦର୍‌କାର୍ । ଚପଲ୍ ନଥିଲା ଗୋଡ଼ରେ ମୁଇଁ ଚାଲ୍‌ବି - ମୁଇଁ ଆଦିବାସୀ, ଅଣ-ଆଦିବାସୀ ନୁହେଁ, ଡ଼ଂଗର ଚଢିଯିବା ଲୋକ, ନଦୀରେ ଭାସିଯିବା ଲୋକ, ମତେ ଗାଡ଼ି କାହିଁକି ଦରକାର? ଆମ କାଶୀପୁରରେ କୁଡ଼ିଏଟା ପଂଚାୟତ୍ ଅଛି । ଗୁଟେ ଗୁଟେ ପଂଚାୟତ୍ କୁଡ଼ିଏ କିଲୋମିଟର୍, ଚାଲିଶ୍ କିଲୋମିଟର୍ । ଦେ ମେଡ଼ିକାଲ୍‌କୁ ଗାଡ଼ି । ରୋଗୀ ହେଲେ ଯିବେ । ମତେ ଦେଇ କଣ ହବ?" ବୋଲି କହିଲି । "ନାଇଁ, ତତେ ଦେବି" । "ନାଇଁ, ମତେ ଦେ ନାଇଁ । ଦେଇଦେ ଗୁଟେ ମେଡ଼ିକାଲ୍‌କୁ" ବୋଇଲାରୁ, ଗୁଟେ ଗାଡ଼ି ମେଡ଼ିକାଲ୍‌କୁ ଦେଇଦେଲା । ତିନିମାସ ପରେ ମୁଇଁ ଦେଉଚି ବୋଇଲା ।

ସେମ୍‌ତି କରି ମଦ ପାଇଁ ବହୁତ ଆଂଦୋଳନ୍ କରିଥିଲୁ ଆମେ । କେତେ ଗାଁ ଧରି ସବୁ ଏରିଆର ମା ମାନଂକର ଗୁଟେ ମିଟିଂ ଆମେ କଲୁ । ଅନ୍ୟ ବହୁତ ଜାଗାରେ ମଦ ବଂଦ୍ ହେଲାଣି, ଡ଼ଂଗାସିଲିରେ ମଦରଂଧା ଚାଲିଚି । ସେଠି ମଦହାଂଡି ଭାଂଗ୍‌ବା ବୋଲି କଥା ହେଲା । ସେ ଗାଁରେ ପହଂଚିଲାରୁ, "ମା ମାନେ, ଏଡ଼େ କେଣେ ଆସିବ,



Digitized by srujanika@gmail.com

କେଣେ ଆସିଚ" ବୋଲି ପଚରା ହେଲାରୁ ଆମେ, "ନାଇଁ, ହଲ୍‌ଦୀ କିଣିବା ପାଇଁ, ମଛି କିଣିବା 'ପାଇଁ" ବୋଲି କହି, ଗୁଟେ ଗଛତଳେ ମିଟିଂ କଲୁ । ଆଗ ଗଲୁ ସେଠି ମେନ୍ ଲୋକକୁ ଧର୍‌ଲୁ । "ଆଗିଆଁ, ଆମକୁ ଟିକିଏ ସାହାଯ୍ୟ କର, ଆମେ ମଦ ହାଂଡ଼ି ଭାଗିବା ପାଇଁ ଆସିଚୁ, ଯେଉଁଠେ ମଦ ଅଛି, ସେଠି ଆମେ ହାଂଡି ଭାଂଗ୍‌ବୁ" । "ଏ ମା, ମଦ ଗୁଟେ ଗିଲାସ୍ ବାହାରିଲେ ମୁଇଁ ହାରିଯିବି । ମଦ ଏଠି ବିଲ୍‌କୁଲ୍ ନାଇଁ । ମୁଁ ତମ ସପୋଟ୍ କରି ଆଇବି ନାଇଁ । ଏ ଏରିଆରେ ମଦ ଗୁଟେ ଗିଲାସ୍ ଥିଲେ ମୁଁ ହାରିଯିବି । ମୋ ଏରିଆରେ ବିଲ୍‌କୁଲ୍ ମଦ ନାହିଁ । ମୁଁ କାହିଁକି ଅଛି?" ବୋଲି କହିଲା ।

"ମଦ ଥାଉ କି ନ ଥାଉ, ଡେରେସ୍ ପିନ୍ଧି ଏତେ କଥା, ଦାଦାଗିରି ହେଉଚୁ" ବୋଲି କହିଲାରୁ, "ତୁ ଅଂଡାରୀ କି?" ବୋଲି କହିଲା । "ଆମେ ମଣିଷ, ମୁଇଁ ସୁମନୀ ଝୋଡ଼ିଆ ମଣିଷ, ଆମେ ଏତେ ଗୁଡେ ମଣିଷ ଆସିଚୁ, ଅଂଡ଼ାରୀ ମୁଂଡ଼ କଣ ଅଛି? ଏତେ ଗୁଟେ ମୁଂଡ଼ ସାନ ହେଲା, ଅଂଡ଼ାରୀ ମୁଂଡ଼ ବଡ଼ ହେଲାକି" ବୋଇଲୁ । ଆମର ଗୋମତୀ, "ଆଣ୍ ଗା, ଡେରେସ୍ ତ ଲଗେଇବା" କହିଲାକେ ସେ ପୁଲିସ୍ ହେଡ୍ ଉଠି କରି ଯାଇ ତା'ର ଡେରେସ୍ ପିଂଧିଲା । "ନାଇଁ ମା, ନାଇଁ ମା, ବାହାରିବି, କେନ୍‌ତେ ବାହାରିବି ନାଇଁ", ବୋଲି କହି ଇଆଡ଼େ ସାଇକେଲ ପଠାଉଚି, ସିଆଡ଼େ ସାଇକେଲ୍ ପଠାଉଚି, ମଦ ଲୁକେଇବା ପାଇଁ । ଗୁଟେ ଘରେ ଗଲୁ । ସାଇକଲ ଦେଖ, ସେ ହେଡ୍ କାହିଁକି ସାଇକଲ ପଠାଉଚି । ମଦ ଲୁକେଇବା ପାଇଁ । ଆମେ ଗୁଟେ ଆଇଡ଼ିଆ କଲୁ । ଗୁଟେ ଘରେ ପଶ୍‌ଲାକୁ, ଦେବତା ଘରେ ପଶ ନାଇଁ, ମଦ ନାଇଁ ବୋଲି କହିଲେ । ହଉ, କହିଲୁ । କନେଷ୍‌ଟବଲ୍ ଗୁଟେ, ସେ ଘରୁ ବାହାରିଲା । "ଗୁଡି ମାଗି ଆସିଥିଲ କି, ମାଂଡ଼ିଆ ନେଇ ଆସିଥିଲ, କି ଧାନକାଟି ଯାଇଥିଲ? ମକା ନେବ, କି ମାଂଡ଼ିଆ ନେବ, କି ଧାନ ନେବ?" - ସେମ୍‌ତି କହିଲା । "ତମର ଚାକ୍‌ରୀ ପଲେଇବ, ଆମେ ବିନା ଅର୍‌ଡର୍‌ରେ ଆସି ନାହୁଁ, ଆମର୍ ମୁଖିଅମନ୍‌ତ୍‌ରୀ ଅର୍‌ଡର୍‌ରେ ଆସିଚୁ । ଆଗରେ ଆମେ ଆସିଥିଲୁ କି? ତୋର ପେଟ ପୋଷ୍, ନାଇଁ ଦୋଷ୍ ହେଉଥିଲୁ, ଏବେ ତୋର୍ ଚାକ୍‌ରୀ ଯିବ" ବୋଲି କହିଲୁ । "ତୁମେ ମତେ ଏତେ କଥା କହିବାର କିଏ" ବୋଲି କହିଲା ।

ଆମେ ମଦହାଂଡ଼ି ଭାଂଗ୍‌ବା ପାଇଁ ଖୋଜ୍‌ବା ପାଇଁ ଗଲୁ । ସେ ସାଇକଲିଆ କଲୋନୀ ସାଇ ଗଲାକେ ଆମେ କଲୋନୀ ସାଇ ଧାଇଁ ଧାଇଁ ପଳେଇଲୁ । ସେଠି ଗଲାବେଳକୁ, ଯୁଠି ମଦ ଅଛି, ସେଠି ଗାଈ ଚାମଡ଼ା ଦାବି ଦେଲେ । କାଲି କି ପଅର



Digitized by srujanika@gmail.com

ଦିନର ଗାଇ ଚାମଡ଼ା - ବାସ୍ନା ହେଉଥେ - ଦାବି ଦେଲାରୁ ଆମେ ପଶିଲୁ ନାଇଁ । ଗୁଟେ ଘରେ ପଚ୍ଚା ହାଂଡ଼ି ହେବା, ଭିତରେ ଗାତ ମାରି, ଏଡ଼େ ଏଡ଼େ ଗୁନ୍ହା, ଦଶ୍ ମାଣ୍ ପଂଦର୍ ମାଣ ଧର୍ବା ଗୁନ୍ହା, ତାର ଉପରେ ପଟା ଦାବି ଦେଇଚନ୍ । ସେପଟେ ପାଇକରି ବସ୍ । ସେପଟ ଆଗା ବୋଲି ଭାବୁଚୁ । ମଦର କିଛି ଚିନ୍ହ ନାଇଁ । ତା'ର ଉପରେ ଦାଦ୍ରା ବାଂଧିଦେଇ ଜରି କାଗଜକୁ ତା'ଉପରେ ପଟା ଦାବି ଦେଇଚନ୍ । ଆର୍ କେନେ ବାସ୍ନା କର୍ବ? ସେଠି ଡ଼େଇଁ ଡ଼େଇଁ ଏକା ବୁଲ୍‌ଲୁ । କେମ୍‌ତି କରି କିଏ ଗୁଟେ ମେଁରେ ମାଡ଼ି ଦେଲା, ଦିଶିଗଲା । ଦିଶିଗଲାକୁ, ହଁ, ତାକୁ ଠେଂଗା ଆଣିକରି ଛେଚିଦେଲୁ ସବୁ । ବଡ୍ ବଡ୍ ପତର ଆଣି ସେ ଠେଂଗାରେ ବାଂଧି ହାଂଡ଼ିରେ ଖୁଂଦି ଦେଲୁ । ହାଂଡ଼ି ସବୁ ଭାଂଗିଦେଲୁ । ଇଆଡେ ହରିଜନ ବସ୍‌ତି ଭିତ୍ରେ ଦଂଗା ସବ୍ ଲୁକାଇ ଦେଇଚନ୍ । ଗୁମତୀ ଧରିଦେଲା । ଗୁଟାଏ ଜାର୍‌କେନ୍ (ଜେରିକ୍ୟାନ୍) ଗୁଟାଏ ହାଂଡ଼ିରେ ମଦ ଧରିକରି ରାସ୍ତାରେ ରଖିଲେ । ଆଉ ଯୋଉ ଘରୁ ମଦ ଧରାହେଲା ସେ ଘରର ଗୁଟାଏ ଝିଅକୁ ଧରି ଗୁମତୀ ଆଉ କୋଡ଼ିଏ ଜଣ ରାସ୍ତା ଉପରେ "ଡଂଗାସିଲି ଗାଁ ଜିତିଗଲା, କାଶୀପୁର ମହିଳା ମଂଡ଼ଳ ହାରିଗଲା" ବୋଲି ସୋଲ୍‌ଗାନ୍ ଦେଲା । ଆମେ ସେ ବାଟେ ଆସ୍‌ଲୁ, ସେ ମଦ ହାଂଡ଼ି ମୁଂଡ୍ରେ ବୋହିକରି ।

ଆମେ ମାଂଡିବିଶି ଯାଇଥିଲୁ ଆମ ସଂଗଠନ ପାଇଁ । କୁଡ଼ିଏ କି ପଚିଶଟା ମିଂଟି କରି ମାଂଡ଼ିବିଶି ଏରିଆର ମା ଆଉ ଆମ ଏରିଆର ଆଠ-ଦଶ ମା ସବୁ ମିଶି ମିଂଟି କରି ଆମେ ଆସୁଥିଲୁ । ଆମେ ମଦୁଆକୁ ବାଟରେ ଦେଖି ଲୁଚିଗଲୁ । ସେ ମଦୁଆ ଗଲାରୁ ଆମେ ଚାଲିଲୁ । କିଂତୁ ସେ ମଦୁଆ ଆମକୁ ଦେଖି ଲୁକିଗଲା । ମାଂଡିବିଶିରେ ଗୁଟେ ଦୁକାନ୍ ଅଛି, ସେଇ ଦୁକାନ୍‌ରେ ଲୁକିଥିଲା । ଆମେ ମୁଢ଼ିଲିଆ କିଣି ଖାଇ ଖାଇ ଆସୁଥିଲୁ, ଅଇଲା ବେଳକୁ ମାଂଡ଼ିବିଶିର ନାରଣ ବାହ୍ମଣ କହିଲା ଯେ ତମେ ଆସିଥିଲେ ନାନୀ, ମୁଇଁ ତ ହାଂଡି ଭାଂଗି ଥାଇତୁ, ମାଂଡ଼ିବିଶିର ଯୁବକ୍ ସଂଘ୍, ମାଂଡ଼ିବିଶିର ମହିଲା ମଂଡ଼ଳ ସବୁ ମିଶି ହାଂଡ଼ି ଭାଂଗି ଦେଲୁ । ବୋଇଲାକୁ, ମୁଁ କହିଲି, ଆରେ ଭାଇ, ଆମେ ଦିନ୍‌କ ଆସ୍‌ବୁ, ସବୁ ଦିନେ ଆସି ପାର୍‌ବୁ ନାଇଁ । ନିଜ କଥା ନିଜେ, ନିଜେ ହାଂଡ଼ି ଭାଂଗିଲେ ଭଲ୍ । ତୁମେ ତ ଅଛ ଆମ ସଂଗଠନ୍ ଆସ୍‌କରି କିସ୍ କର୍‌ବାଟା, ବୋଲି ମୁଇଁ କହିଲି । କହିଲା ପରେ, "ହଇ ନାନୀ, ଦୁଇଦଳ ମିଶିଥିଲେ ଭଲ ହୋଇଯାଇ ଥାନ୍" ବୋଲି ସେ ମାଂଡ଼ିବିଶି ପିଲା କହିଲା । କହିଲା ପରେ, ଆମେ ଅଇଲା



Digitized by srujanika@gmail.com

ବେଳକୁ ଗୁଟେ ମଦୁଆ – ତା ଗାଁ ନାଆଁ ପିପଲପଦର, ତା'ର ନାଆଁ ହେଲା ମିଂଜୁ ମାଝି – ସେ ଆମକୁ କେରେ ଆଣିକରି ମାରିବାକୁ ଚେଷ୍ଟା କଲା । "ତତେକୁ ଶଲା କଲେକ୍ଟର୍ ଅର୍ଡର୍ ଦେଇଚି, କୁ ଶଲା ମୁଖିଅମନ୍ତ୍ରୀ ଅର୍ଡର୍ ଦେଇଚି, ମଦ ହାଂଡ଼ି ଭାଂଗ୍ବା ପାଇଁ, ମଦ ବଂଦ୍ କର୍ବା ପାଇଁ, ଶଲାକୁ ଆଜି ମାଡ଼ ମାରି ଦେବି, ମୁଁ ପେଟେ ଖାଇଚି, ଗେଂଢେ ଧରିଚି" । ମୁଁ କହିଲି, "ଆରେ ଭାଇ, ପେଟେ ଖା, ଗେଂଢେ ଧର୍, ତତେ କିଏ ମନା କରୁଚି କି, ଆମେ କିଛି ରାମକୁଷ୍ଟ କହିନାଇଁ, ଆମ ସାଂଗରେ କିଆଁ ଲାଗୁଚୁ" – ଯେତେ ବୁଝେଇଲାକୁ ସେ ବୁଝିଲା ନାଇଁ, ଆମ୍‌କୁ ମାର୍ବାକୁ ଆସ୍ଲା । ଆଜି ତତେ ନିଶ୍ଚେ ମାର୍ଦେବି, ଜୀବନ୍‌ରେ ମାର୍ଦେବି, ବୋଇଲା । ମତେ ଜୀବନ୍‌ରେ କେମ୍ତି ମାର୍ବୁ ମାର୍ତ ଦେଖ୍ବା ବୋଲି ତାକୁ ଧରି କରି, ତାକୁ ମାରିଲୁ ନାଇଁ; ତାକୁ ଜୁଡ଼ାଇ କରି ଏକା ପେଟେ ମାଡ଼ି ଦେଲୁ, ପେଟରୁ ଏତେ ମଦ ବାନ୍ତି କଲା । ଛଡ଼ାଇ ଦେଇକରି ଗୁଟେ ଜଲ୍‌ହାରେ ପକାଇ ଦେଲୁ, ଆମେ ପଳେଇ ଆସିଲୁ । ଆମେ ପଳାଇ ଆସ୍ଲାରୁ କିସ୍ କଲା ସେ, ଏତେ ଖନ୍ କୁସୁନା ଚାଉଳ ମାଗି କରି, ଗୁଟେ ବୁଟି ଟାଂଗିଆ ଧରିକରି ମତେ ହାଣ୍ବା ପାଇଁ ଚେଷ୍ଟା କଲା । ହାଣ୍ବା ପାଇଁ ଚେଷ୍ଟା କଲାକେ ଆମେସବୁ ମାକେଲା ଲୋକ, କେତେବେଳେ ମାରିଦେବ, ବୋଲି ଲୁକିଦେଲୁ । ଲୁକିଦେଲାରୁ ତାଂକ ଗାଁର ଲୋକ ଆସିକରି ଟାଣି କରି ତାକୁ ନେଇଗଲେ । ନେଇଗଲାରୁ, "ନାଇଁ, କାଳେ କେତେବେଳେ ଭଲ୍, କେତେବେଳେ ଖରାପ୍, ଆଉଥରେ ଆସ୍ଲେ ଗଂଡ଼ଗୋଳ କର୍ବ । ଆକୁ ସିଧା ନ କଲେ ହବନାଇଁ" ବୋଲି ଆସି କାଶୀପୁର ଥାନାରେ ଆମେ କେସ୍ ଦେଇଦେଲୁ । ଥାନାବାବୁ ଯାଇକରି ତାକୁ ଚାରି-ପାଂଚ୍ ଦିନ ଆଣିକରି କେସ୍ କଲା । କେସ୍ କଲାକୁ ତାକୁ ବାଂଧି ନେଲେ । ଥରେ ମୁଇଁ ତାକେ ବୁଝେଇଲି – "ଭାଇ, ମୁଇଁ କେସ୍ କଲି, କିସ୍ ହେଲା ଯେ, ଅପରାଧୀ ହେଇଯିବା" ବୋଲି ବୁଝେଇଲାରୁ ମାନ୍ଲା ନାଇଁ, ସେ ଜେଲ୍‌ରେ ଗଲା । ଜେଲ୍‌ରେ ଗଲାକୁ ମାଂଡ଼ିବିଶିର କାନୁ ମାଝି ତା'କୁ ଜାମିନ୍‌ରେ ଆଣ୍ଲା । ଆଣ୍ଲାପରେ ତାକୁ ଡ଼େଟ୍ ଥିଲା, ସେ ଡ଼େଟ୍‌କୁ ନଗଲାରୁ ଆଉ ଗୁଟେ ଉଆରେନ୍ଟ୍ ହେଲା । ତା'ପରେ ଆମ୍‌କୁ ରାୟଗଡ଼ା କୋର୍ଟ୍‌ରେ ଦାଖଲ କଲେ । ସେଠାରେ ମାଂଡ଼ିବିଶିର ଗୁଂଜଲି ନାଇକ, ଆମ ସିରିଗୁଡ଼ା କନ୍ଦନ୍, କଲାକାନୀର ଗୋମତୀ ୟାଂକୁ ସେଠି ସାଖୀ କରିଥିଲେ । ଏଟା କା'ର ଭୁଲ୍, ସୁମନୀର ବୋଲି କହିଲାରୁ, ନାଇଁ, ମିଂଜୁ ମାଝିର ଭୁଲ୍ ବୋଲି ସମସ୍ତେ କହିଲାରୁ ତାକୁ କେତେ କଷ୍ଟରେ



Digitized by srujanika@gmail.com

ଜାମିନୀ ମିଲ୍‌ଲା । ଏମ୍‌ତି ଥିଲା, ସିଏ ମରିଗଲା । ସେଟା ଗୁଟେ ଆମ୍‌କୁ ମଦ ବିରୋଧୀ ।

ଆଉ ଗୁଟେ ମଦ ବିରୋଧୀ - ଚାରପୋଡ଼ି ଗାଁରେ, ଗୁଟେ ଆମର ଆଦିବାସୀ ଲୋକ । ତତେ କିଏ ବଡ଼ କଲା, ତତେ କିଏ ନେତା କଲା - ସେଟା ଗୁଟେ ମଦ ଖାଇକରି ମତେ ଗଂଡ଼ଗଲ କଲା, ସେଟା ଗୁଟେ ମଦରେ ଆମକୁ ବହୁତ ବିରୋଧ ଆସିଚି । ଆସିଲାରୁ ବି ଆମେ ନମାନି କରି ମଦ ଅଂଦୋଳନ କରିଚୁ । ଆମ ସଂଗଠନ୍‌ଦ୍ୱାରା ଆମେ ସବୁ ଏରିଆରେ ବୁଲିବୁ ଭଲ୍‌କାମ କଲେ ବି ଲୋକେ ଆମ୍‌କୁ ଖରାପ୍ ଭାବିକରି ଏ ଭଲିଆ ଗଂଡ଼ଗୋଳ୍ କରୁଚନ୍‌ତି । ତେବେ ଆମେ ଡ଼ରୁ ନାହିଁ - ଆମେ କାହିଁକି ଡ଼ର୍‌ବୁ ? ଗୁଟେ ସଂଘ ଗଢିଚୁ, ସଂଘରୁ ଡ଼ର୍‌ଲେ ତ ହବ ନାହିଁ । ଯାହା ଗଂଡ଼ଗୋଳ ଆସୁ, କୋଉଟାକେ ସଂଘ ଭଲ୍ ଭାବ୍‌ବ, ସହିକରି ଯିବ, ଇଟା ଭଲ୍‌ରେ କହିଲେ, ଆମେ ସେଇଟାକୁ ଖରାପ୍ କର୍‌ବା ନାଇଁ ବୋଲି । ଅଧିକ ଜିତିଗଲା ଖରାପ୍ କଥା କହିଲେ ସଂଘ ତାକ୍‌ମାନ୍‌କୁ ଲଢାଇ କର୍‌ବ । ଏଇ ସଂଗଠନ ଦ୍ୱାରା ଆମର ବହୁତ ଲାଭ ହେଇଚି ।

ସେତେବେଳେ ମଦ ପ୍ରାୟ ପୂରା ବଂଦ ହେଇଥିଲା । ଆମ ଗାଁରେ ଆଗେ ମଦ ନଥିଲା, ଏବେବି ନାଇଁ । ପିଲା ଜନମ୍ ହେଲେ, ବାହାଘର ହେଲେ, ପରବ୍ ହେଲେ, ମଣିଷ ମଲେ ଯାଇ ଆର ଗାଁରୁ ଟିଣେ ଦି ଟିଣ୍ ମଦ ଆଣି କାମ ଚଳେଇ ନଉଚନ୍ । ଅନ୍ୟ ଗାଁମାନକୁ ଅଛି । ସଂସ୍ଥା କଲେବି ଲୋକେ ମାନୁ ନାହାଂତି । ସରପଂଚମାନେ ଆମ ଗାଁରେ ଭାଟି ହଉ ବୋଲି କହିଦେଲେ, ହଉଚି । ଭାଟି ତ ଯାହା ଚାଲୁଚି, ନିଜ ଘରେ ବି ଚାଲୁଚି ।

ମୋ ପୁଅ କଲେଜକୁ ଯାଉଚି । ସିମ୍‌ତି ଆଉ ପିଲା ଗଲେ ଅବା ମଦ ବଂଦ ହେବ । ଆଗେ ଛଅ ସାତ୍ କିଲୋମିଟର୍ ଯାଇ ଧାଂଗଡା ଘରେ ଯାଇ ମଦ ପିଇ ଗୀତ ଗାଉଥିଲେ । ଏବେ ଆଉ ସେ ସବୁ ନାଇଁ । ମୋ ଝିଅମାନେ ଧାଂଗଡୀ ବାସାରେ ରାତିରେ ଶୋଇବାକୁ ଯାଉଥିଲେ । ମାଚ୍‌ର, ଗୀତଗାଇ ନାଚିବାକୁ ଆର୍ ଗାଁକୁ ଯାଉ ନଥିଲେ । ଏବେ ତ ପୁଅମାନେ ଇସ୍‌କୁଲ୍ କଲେଜ ଗଲେଣି । ଧାଂଗଡା ଧାଂଗଡୀ ବାସା, ନାଚ ଗୀତ କମିଗଲାଣି ।



Digitized by srujanika@gmail.com

# ସଂଗଠନରୁ ଲାଭ୍

ଆମେ ଆମ ସଂଗଠନ କାହିଁକି ଗଢ଼ଲୁ? ଆମେ ବହୁତ ତଳେ ପଡ଼ି ଯାଇଥିଲୁ । ବହୁତ ଆମ୍‌କୁ କଷ୍ଟ ପଡ଼ିଚି ଯେ ଆମ ସଂଗଠନ ତିଆରି କଲାକେ । ଅଗ୍ରଗାମୀ ଆମକୁ ଶିଖିଆ ସିନା ଦେଲା, ଚେତନା ସିନା ଦେଲା, ଯୁ ଲୋକ ଅଂଧ ଅଛି ତାକୁ ବାଡ଼ି ଧର, ଯୁ ଲୋକ ଛୋଟା ଅଛି ତାକୁ ବାଡ଼ି ଧର ବୋଲି ଆମ୍‌କୁ ଶିଖିଆ ଦେଲା । ତା'ପରେ ଆମ ସଂଗଠନ ଦ୍ୱାରା ଗାଁ ଗାଁ ବୁଲି ବୁଲି ମା'ମାନଂକୁ - ଆମେ କେତେ ତଳେ ପଡ଼ିଥିବା, ଆମେ ନିଜ ଗୋଡ଼ରେ ଆମେ ନିଜେ ଛିଡ଼ା ହୋଇ ପାର୍‌ବା କେ ନାଇଁ, ଆମର ନିଜର ଅଧିକାର ଆମେ ନିଜେ ଆଣି ପାର୍‌ବା କେ ନାଇଁ, ଆମ ହାତରେ ସବୁ ଜିନିଷ୍ ଅଛି, ଲୋକ କୁଆଡ଼େ ନେଇ ଯାଉଚନ୍, ଆମେ କୋଉଟା ଭଲ ବୋଲି ଜାଣି ପାର୍‌ବା ନାଇଁ, ପାରୁଚୁ ନାଇଁ, ଆମର୍ ସର୍‌ପଂଚ୍ ବୋଲି ପଂଚାୟତ ବୋଲି ପାଦ ମାଡୁ ନାହିଁ । ତେଣୁ ଆମ ସଂଗଠନ ଗୁଟେ ତିଆରି କର୍‌ବା । ଆମକୁ ବହୁତ କଷ୍ଟ ହେଉଚି । କାହିଁକୁ କଷ୍ଟ ? ଆଗରେ ଗାଁ ଗାଁ ବୁଲ୍‌ଲୁ । କୁ ଗାଁରେ ମହିଲା ମଂଡ଼ଳ । କୁ ଗାଁ ପାଂଠି । ନିଜ ଗାଁ ଶିରିଗୁଡ଼ାର ମହିଲା ମଂଡ଼ଳ, ଚଂଦର୍‌ଗିରି, ଢଂଗାଶିର୍, ସୁଂଗେର୍, କେର୍‌ପାଇ, ମାଂଡ଼ିବିଶି, ଧୋବାସିଲ୍, ସଂକର୍‌ଡା, ଟିକ୍‌ରି, ବଂଡ଼ାଇମାଝି, ସକାଇମାଝି, ଉଜର୍‌ଦେଇ ମାଝି, ଗାଇମିଡ଼ି, ମୁକ୍‌ତାଜରିଆ, ଲଖମୀଜରିଆ, ପାରଜରିଆ, ଖୁଂଟାଗୀ - ଏ ସବୁ ଗାଁର ମା-ମାନେ ସାଂଗରେ ଗାଁ ଗାଁ ବୁଲି ବୁଲି ମହିଲା ମଂଡ଼ଳ ଆରଂଭ କଲୁ । ଗାଁର ମହିଲା ମଂଡ଼ଳ ଗୁଟେ ଗାଁର କଥା ବୁଝିବ । ବଲ୍‌କ୍ ସାରର କଥା ବୁଝି ହେବ ନାଇଁ ବୋଲି ଆମେ ଗୁଟେ ସଂଘ ଗଢ଼ବା ପାଇଁ ଚେଷ୍ଟା କଲୁ । କେତେ କଷ୍ଟରେ ମା-ମାନଂକୁ ଟଂକା ବାଂଧିବ, କିଏ ସେ ମା ଆମ ସଂଗଠନରେ ସଂଗ ହେବ ବୋଲି । ମାଂଡ଼ବିଶି ଗାଁ - ସେ ଗାଁର ମା-ମାନେ ଆଗ୍‌ରେ ମହିଲା ମଂଡ଼ଳ ତିଆରି କଲେ । ତା'ପରେ ସେଟାକୁ ଧରିକରି ଆମେ ଗୁଟେ ଝାଡୁ ଅଂଦୋଳନ ଚଲେଇଲୁ । ଝାଡୁକୁ ଧରିକରି ଏକା ଆମେ ଆମ ସଂଗଠନ ତିଆରି କଲୁ ।

ଆମ ସଂଗଠନ ଆମେ ଆରଂଭ କଲୁ । ସରକାରକୁ ଆପ୍ଲାଇ କଲେ ଆମକୁ କାମ ଦିଅ ବୋଲି । ଗୁଟାଏ ଟେର୍‌ନିଂ କରିବୁ ବୋଲି ସେମାନେ କହିଲାରୁ, ଦରିବୁଣା ଟେର୍‌ନିଂ ଆସିଲା ସରକାର ତରଫରୁ । ଆଠ୍ ଖଂଡ଼ ଗାଁର ଚାଲିଶ୍ ଜଣ ମା ଟେର୍‌ନିଂ



Digitized by srujanika@gmail.com

କରୁଥିଲେ, ମାସକୁ ପାଁଶହ ଟଂକା ପାଉଥିଲେ। ତିନି ଶହ ନେଉଥିଲେ, ଦିଶହ ରଖୁଥିଲେ। ରଖିଲାରୁ, ଚାଲିଶ୍ ଜଣ ମା'ର ମୋଟ୍ ହେଲା ଚଉଦ ହଜାର ଚାରିଶହ ପଚାଶ ଟଂକା। ସେ ଏରିଆରେ ଜଂଗଲ ବହୁତ, ଝାଡୁ ବହୁତ ଅଛି। ସେ ଝାଡୁ ବାହାରିଲେ ଟିଡିସିସି ନଉଥିଲା। ହେଲେ, ନିଜେ ଟିଡିସିସି କିଣୁନାଇଁ, ଦଲାଲ ମାନଂକୁ ଧରିଥିଲା, ଟାଉଟରିଆ ମାନଂକୁ। ସରକାରୀ ରେଟ୍ ସେତେବେଳେ ଦି ଟଂକା ଥିଲେ, ଗାଁ ଗହଳିରେ ଟଂକେ ପଚାଶ ପଇସାରେ କିଣୁଥିଲେ। ଓଜନ କରୁଥିଲେ - ଦଶ୍ କେଜି ହେଲା ବେଲ୍‌କେ, ନାଇଁ ସାତ୍ କେଜି ହେଲା, ଆଠ୍ କେଜି ହେଲା, ବୋଲି କହୁଥିଲେ। ଆମ୍‌କୁ ତ କିଛି ଜଣା ନାଇଁ। ସେତେବେଳକୁ ଯେତେ ହେଲେ ମିଶା ସେତେ ହଁ କରି ମାନି ଯାଉଥିଲୁ।

ମାଂଡ଼ବିଶି ମହିଲା ମଂଡ଼ଳ ପାଖରେ ଚଉଦ ହଜାର ଚାରିଶହ ପଚାଶ ଟଂକା ଥିଲାରୁ ସେମାନେ କହିଲେ ଯେ, ଆମେ ଝାଡୁ କିଣିବା, ଆମର୍ ଜଂଗଲ୍। ଆମେ କିଣି, ଆମେ ଝାଡୁ ବାଂଧି ବିକିବା ବଲ୍‌ଲାରୁ, - ନାଇଁ ନାଇଁ, ଆମେ କଲେ ହବ ନାଇଁ, ଆମର ଜିଲାପାଳ ତ ଅଛି, ଜିଲାପାଳ୍‌କୁ ଟିକେ ଜଣେଇବା, ସେମାନେ କହିଲାରୁ, ଆମେ ଜିଲାପାଳକୁ ଜଣେଇବାକୁ ଗଲୁ। "ଆଗିଆଁ, ଆମେ ଝାଡୁ କିଣୁଚୁ ଆମ ପାଂଠି ଟଂକାରୁ, ଆଉ ତୁମ ଟିଡିସିସି କିଣିବ ନାହିଁ" । ଜିଲାପାଳ କହିଲା, "ନାଇଁ ମା-ମାନେ କିଣ, ମୁଇଁ ସାହାଯ୍ୟ କରିବି, ଲକ୍ଷ୍ୟେ ଟଂକା ଦେବି, ତୁମେ କିଣିବ, ଟିଡିସିସିକୁ ଦେବ। ଦେଲା ପରେ ତୁମେ ଦୁଇ ଟଂକା ସୁଧ ଦେବ" ବୋଲି କହିଲାକେ, "ନାଇଁ ଆଗିଆଁ, ଦୁଇ ଟଂକା ସୁଧ ଦେଲେ ଆମକୁ ହବ କି। ଆମେ ବୁଲି ବୁଲି ଆଣବୁ, ନିଜେ କିଣିବୁ, ନିଜେ ବାଂଧବୁ, ନିଜେ ବିକ୍‌ବୁ" ବୋଲି କହିଲାରୁ, "ନାଇଁ, ମା-ମାନେ, ହେବ ନାଇଁ" ବୋଲି ସେ କହିଲାରୁ, ଆମେ କିଣିବୁ ବୋଲି କହି, ଆମେ କିଣିଲୁ। ସେ, ଯାଅ, କିଣ ବୋଲିଲାରୁ ଆମେ ଆସିକରି କିଣିଲୁ। ଚଉଦ ହଜାର ଆଠ୍ ଶହ ପଚାଶ ଟଂକାର ଝାଡୃ କିଣ୍‌ଲୁ। ତା ପରକୁ କୋଉ ମହିଲା ମଂଡ଼ଳ ସାତ୍ ହଜାର୍, କୋଉ ମଂଡ଼ଳ ଦଶ ହଜାର - ସେମତି କରି ଚାଂଦା ଉଠାଇଲୁ। ଏ ସବୁ ଟଂକାରୁ ଝାଡୁ କିଣ୍‌ଲୁ। ସବୁ କିଣିଲା ପରେ ଫୁଲଝାଡୁ ବାଂଧିବା ପାଇଁ ଟେର୍‌ନିଂ ପାଇଥିବାର୍ କିଏ ଅଛି କି ବୋଲି ଖବର ସଂଗ୍ରହ କଲୁ। କାଶୀପୁର ପାଖ ଏକ ଗାଁର ମା ଦିଟା ଟିଡିସିସିରେ ଟେରନିଂ ନେଇଥିଲେ, ସେ ମା ଦିଜଣଂକୁ ଡାକି ନେଇ ଆମେ ଟେର୍‌ନିଂ ର ବ୍ୟବସ୍ଥା କଲୁ।



Digitized by srujanika@gmail.com

ଟିଡ଼ିସିସି ବାଲେ କହିଲେ, ଏ ମା-ମାନେ କିମ୍ତି ଝାଡୁ ବାଂଧୁଚନ୍ ଦେଖିକରି ଆସବା ବୋଇଲାକେ ଜଣେ ମଟର-ସାଇକେଲ ବାଲା ଦେଖିବାକେ ଅଇଲା । ସେ ଫେରି ଟିଡିସିସି, ତହସିଲ୍‌ଦାର, ପୁଲିସ୍‌କୁ କହିଲା । କହିଲାରୁ କାଶୀପୁରର ଜଣେ ପଠାଣ ତହସିଲଦାର୍ ମାଂଡ଼ିବିଶି ମହିଲା ମଂଡ଼ଳର ଷ୍ଟୋର ଘରର ଚାବି ଭାଂଗି, ମା-ମାନଂକୁ ବାଡେଇ ପିଟି ପଚସ୍‌ତରି ହଜାର ଟଂକାର ଝାଡୁ ନେଇ ଆସିଲା କାଶୀପୁରର ଟିଡିସିସି ଅଫିସକୁ । ଆଉ ଆମ ନାଁରେ ପୁଲିସ୍‌ରେ କେସ୍ କଲା - ମା-ମାନେ ତାକୁ ବାଡେଇଲେ ବୋଲି । ଆମେ ଯାଇ ଆମର ଝାଡୁ ସିଏ ନେଇଗଲେ ବୋଲି ଆମେ କେସ୍ କଲୁ । ସେମ୍ତି କେସ୍ ହେଲାରୁ ବହୁତ ଲଢେଇ ହେଲା । ସେତେବେଳକୁ ବେହେରା ଆର୍.ଡ଼ି.ସି. ଥିଲା । ଆର୍.ଡ଼ି.ସି. କାଶୀପୁର ଆସିଲେ । ଆମ୍‌କୁ ଡ଼ାକିଲେ ରାୟଗଡ଼ା । କେସ୍‌ରେ ଆମକୁ ବହୁତ ହଇରାଣ କଲେ । ସେତେବେଳେ ମୁଁ ନ ଥିଲି । ବିଲାସ୍‌ପୁର ଯାଇଥିଲି । ମାଂଡବିଶି ମହିଲା ମଂଡ଼ଳ କାଶୀପୁରରେ ଗୁଟେ ମିଂଟି କଲେ । କଲେକ୍‌ଟର ଆସିଥିଲା, ଆର୍.ଡ଼ି.ସି. ଆସିଥିଲା, ଡ଼ି.ଏଫ.ଓ. ଆସିଥିଲା । ମନତ୍ରୀ ଆସିକରି, ତୁମେ ଗୁଟେ ମହିଲା ମଂଡ଼ଳ ଗୁଟେ ଗାଁରେ ଥିଲେ ତାକୁ ଲିଜ୍ ମିଲିବ ନାଇଁ, କାଶୀପୁର ବଇକ୍‌ର ସବୁ ଗାଁ ମିସିଗୁଟେ ମଂଡ଼ଲ କଲେ ତାକୁ ଲିଜ୍ ମିଲିବ ବୋଲି କହିଲା । ଆମେ ହଁ କରି ମାନିଗଲୁ । ସବୁ ଏରିଆର ବାରଟା ମହିଲା ମଂଡ଼ଳ ରେଜିଷ୍‌ଟରୀ ହୋଇଥିଲା । ଆଉ ସବୁକୁ ରେଜିଷ୍‌ଟରୀ କରି ଆମେ କାଶୀପୁର ପାଇଁ ଏକ ସଂଗଠନ ପାଇଁ ଆପ୍‌ଲାଇ କଲୁ । ସେଥିପାଇଁ ବହୁତ ମିଟିଂ ହେଲା - କିଏ ସଭାପତି ହେବ, କିଏ ସେକ୍‌ରେଟେରୀ, କିଏ କୋଷାଧକ୍ଷିଅ, ବହୁତ ମିଟିଂରେ ପାଶ୍ ହେଲା । ମତେ ସେଠି ସଭାପତି ରଖିଲେ । ମୁଇଁ କେତେ ମନା କଲି ମୁଇଁ ସଭାପତି ହେବି ନାଇଁ, ମୁଇଁ ବୁଲି ପାରିବି ନାଇଁ କି କାମ କରି ପାରିବି ନାଇଁ, ବୋଲି କେତେ ମନା କଲି । ନାଇଁ, ନାଇଁ, ତୁଇ ହେଲେ ହବ । ଆମେ ତ ଅଫିସର୍ ମାନଂକୁ ଚିନିନାଉ, ତୋତେ ଅଫିସର୍‌ମାନେ ମାନୁଚନ୍, ତୁଇ ଏକା ସଭାପତି ହୋ, ବୋଇଲାକେ ମୁଇଁ ଏବେ ସଭାପତି ଅଛି । ଉପସଭାପତି ଅଛି ମାଂଡ଼ିବିଶିର ଶୁକୁରୀ ମାଝୀ । ତା'ପରେ ସେକେର୍‌ଟେରୀ ଥିଲା ଉଜଲ ଦେଇ ମାଝୀ । ଏବେ ସେ ଚେଆରମାନ୍ ହେଲା । ଏବେ ସୁଶୀଲା ମାଝୀ ସେକେର୍‌ଟେରୀ ଅଛି । କୋଷାଧକ୍ଷିଅ ମୁକ୍‌ତା ଝୋଡ଼ିଆ ଅଛି । ଅଂଧାରୀ ଉପ-ସେକେର୍‌ଟେରୀ ଅଛି । ଗଭର୍‌ନିଂ ବଡ଼ିର ମେଂବର ସାତ୍ ଜଣ, ଜେନେରାଲ ବଡ଼ିର ମେଂବର୍ ତିରିଶ ଜଣ ।



Digitized by srujanika@gmail.com

ସାତ-ଜଣିଆ କମିଟି ମିଟିଂ ତିନି ମାସ୍‌କୁ, ତିରିଶ ଜଣିଆ ମିଟିଂ ଛଅ ମାସ୍‌କୁ ଥରେ । ସମସ୍ତଂକ ଜେନେରାଲ ବଡ଼ ମିଟିଂ ବରଷ୍‌କୁ ଥରେ । ସେଠାରେ ଆୟ, ବ୍ୟୟ ସବୁର ହିସାବ, କିଣା ବିକାର ହିସାବ ମା-ମାନଂକୁ ଜଣେଇବା ପାଇଁ ବରଷ୍‌କୁ ଥରେ । ସେ ଭଳିଆ ମିଟିଂ ହେବ ବୋଲି ଆମେ କଲେକ୍‌ଟ୍‌ର୍‌କୁ ଲେଖିକରି ଦେଲୁ । ଆମ ସଂଗଠନକୁ ରେଜିଷ୍ଟ୍‌ରୀ ଦିଆଯାଉ ବୋଲି ଲେଖିଲାରୁ, ଆମକୁ ଲିଜ୍ ସାଟିଫିକେଟ୍ ମିଳିଲା । ଆମେ ଆଗେ ଆମ ସଂଗଠନରେ ଥିଲୁ ଦେଢଶ ମା । ଆସ୍ତେ, ଆସ୍ତେ ବଢ଼ି ଏବେ ହଜାର ମହିଲା ହେଇଗଲୁଣି । ଏଗାର ଟଂକା ଦେଲେ ଗୁଟେ ଲୋକ ମେଂବର୍ ହେବ । ଯିଏ ଏଗାର ଟଂକା ବରଷକୁ ଦେଲା ସିଏ ମେଂବର୍ ହେଲା, ଝାଡୁପାଇଁ ଏକା ଆମ ସଂଗଠନ ତିଆରି ହେଲା । ସେଠି ସବୁ ଆମକୁ ଠକି ଦେଉଥିଲେ ।

ହେଲେ, ଆମ ସଂଗଠନ ଖାଲି ଝାଡୁ କାମ ଦେଖେନି । ଆମେ ବଲ୍‌କ୍‌ରେ ଯାଇ ବିଡ଼ିଓକୁ ପଚାରୁଚୁ, କାଇଁ କୋଉ ଇସ୍‌କୁଲ୍‌ରେ ମାଷ୍ଟ୍‌ର୍ ନାଇଁ ବୋଲି ବୁଝିବାକୁ ଯାଉଥିଲୁ । ଆଇସିଡିଏସ୍‌ରେ ପିଲାମାନଂକୁ କେତେ ଶହ-ଗରାମ୍ ତେଲ, କେତେ ଶହ-ଗରାମ ଡ଼ାଲି, କେତେ ଶହ-ଗରାମ ଗହମ ଦିଆ ହେଉଚି, କେତେଟା ପିଲାକୁ ଖାଦିଅ ମିଳୁଚି କି ନାଇଁ ବୋଲି ବୁଝୁଚୁ । ସିମତି ଟୀକା । ଟୀକା ଦେବାଟା ତ ବିଲ୍‌କୁଲ୍ ନାଇଁ । ଜର ବେମାର ହେଲେ ତ ଚେରିମୂଳୀ ହେର୍‌କା କରୁଥିଲୁ, ଅଂଧବିଶ୍ଵାସ୍ ଥିଲା । ଏବେ ପିଲା ମାନଂକୁ କି କି ରୋଗ ଅଛି, ସେମାନଂକୁ ତିନି ମାସ୍‌ରେ, ଛ ମାସ୍‌ରେ ଟୀକା ଦବାଟା ଗାଁ ଗାଁ କୁ ଯାଇ ମା-ମାନଂକୁ ବୁଝେଇବା, ଏଣେ ଦିଦି ମାନଂକୁ ଯାଇ କହିବା - ତମେ କାହିଁକି ଗାଁ ଗହଳିରେ ଯାଉନା, ତମର କେତେ ଦିନ ଡ଼େଟ୍ ଅଛି, ଡ଼େଟ୍‌ରେ କାହିଁକି ତମେ ବୁଲୁନ ବୋଲି କହିବା- ଏମତି ବହୁତ କାମ ଆମ ସଂଗଠନ କାଶୀପୁର ବଲ୍‌କ୍‌ରେ କରିଚି ।

ଆମ ସଂଗଠନ ଏବେ ଡ଼ାଲି, ହଲଦି, ସୋରିଷ, - ସେ ଭଳିଆ କରି ଏବେ କାମ ଚାଲିଚି । ଆମ ଆଇସିଡ଼ିଏସ୍‌ରେ ଶତାଅସୀ କୁଇନ୍‌ଟଲ ଡ଼ାଲି ଦିଆ ହୋଇଚି । ଆମେ ରାୟଗଡ଼ା ଯାଇ ଡ଼ିଏସ୍‌ଡବ୍‌ଲ୍ୟୁ ଅଫିସରେ ମିଶିକରି, କଲେକ୍‌ଟର୍‌ର ଅର୍‌ଡର୍ ଆଣି କାଶୀପୁର ବଲ୍‌କ୍‌ରେ ଆମକୁ ଦିଆ ହେଉଚି । ଆୟ.ସି.ଡ଼ି.ସି.ର ବଡ଼ ଅଫିସର୍ ଭୁବନେଶ୍ଵରରେ । ତାକୁ ଜଣାଇଲେ ତାରି ଅର୍‌ଡର୍ ଆମକୁ ସାହାଯ୍ୟ କରୁଚି ।



Digitized by srujanika@gmail.com

ଆମ ସଂଗଠନ ଗୁଟେ ମେନ୍ କାମ କରିଚି । ଟିକ୍‌ରି ପଂଚାୟତର ଅଂଧାରୀ ମାଝୀ ବୋଲି ଜଣେ ମା । ସେ ଗାଁର ଜଣେ ଲୋକ ପ୍ରତିଦିନ ମଦ ଖାଇ ଅଂଧାରୀ ମା'କୁ ଗଂଡ଼ଗୋଳ କର୍‌ବାର୍ । ମାର୍‌ପିଟ୍ କର୍‌ବାର୍ । ଦିନେ ଅଂଧାରୀ ମା ଆଖିରେ ଲଂକାଗୁଂଡ ପକାଇ ଦେଇଚି । ବିରାଟ ଗଂଡ଼ଗୋଳ ହେଲା । ସେ ଲୋକ୍ ଅଂଧାରୀ ମା'କୁ ମାର୍‌ଲା । ଅଂଧାରୀ ମା ଯାଇ ଟିକରି ଥାନାରେ ତା ନାଆଁରେ କେସ୍ କଲା । କେସ୍ କଲାରେ, ପୁଲିସ୍ ତାର୍ କଥା କିଛି ଶୁଣିଲେନି, ଗ୍ରହଣ କଲେନି । ନ ଶୁଣିଲାରୁ ସେ ଆମ ସଂଗଠନକୁ ଚିଠି ଦେଲା - ଏ ଭଳିଆ ହଇରାଣ କରୁଚନ୍, ତମେ ମତେ ସାହାଯ୍ୟ କରୁଚନ୍ କି ବୋଲି । ବୈଶାଖ ମାସ୍, ଆମ୍ ହେଇଥିଲା । ସେତେବେଳକୁ ଆମେ ଚାରି ହଜାର ଖଂଡ଼େ ମହିଲା ପରଗିଗୁଡ଼ା ଗାଁରେ ଏକଜୁଟ୍ ହେଲୁ । ନିଜ ପାଇଁ ନିଜ ମାଂଡ଼ିଆ ଚୂନା ଧରିକରି ଟିକରି ଥାନାରେ ପହଂଚିଲୁ । ଟିକରି ଥାନା ଥର୍‌ହରି ଗଲା । ଗାଁରୁ ଟିକ୍‌ରି ଥାନା ପର୍‌ଯନ୍ତ ଆମେ ଯାଇ ଗାଲି ଭଳି କଲୁ । "କାହାର ଭୁଲ୍, କାହାର ଠିକ୍ କାହିଁକି ଜଣା ପଡୁନି, ଝିଅପିଲା କାହିଁକି ଗଂଡ଼ଗୋଳ କର୍‌ବ?" ଆମେ କହିଲୁ, "ଦେଖ, ସେ ଲୋକକୁ ଜଦି କେସ୍ ନ କରୁଚ, ଜେଲ୍ ନ କରୁଚ, ତେବେ ଟିକ୍‌ରି ଥାନା ରହିବ ନାଇଁ, ଭାଂଗି ଓପାଡ଼ି ପକାଇବୁ" ବୋଲି ଆମେ ସବୁ ମା-ମାନେ କହିଲୁ । ସେ ଲୋକ ଯାକ ଅଂଧାରୀ ମା'କୁ କିଛି କହିବାକୁ ଡ଼ରିଗଲେ । ଆମ ସଂଗଠନ ଏହିଭଳି ଭାବରେ ଯିଏ ମା-ମାନଂକ ସାଂଗରେ ଗଂଡ଼ଗୋଳ କରିବ ତାକୁ ଯାଇ ବୁଝେଇବା ପାଇଁ, ଦାବି କର୍‌ବା ପାଇଁ କାମ କର୍‌ଚେ ।

ଏବେ ବହୁତ ଏସ୍.ଏଚ୍.ଜି. ଗ୍ରୁପ୍ ହେଇଗଲାଣି । ଆଗେ ଆମ୍‌କୁ ବହୁତ ଗାଁକୁ ଯିବାକୁ ହଉଥିଲା । ଏବେ କମିଗଲାଣି । ଏବେ ପଂଦର୍ କୋଡ଼ିଏ ଜଣରେ ଗୁଟେ ଲେଖାଁ ଏସ୍‌ଏଚ୍‌ଜି ଗୁରୁପ୍ କରି ଏକାଠି ମିଟିଂ କରୁଚନ୍ ।

ଆମ ଗାଁରେ ତିନ୍‌ଟା ଏସ୍‌ଏଚ୍‌ଜି - ଚଉଦ, ଦଶ, ଦଶ । ଆଗେ ମହିଳା ମଂଡଳ କରିଥିଲୁ, ମାସ୍‌କୁ ଦୁଇ ଟଂକା ଜମା କରୁଥିଲୁ । ମୋଟ୍ ଏକୋଇଶ୍ ହଜାରେ ଟଂକା ବ୍ୟାଂକରେ ଜମା ରଖିଥିଲୁ । ଫିକ୍‌ସ୍ ଡିପୋଜିଟ୍‌ରେ ନୁହଁ - କାଢ଼ିଲା ବେଳକୁ ହଇରାଣ । ତେଣୁ ସେଭିଂରେ ରଖୁ । ଆଉ, କରଜ୍ ଦେଲେ ଶହେରେ ମାସ୍‌କୁ ତିନି ଟଂକା ସୁଧ ଦେବାକୁ ପଡେ । ସାଉକାର୍ ପାଂଚ, ଛଅ ଟଂକା ନିଏ । କିଏ ଜମି କିଣିବ, କିଏ ହଳ କିଣିବ, ବେମାର ହେଲେ ମେଡିକାଲ୍ ଖରଚ୍‌କୁ । ଜଣକୁ ଜମି କିଣିବା ପାଇଁ ଆଠ୍

ହଜାର୍ ଦେଇଚୁ ।

ଆମେ ଡିଆରଡିସି ତହସିଲ୍‌ଦାର୍‌କୁ ପଚାରିଲୁ, "ଆଗିଆଁ, ଆମ ଗାଁରେ ଗୁଟେ ମହିଳା ମଂଡଳ ଅଛି । ତା'ପାଇଁ ଗୁଟେ ଟେରନିଂ ସେଂଟରର ଘର ବାଂଧି ଦେଉନାଇଁ?" ତହସିଲ୍‌ଦାର୍ ବୋଇଲା, "ଗୁଟେ ପରିବାରକୁ ସବୁବେଳେ ଦେଲେ ତ ହବନାଇଁ । ପୁଅ ବଡ୍ ହେଲେ ଅଲଗା ହଉଚି । ତେବେ, ତମ ମହିଳା ମଂଡଳ ଥାଉ । ଗୁଟେ ଗୁଟେ ଏସ୍‌ଏଚ୍‌ଜି ଗୁରୁପ୍ କର । ଆମେ ପୁଅମାନଂକୁ ଋଣ ଦେଲେ, ବୁଡାଇ ଦେଉଚନ୍ । ତୁମେ ଯାହା ଚାହିଁବ ତା ଦେଇ ପାରିବୁ । ତୁମେ ତିନି ହଜାର ଚାଂଦା ଉଠାଇଲା ବଲ୍‌କେ ଆମେ ତୁମକୁ ଛଅ ହଜାର ଟଂକା ଋଣ ପାଇଁ ଦବୁ । ତମର୍ ଯେତେ ଥିବ, ଆମେ ତାର୍ ଦି ଗୁଣ୍ ଦେବୁ । ତୁମେ ଯାହା ପାର, କିଣିପାର । ମାଛଚାଷ କରିପାର, ଫଳଚାଷ କରିପାର, ପନିପରିବା କରିପାର୍‌ବ, କି କୁକୁଡାଚାଷ କରିପାର୍‌ବ । ଜୁ ଗାଁକୁ ଏସ୍‌ଏଚ୍‌ଜି ଗୁରୁପ୍ ନାଇଁ, ସେ ଗାଁକୁ ଆମେ ବିଲ୍‌କୁଲ୍ ହାତ ପକାଇବୁ ନାହିଁ ।

ଆମ ମହିଳା ମଂଡଳ ମାତ୍‌ର ଏସ୍‌ଏଚ୍‌ଜି ଗୁରୁପ୍ ହେଇପାର୍‌ବ ନାଇଁ, କହିଲା । ମୁଁ କେତେ କହିଲି, ମାତ୍‌ର, ତିରିଶ୍ ପଇଁତିରିଶ୍ ଜଣ ହେଲେ ଏସ୍‌ଏଚ୍‌ଜି ଗୁରୁପ୍ ହେଇ ପାର୍‌ବ ନାଇଁ କହିଲା । ନିୟମ୍ ନାହିଁ ବୋଲି କହିଲା ।

ବହୁତ ଗାଁରେ ଏମ୍‌ତି ଗୁରୁପ୍ ହେଲାଣି ।

## ଗାଁରେ ଠିକାଦାର ନାଇଁ

ଆମେ ଆଗ କିଛି ଜାଣୁ ନଥିଲୁ । ମା ମାନଂକ ପାଇଁ କିଛି ଲାଭ ମିଳୁ ନଥିଲା । ଗାଁର କାମ ଠିକାଦାର ନଉଥିଲା । ଅଳ୍ପ ସିମିଟ୍, ବେଶି ବାଲି ମିଶେଇ କାମ କରୁଥିଲା । ଲାଭ ଯାକ ସବୁ ଠିକାଦାର ଖାଉଥିଲା । ଏବେ ନିଜେ ମହିଳା ମଂଡ଼ଳ ଗଢି, ଯୁବକ ସଂଘ ଗଢି ତାଂକ ଦ୍ୱାରା ଆମେ ନିଜଗୋଡ଼ରେ ନିଜେ ଛିଡ଼ା ହେଇ ନିଜ ଗାଁର ନିଜ କାମ କରୁଚ । ନିଜ ପୁଅ କଥା ନ ବୁଝିଲେ - ପୁଅ ଜନମ୍‌କରି ପୁଅକୁ ମାରିଦେଲା ଭଳିଆ ହେବ । ଆମେ ଲାଭ ବେଶି ଖାଇବା ନାଇଁ, ଆମ କାମ୍ ରାଇଟ୍ ହେଉ ବୋଲି ଯୁ ଯୁ ଗାଁ ମାନଂକୁ ବୁଝିଚନ୍ ସେ ସେ ଗାଁ ମାନଂକୁ କାମ ଆଣି କରୁଚେ ।

ଆମର୍ ଗାଁରେ ସବୁ କରିଚୁ । ଆମର୍ ଗାଁ କାମ କହିଲେ ବହୁତ



Digitized by srujanika@gmail.com

ହେବ । ଆମେ ଆଗେ ଗୁଟେ କାମ ଆଣ୍‌ଲୁ । ଚଉଦ, ପଂଦର ବରଷ ହେଇଗଲାଣି । କାମ ଗୁଟେ ଆଣିଥିଲୁ - କଜ୍ ୱେ । ସେତେବେଲେ ଆମେ ଡିଲର୍ କଥା ଜାଣି ନ ଥିଲୁ । ଆମର୍ ଗାଁ ଶିରିଗୁଡ଼ାର ଡିଲର୍ କାମ ଆଣିଲୁ । କିରାସିନି, ଚିନି, ଚାଉଳ ଆମ ମହିଲା ମଂଡ଼ଳ ନାଁରେ ଆଣୁଥିଲୁ । ସେତେବେଲେ ଆମ୍‌କେ ଦେଉଥିଲେ ଅଳପ କୁଇଁଟଲ୍ ଚାଉଳ । ସେତେବେଳକୁ ଜଣକୁ ଦଶ୍ କେଜି ହିସାବରେ ମିଳୁଥିଲା । ଦଶ୍‌କେଜି ନିଅଂଟ ହେଉଥିଲା । ଆମେ ତିନି ଖଂଡ଼ର ଗାଁର ଲୋକ ବିଡିଓକୁ ଗୁଟେ ଦରଖାସ୍ତ କଲୁ - ଆମକୁ ତେର କେଜି ଦିଆହେବ ବୋଲି କାଗଜ୍‌ରେ ଲେଖା ଅଛି, ହେଲେ ଦଶ୍ କେଜି ମିଳୁ ନାଇଁ । ଆମକୁ କମ୍ କିଆଁ ଦିଆ ହେଉଚି ବୋଲି ଲେଖି ଗୁଟେ ଦରଖାସ୍ତ ନେଇ ଗଲୁ । ଆଉ ଦି ଗାଁର କେହି ଅଇଲେ ନାଇଁ । ଆମେ ଶିରିଗୁଡ଼ାର ଦଶଟା ମାଆ ଗଲୁ । ଦରଖାସ୍ତ ଦେଲୁ ବିଡ଼ିଓ କୁ । 'ଆଗିଆଁ, ଚାଉଳ କାହିଁକି ଅଳପ ଦେଉଚୁ, କାର୍ଡରେ ଲେଖା ଅଛି ତେର କେଜି ଚାଉଳ, ଦୁଇ ଲିଟର୍ ତେଲ୍ । ଆମେ ତ ତେର କେଜି ଚାଉଳ ପାଉନୁ । ଦଶ୍ କେଜି ବି ହଉ ନାଇଁ, ସାତ୍ କେଜି ଆଠ୍ କେଜି କାର୍ଡକୁ ହଉଚି ଆମେ ହିସାବ୍ କଲେ । ଆଉ ବାକି ଚାଉଳ କୁଆଡ଼େ ଗଲା? କଅଣ ଖାଇବୁ?' - ବୋଲି ବିଡ଼ିଓ ପାଖରେ ଗଲୁ । ସେ କହିଲାକେ, "ମା, ସରକାର ତ ଦେଉ ନାଇଁ, କେଣେ ଚାଉଳ ତମ୍ କାର୍ଡ ରେଟରେ ସମାନ କରି ଦେବି? ତମେ ଗୁଟେ କାମ ନିଅ । କାମକରି ସେ ଟଂକାରୁ ଚାଉଳ କିଣି ଖାଅ" । "ନାଇଁ ଆଗିଆଁ, ଆମେ ମା-ମାନେ ପାରିବୁ ନାଇଁ, ସିର୍‌ମିଟ୍ କାମ ଆମେ କରି ପାରିବୁ ନାଇଁ" ବୋଲିଲୁ । "କାହିଁକି କରି ପାର୍‌ବ ନାଇଁ? ମୁଁ ପର୍‌ମିଟ୍ ଦେବି, ବାଲି ଆଣ୍‌ବ, ପଥର୍ ଜମାଇବ । ଆଉ ଗୁଟେ କଜ୍‌ୱେ ବାଂଧିବ । ସେ ତୁମର ଜିଲା ଅଛି" । "ହଉ, ଆମେ ଗାଁରେ ଯିବୁ, ମିଟିଂ କର୍‌ବୁ । ମା-ମାନେ କାମ୍ କର୍‌ବାଟା ସହଜ ନାଇଁ" । ଆମେ ଆସି ସଂଧ୍ୟାରେ ଗାଁରେ ମିଟିଂ କଲୁ । "ହଉ, ଯାଇକରି ଆଣ୍, ଗୁଟେ ମା-ର ନାଆଁକେ" ବୋଲିଲାକେ କମଳିନୀ ଝୋଡ଼ିଆ ନାଆଁରେ ଯାଇକରି କୋଡ଼ିଏ ହଜାର ଟଂକାର କାମ ଆଣ୍‌ଲୁ । କାମ୍ ଆଣ୍‌ଲା ବେଳକୁ ଆମ୍‌କୁ କିସ୍ କଲେ, କୁଡ଼ିଏ ହଜାର ଟଂକାର କାମକୁ ଆମକୁ ଦଶ୍ ହଜାର୍ ବିଲ୍ କରିଦେଲେ । ଇମ୍‌ତି କର୍‌ବା, ତେବେ ସେମାନେ ଗାଁ କମିଟି ଜରିଆରେ କାମ ନେବେ ନାହିଁ । ହାନି ହେଇଗଲେ ସେମାନେ ଏମ୍‌ତି ଏକା ହେଇଯିବ, ଆମ ହାତ ହେଇଯିବ, ବଂଦ କରିଦେବେ, ବୋଲି ଆମ୍‌କୁ ସେମ୍‌ତି କରିଦେଲେ ।



Digitized by srujanika@gmail.com

ଆମେ ପଥର ଢମେଇଲୁ, ମେଟାଲ୍ ମାଇଲୁ, ସିପିସ୍ କଲୁ । ବାଲି ଆଣିଲୁ । ଆଣିକରି, ଗଲୁ ଦଶ୍ ଦିନ୍ କି ପଂଦର ଦିନ୍ ବିଡ଼ିଓ ପାଖରେ, ଜେଇ ପାଖରେ । ସେତେବେଲେ ଗୁଟେ ଆଇଏଏସ୍ ଅଫିସର୍ ଥିଲା କାଶୀପୁରରେ, ଦେଖିଲାକେ ମାରୁଥିଲା । ଲୋକେ କହିଲେ, ତୁମେ ଝିଅ ପିଲା ଦିଟା, ଆଇଏଏସ୍ ଅଫିସର ଆସିଲେ ତମକୁ ବାଡ଼େଇବ । 'କାହିଁକି ବାଡେଇବ? " ଆମେ ଦୁଇଟା ମାଆ ବସିଚୁ, ଆସ୍‌ଲା । "ମା-ମାନେ, କୁ ଗାଁର?" ବୋଲ୍‌ଲା । ଆମର୍ ଭଳିଆ ଲୋକଂକୁ ଦେଖିଲେ ଭଲ ପାଉଥିଲା । "ଶିରିଗୁଡ଼ାର, ଆଗିଆଁ, କାମ ନେଇକରି ଛଅ ମାସ୍ ହେଲାଣି । ପଥର, ବାଲି, ସିର୍‌ମେଟ୍ - ସବୁ ଢମେଇଲୁ, ଆଗିଆଁ । ଆଜିକୁ ଦଶ୍‌ଦିନ ହେଲାଣି, ଆଗିଆଁ, ବୁଲୁଚୁ । ଜେଇକୁ କହିଲାରୁ, ଆଜି ରେକଡ୍ ପାଇଲେ ଆଜି ଆସିବି, କାଲି ପାଇଲେ କାଲି ଆସିବି, ପଂଦର ଦିନ ପରେ ରେକଡ୍ ପାଇଲେ ପଂଦର ଦିନ ପରେ ଆସିବି ବୋଲି କହିଲା, ଆଗିଆଁ । ଆମେ ସୁମନୀ ଝୋଡ଼ିଆ, କମଳିନୀ ଝୋଡ଼ିଆ, ତାଂକର ଭଲ କାର୍‌ଯିଅ କର୍‌ତା ନେଇକରି ହାଂଡିରେ ଅଛି କି ବାକ୍‌ସରେ ଅଛି, ଆଗିଆଁ, ଟିକିଏ ଆମକୁ ବୁଝିକରି କହିଦେ, ଆଗିଆଁ" - ବୋଲି ଆଇଏଏସ୍ ଅଫିସରକୁ କହିଲୁ । "କାଶୀପୁର ଜେଇ କିଏ, କାଶୀପୁର ଜେଇ କିଏ" ବୋଲି ସେ କହିଲା । "ମୁଁ, ସାର୍" । "ତୁ ଶିରିଗୁଡ଼ାର ଲେଆଉଟ୍ କରି ଯାଉଚୁ ନା ଖାଉଛ? ମା-ମାନେ ଆଜକୁ ଦଶ୍ ଦିନ ହେଲାଣି ବୁଲୁଚୁ ବୋଇଲେ । କାଗଜଗୁଡ଼ା କୋଉଠି ଅଛି, ଶିରିଗୁଡ଼ା ହାଂଡ଼ିରେ ଅଛି କି କାଶୀପୁର ବଲ୍‌କ୍‌ରେ ଅଛି? ଶୀଘ୍‌ରେ କର, ଶୀଘ୍‌ରେ କର୍ । ଯାଅ ମା-ମାନେ, ମୁଁଇ ପଠାଇ ଦେଉଚି" ବୋଲି କହିଲାରୁ ସେ ଯାଇକରି ଆମ୍‌କୁ କୁଡ଼ିଏ ହଜାର ଟଂକାରୁ ଦଶ୍ ହଜାର ବିଲ୍ କରିଦେଲେ । ଆମେ ଘରେ ପଶି ନଥିଲୁ, ସେ ଜେଇ ଯାଇକରି ଲେଆଉଟ୍ ଏସ୍‌ଟିମେଟ୍ କରିଦେଇ ଅଇଲା । ଅଇଲାରୁ ଆମ ବିଲ୍‌ରେ ଦଶହଜାର କରିଦେଲେ ।

ଦଶ ହଜାର ବିଲ୍ ହେଲାରୁ, କେତେ ଆମ୍‌କୁ ଦେଲେ? ପାଂଚ ହଜାର ପାଂଚ ଟଂକା । ପାଂଚ ହଜାରରୁ ପାଂଚ ଟଂକା କମ୍ ବାଲି, ମାଟି, ସିର୍‌ମେଟ ଆଡ଼କୁ ଗଲା ବୋଲି କାଟି ଦେଲେ । ଆମେ କହିଲୁ, ଆରେ ଆଗିଆଁ, ଆମ୍‌କେ ଡ଼ାକିକରି କାମ ଦେଲୁ କୁଡ଼ିଏ ହଜାର୍ ଟଂକା । ତୁ କିମ୍‌ତି ଦଶ ହଜାର୍ ବିଲ୍ କଲୁ? ଆମେ ନେବୁନାଇଁ ବୋଲି, ଚେକ୍‌ଟା ବିଡ଼ିଓ ଅଫିସରେ ଟେବୁଲ୍ ଉପରେ ରଖିଦେଇ ପଳେଇ ଆସିଲୁ । "ନାଇଁ ନେବା, ଚେକ୍ ନେଲେ କାମ ନାଇଁ କରିହେବ" । ପାଂଚ୍ ହଜାର୍ ପାଂଚ୍ ଟଂକାର ଚେକ୍



Digitized by srujanika@gmail.com

ନେଲୁ । ଗାଁରେ ମିଟିଂ କଲୁ ।  ସେତେବେଳେ ସୁଦରଶନ୍ ଠାକୁର ବୋଲି ଗୁଟେ ପିଅନ ଥିଲା । ତା'ର ପାଖରେ ଗଲୁ । ସେ କହିଲା, କାଲି ରବିବାର, ପଅର ଦିନ୍କୁ ସୋମ୍ବାର ଦିନ ଗାଁ ସାରାର ବାପା, ଗାଁ ସାରାର ମା - ଘରକୁ ଦୁଇ ଲୋକ - ଆସ, ମା-ମାନେ ଛାଟୁଣି ମୁଠା ଆଣ, ପୁଅମାନେ ବାଡ଼ି ଧରିକରି ଆସ । ବିଡ଼ିଓକୁ ଧରି ବାଡ଼େଇ ଦିଅ" । ମୁଇଁ ସେଠି କଥା ହଉଚି । 'ଆଗିଆଁ, ଆପଣ ସେଠୁ ଯାଇ କାଇଁକି ହେବ - କେସ୍ ହେଲେ ଆମେ ଯିବୁ, ଜେଲ୍ ହେଉ ଆମେ ଖଟ୍ବୁ । ଆପଣଂକ ସେଠି ହାନି ହବ" ବୋଲି ଆମେ କହିଲୁ । ରଇବାର ଗଲା, ସୋମବାର ଦିନ ଗାଁ ସାରାର ମା ଗୁଟେ, ବାପା ଗୁଟେ ।  ମା-ମାନେ କହିଲେ ଛାଂଟୁଣୀ ମୁଠା ନେବା କି? ଆମେ କହିଲୁ, ନାଁ, ଛାମୁଣି ମୁଠା ନେବା ନାଇଁ । ହାତରେ ବାଡ଼େଇବା, ପାଟିରେ ବାଡ଼େଇବା । ଗାଁ ସାରାର ଲୋକ ଗଲୁ । କାଶୀପୁରର ଲୋକ କହିଲେ, କେଣେ ଯାଉଚ, କେଣେ ଯାଉଚ? ସେତେବେଳେ ପଚାଶ ଘର ଥିଲୁ - ଶହେ ଜଣ ଯାଇକରି ବଲକ୍ରେ କଲୁ ପାଟି ତୁଂଡ଼ ଯେ ବସ୍ତିର ଲୋକ୍ ଜମା ହୋଇଗଲେ । କେବେ ଇ ଟା ହେଇ ନଥିଲା । ଆଜି ଆମେ ଜାଣିଲୁ ଇ ଟା । କାହାର ଯୋଗୁରୁ? - ସୁମନୀ ଯୋଗରୁ । ସୁମନୀ ଏତେ ସାହସ୍ କୋଉଠି ପାଇଲା? ନାଁ, ଅଗରଗାମୀରୁ ପାଇଲା । ଟେର୍ନିଂ ପାଇଲା । ଇ-ଭଳିଆ କାମ୍ କଲେ, ଧନିଅବାଦ୍ । ଇ ଟା ଆମ୍କେ ଭଲ୍ ଲାଗୁଚି ବୋଲି ସମସ୍ତେ କହିଲେ । କହିଲାରୁ, ଜେଇ ଲୁଚି ଯାଉଥିଲାକୁ, ଦଶ୍ଟାକି ପଂଦରଟା ମା ଯାଇକରି  ମଟର ସାଇକଲ୍କୁ ଧରିଦେଲେ - ତୁ କୁଆଡ଼େ ଯିବୁ ବୋଲି । ବିଡ଼ିଓ ଯାଇକରି ବେଂକ୍ରେ ପଶିଥିଲା । ବେଂକ୍କୁ ଯାଇକରି, 'ଆସୁଟୁନା, କି ଛାଂଟୁଣୀମୁଠା ଆଣିକରି ବାଡ଼େଇବୁ" କହିଲାରୁ, ପଛେ କେତେ ଗଂଡ଼ଗୋଳ ହେଲାରୁ, 'ଯା, ମାଆ, ନାନୀ ଯା, ବୁଝି ଯା, ମୁଇଁ ଖ୍ୟମା ମାଗୁଚି, ମୁଇଁ ରାୟଗଡ଼ାରୁ ଆସି ଇଂଜିନିଅର୍ ଆଣିବି, ଏସ୍ଟିମେଟ୍ କରାଇବି" ବୋଲି କହିଲା ।  ରାୟଗଡ଼ାରୁ ଇଂଜିନିଅର୍ ଆଇଲା, ଏସ୍ଟିମେଟ୍ କଲା । ଚଉଦ ଶହ ଟଂକା ବଢ଼ିଲା । ଆମ୍କୁ 'ଆଉ କାମ୍ ନିଅଂତୁ ନାଇଁ" ବୋଲି ଏମ୍ତି କଲେ । କଲାକେ  ବି ଆମେ ଡ଼ର୍ଲୁ ନାହିଁ । ଆର୍ କାମ ଆଣ୍ଲୁ । କମିଟି ଆଦୁ ମୋ ନାଆଁରେ ଆଣ୍ଲୁ । ଡାଂଡ଼ରେ ପାଣି ଗଡ଼ି ଯିବାର କାମ୍ ଚାଳିଶ ହଜାର୍ର ଆଣ୍ଲୁ । ଗୁଟେ ପାଣି କେନାଲ୍ ଚାଳିଶ ହଜାର୍ର କାମ୍ ମିନୁ ଝୋଡ଼ିଆ ନାଆଁରେ ଆଣ୍ଲୁ । ଗୁଟେ ବୋରିଂ ତେନ୍ ଆଣ୍ଲୁ ବାଇଶ୍ ହଜାର - ଲଖ୍ମୀ ଝୋଡ଼ିଆ ନାଆଁରେ ଆଣ୍ଲୁ । ଗୁଟେ ହୁମ୍ ପାଇପ୍ ଭାଂଗି ଯାଇଥିଲା -



Digitized by srujanika@gmail.com

ସିଟା ଗୁଟେ କଲୁ ଅଠର ହଜାର, ସେ ଲଖମୀର ନାଆଁରେ । ଗୁଟେ  ଇସ୍‌କୁଲ୍ କଲୁ ଗୁଂଜମଣୀର୍ ନାଆଁରେ ଗାଁ କମିଟି ଜରିଆରେ ଲଖ୍ୟେ ପଇଁତିରିଶ ହଜାର୍, ଗୁଟେ ରାସ୍‌ତା କଲୁ ଗାଁ କମିଟି ଜରିଆରେ । ଗତ ବର୍‌ଷ୍‌ରେ ରାୟଗଡ଼ା ଆଇଟିଡ଼ିଏର କାମ ଆଣ୍‌ଲୁ ତରଫରୁ ଦୁଇ ଲଖ୍ୟ ଅଶୀ ହଜାର ଟଂକାର । ହିଉମ୍ ପାଇପ୍ ଭାଂଗି କେନାଲ୍ କରି ପାଣି ଆଣ୍‌ଲୁ ଗାଁକେ ପନିପରିବା କର୍‌ବା ପାଇଁ - ଲଖ୍ୟେ ଟଂକାର । ଗୁଟେ ଭାଗବତ ଟୁଂଗୀ ପଚାଶ ହଜାର - ସିଟା ଏପି ଫତର୍ ଟଂକା - ଅଧା ହେଇଯାଇଚି, ଆଉ କାମ ହେଇପାରିଲା ନାଇଁ । ଏବେ ଫେର୍ ଆପ୍‌ଲାଇ କରିଚୁ । ଆମକୁ ଲାଭ କିଛି ହେଲା ନାଇଁ, ଘରକେ ଶହେ ଟଂକା ପାଇଲୁ - ପଂଦର ଦିନ କାମ କରି । ଆମ କାମ ମଜବୁତ୍ ହଉ ବୋଲି କଉଣସି କାମ ଆମେ ଠିକାଦାର୍‌କୁ ଦେଲୁ ନାହିଁ । ଗୁଟେ କାମ ଆମେ ଠିକାଦାର୍‌କୁ ଦେଲୁ - ଅଂଗନବାଡ଼ି ଘର ପିଲାମାନଂକେ ମିର୍‌ବା - ଆଇସିଡ଼ିସି ତରଫରୁ, କାଶୀପୁରର ଗୁଟେ ହରିଜନକୁ ଦେଲୁ । ଆଜିକାଲି ସେ ଘର ଉଡିଯାଇଚି । ସବୁ କାମ ଆମେ ନିଜେ ଟେରନିଂ ନେଇ, ଶିଖି, କଲୁ । ଗଲା ବରଷ୍‌ରେ ଆମ ଗାଁରେ - ଗଡିଆଗୁଡ଼ା, ଶିରିଗୁଡ଼ା ହେଇ - ପ୍ରତ୍ୟେକ ଘର ଗାଁର କାମ କରି ତିନି ହଜାର ଛଅ ଶହ ଟଂକା ପାଇଲେ । କିଏ ସୁନା କିଣିଲେ, କିଏ ଘର କିଣିଲେ, କିଏ ରୂପା କିଣିଲେ, କଂସା କିଣିଲେ । ଆମ ଗାଁ ମାନ୍‌କୁ ଠିକାକାମ ଆଉ ବିଲ୍‌କୁଲ୍ ଚଳୁନାଇଁ । ଆଗେ ତ ଆମେ ସିର୍‌ମିଟ୍ କାମ ବିଲ୍‌କୁଲ୍ କର୍‌ବାର୍ ନାଇଁ - କାମ ତ ଆମକୁ ଜଣା ନଥିଲା । ଇସ୍‌କୁଲ ଗୁଟେ ଠିକାଦାର ବାଂଧିଥିଲା । ଏବେ ତାର ସବୁ ଖରାପ ହୋଇଗଲା । ଆମେ ତାକୁ ପୁଣି ଲଖ୍ୟେ ପଇଁତିରିଶ ହଜାର୍‌ରେ ବାଂଧିଲୁ । ପିଲାମାନଂକୁ ତ ଇସ୍‌କୁଲ୍‌ରେ ପ୍ରାୟ ପଢିବା ପାଇଁ ଛାଡ଼ି ଦେଉ ନଥିଲୁ । ମୋର ଝିଅମାନଂକୁ ମୁଇଁ ଛାଡ଼ି ଦେଇ ନାଇଁ, ଆର ଲୋକର୍ କଥା କିଆଁ କହିବି? ଏବେ ବୁଧି ଆସିଲାରୁ, ପୁଅମାନଂକୁ ହେଉ, ଝିଅମାନଂକୁ ହଉ, ଛାଡ଼ି ଦେଉଚୁ ।

## ବାହାର୍‌କୁ ଯାଇ ଶିଖିଲୁ

ରାଜସ୍‌ଥାନରେ ଗଲି ଉଦୟପୁର । ସିଠି ଖାଲି ମହିଲାମାନଂକ ବହୁତ ମିଟିଂ ଅଛି । ଆମ ଓଡ଼ିଶାର - ଆମେ ଯାଇଥିଲୁ ତିନି ଜଣ ଆଉ କାଶୀପୁରର ପିଲା ତିନି



Digitized by srujanika@gmail.com

ଜଣ - ଏମ୍‌ତି ଓଡ଼ିଶାର ଛଅ ଜଣ ଆମେ ଯାଇଥିଲୁ । ସେଠି ବହୁତ କଥା, ସୁଖ ଦୁଃଖ, ୟାଡ଼ର୍ କିମ୍‌ତି ଭଲ୍ ଅଛି କି ଖରାପ ଅଛି - ଭାରତସାରାର୍ ସବୁ ଏରିଆର ଲୋକଂକ ସାଂଗରେ କଥା ହେଲୁ । ରାଜସ୍‌ଥାନ, ଗୁଜରାଟ, ମହାରାଷ୍‌ଟ୍ର, ବିହାର, ଉତର ପରଦେଶ, ଆଂଧ୍‌ରପର୍‌ଦେଶ, ମଧିଅପର୍‌ଦେଶ - ସବୁ ଆଡ଼ର ଲୋକ ସେଠି ଜମିଥିଲେ । ସିଟା ଶିଖ୍‌ବା ପାଇଁ ଯାଇଥିଲୁ । ସେଠି ଚାଷ ବିଷୟରେ ଟେର୍‌ନିଂ ହେଲା । କେମ୍‌ତି ଚାଷ ହେବ । ମା-ମାନେ ବହୁତ, ପୁଅ ପିଲା ଅଳପ୍ । ଆଉ ଦୁକାନ୍ ବିଷୟରେ ବି ଟେର୍‌ନିଂ ହେଲା - ଚାଉଳ, କିରାସିନି, ଚିନି, କପଡ଼ା । ସେ ଏରିଆରେ ବହୁତ ମାରୱାଡ଼ୀ ଥିଲେ, ବହୁତ ଶୋଷଣ କରୁଥିଲେ । ସେଠାରେ ବହୁତ ଆଦିବାସୀ ଅଛଂତି । ସେ ଆଦିବାସୀମାନଂକୁ ବହୁତ ଡରାଇ ଖାଉଥିଲେ । ସେଠି କିଏ ଅଛି ଜଣେ ବଂକର୍ ରାୟ, ଅରୁଣା ରାୟ । ସେମାନେ ମାଇଜୀ-ମଣିଷ । ସେ ଏରିଆରେ ସେମାନଂକୁ ବୁଧି ଦବା ଲୋକ ଭାବରେ ଅଛଂତି । ସେ ଏରିଆର ମା-ମାନଂକୁ ଏକଜୁଟ ସଂଗଠନ କରି - ମାରୱାଡ଼ୀମାନେ ତୁମକୁ ଶୋଷଣ କରୁଚନ୍, ତୁମେ ନିଜ ଗୋଡ଼ରେ ନିଜେ ଠିଆ ହେବ କି ନାଇଁ ବୋଲି । ଗୁଟେ ଡେଭ୍-ଡୁଂଗରୀ ଗାଁ ସେଇଟା । ସେ ଉଦୟପୁର ମିଟିଂ ସାରିକରି ଆସି ସେ ଡେଭ୍-ଡୁଂଗରୀ ଗାଁରେ ଦେଖ୍‌ଲୁ, ସବୁ - ଲୁଗାପଟା, ତେଲ, ହଳଦି, ଲୁଣ, ମରିଚ୍ - ର ଦୁକାନ । ବହୁତ ବଡ଼ ଗାଁ - ପାଂଚଟା ଦୁକାନ ଅଛି । ସେଠି ଗୁଟେ ମାଇକ୍-ସେଟ୍ ବାଂଧିକରି ସେ ଏରିଆର ଲୋକ ଆଜି ଚାଉଳର ରେଟ୍ କେତେ, ତେଲର୍ ରେଟ୍ କେତେ ଆଉ କପଡ଼ା ରେଟ୍ କେତେ ଡ଼ାକି ବୁଲ୍‌ବାର୍ । ଗୁଟେ ଦୁକାନ୍‌ରେ ପାଂଚ୍ ଜଣ ବିକ୍‌ବାର୍ । ସଂଧ୍ୟାରେ ସେ ପାଂଚ୍ ଜଣ - ଏତେ ଟଂକା ବିକ୍‌ଲୁ ବୋଲି ହିସାବ ଦେଇ ପଳେଇ ଯିବା । ଆର୍ ପାଂଚ୍ ଜଣ ଆସ୍‌ବା । ସେ ପାଂଚ୍ ଜଣ ଆଉ ସେ ରେଟ୍ ମାଇକ୍-ସେଟ୍‌ରେ ଡ଼ାକି ବୁଲ୍‌ବା । ଫଳରେ ସେ ଗାଁରୁ ମାରୱାଡୀ ଛାଡି ପଳେଇଗଲେ । ବହୁତ ଲୋକ ଏମ୍‌ତି "କରନାଇଁ" ବୋଲି ସେ ଗାଁରେ ଆମ ସଂଗଠନ ଭଳିଆ ସଂଗଠନକୁ ହଇରାଣ କରୁଥିଲେ । ତାଂକୁ ନ ମାନି ଏଭଳି ଦୁକାନ କଲେ । ଆମେ ସେ କଥା ବୁଝିବାକୁ ସେ ଗାଁକୁ ଯାଇଥିଲୁ । ଆସି ଆମେ ଆମ ସଂଗଠନ ତିଆରି କଲୁ ।

ସେ ମିଟିଂରେ ବହୁତ ଆଡ଼ର ଲୋକଂକ ଚିନ୍‌ହା ପରିଚ୍ୟ ହେଲା । ବିହାରର ସୁମାରୀ ବୋଲ୍‌ବାର୍ ଜଣେ ଝିଅପିଲା, ଆର୍ ହିମାଚ଼ଲ୍ ପର୍‌ଦେଶର ଗୁଟେ କିଂକରୀ ଦେବୀ, ମହାରାଷ୍‌ଟର୍‌ର୍ ଗୁଟେ ଜଡୁ ସିଂ, ରାଜସ୍‌ଥାନ୍‌ର ଗୁରୁଜୀ ପହିତ ଆମର୍ ଚିନ୍‌ହା



Digitized by srujanika@gmail.com

ପରିଚୟ ହେଲା । ସେ ଏରିଆରେ ଗୁଟେ ଏସ୍‌ଡବ୍‌ଲିଉଆର୍‌ସି ଅଛି । ଗୁଟେ ଡାକ୍‌ତର୍‌ଖାନା ଅଛି । ପିଲାମାନଂକର ଇସ୍‌କୁଲ ଅଛି । ମା-ମାନେ ନିଜେ ଦରୀ ବୁଣୁଚନ୍, ନିଜେ ମୁଣା ତିଆରି କରୁଚନ୍, ନିଜେ ଲୁଗାପଟା ବୁଣୁଚନ୍ । ସେ ସବୁ ଶିଖ୍‌ବା ପାଇଁ ଆମେ ସେ ଏରିଆରେ ଯାଇଥିଲୁ । ସେଇଟା ଦେଖିକରି ଆସି - ନାଇଁ ମା, ସେ ଏରିଆରେ ସେମାନେ ଏ କାମ କରୁଚନ୍, ଆମେ ସେ କାମ ସିନା କରିପାର୍‌ବା ନାଇଁ । ଗୁଟେ ସଂଘ ତିଆରି କଲେ, ସଂଘରୁ ବହୁତ ଆମକୁ ଲାଭ ହେବ । ସଂଘ ଦ୍ୱାରା ଆମେ ସବୁ କାମ ଚଳେଇବା । ସଂଘରୁ ବହୁତ ଶିଖି ହେବ । ଆମକୁ ସାହସ୍ ଆସ୍‌ବ । ଲୋକ ବି କହିଲେ - ଏକୁଟିଆ କହିଲେ ଗୁଟେ କଥା, ଆଉ ଦଶ୍ ଜଣ୍ ଯାଇ କହିଲେ କେମ୍‌ତି ଗୁଟାଏ କଥା । ଆମେ କହି ପାର୍‌ବା, ମୁଖିଅମନ୍‌ତରିକି କହି ପାର୍‌ବା, ବିଡ଼ିଓକୁ ଯାଇକରି କହିପାର୍‌ବା - ଗୁଟେ ବାଡ଼ି ଭାଂଗିଦେଇ ହେବ, ଦଶଟା ବାଡ଼ି ସାଂଗକରି ଭାଂଗିଲେ ଭାଂଗି ହେବ ନାଇଁ । ଆମେ ଆସି ଆମ ମାଆମାନଂକୁ ଶିଖାଇକରି ଆମ ସଂଗଠନ ଆମେ ତିଆରି କଲୁ । ସିଟା ଶିଖ୍‌ବା ପାଇଁ ଯାଇଥିଲୁ ।

ଆମେ ବହୁତ ଜାଗାରେ ବୁଲିଚୁ । ରାଜସ୍ଥାନରେ, ମଧିଅପର୍‌ଦେଶ୍ ଆଉ ଉତର୍ ପର୍‌ଦେଶ୍‌ରେ ଗୋଟିଏ ଜାଗାରେ ଯାଇଚୁ । ଓଡ଼ିଶା ଭିତରେ କଲାହାଂଡ଼ି, ଢେଂକାନାଳ, ସଂବଲ୍‌ପୁର, ସୁଂଦରଗଡ଼, କେଉଁଝର - ଏମିତି ସବୁ ଜାଗାରେ ଆମେ ମା-ମାନଂକୁ ଟେର୍‌ନିଂ ଦେବାର, ତାଂକଠାରୁ ଶିଖ୍‌ବାର । କୋଉ ଏରିଆରେ ମା କୋଉ କାମ କରୁଚି, କୋଉ କଥା ବୁଝୁଚି - ସେ ସବୁ ଜାଣିଲୁ । ସଂବଲପୁରରେ ହୀରାକୁଦ୍ ଡିଆମ୍ ପାଖରେ - ଫୁଲଝର, ହାତୀବାଡ଼ିରେ ଗୁଟେ ଇସ୍‌କୁଲ ଅଛି । ସେଠି ତିନି ଦିନ ମିଟିଂ ହେଲା । ଏଇ ଭଳିଆ ସଂଘ ମିଟିଂ । କେମ୍‌ତି କଲେ କେମ୍‌ତି ହେବା, ସବୁ ଏରିଆ ସଂଘ ମିଶିଲେ, ଏକ୍‌ଜୁଟ୍ ହେଲେ ମଜବୁତ୍ ହେବ ବୋଲି କଥା ହେଲା । ମହିମାଗାଦୀ ଗୁଟେ ବଡ଼ ମଂଦିର ଅଛି, ବାବାଜୀମାନେ ଅଛନ୍, ସେଠି ଗୁଟେ ମିଟିଂ କଲୁ । ଢେଂକାନାଳ ପାଖରେ, ସେଠି ତିନିଥର ମିଟିଂ ହେଇଚି । କଳାହାଂଡ଼ିରେ ବିଶ୍‌ନାଥପୁରରେ ମିଟିଂ ହେଇଚି - ପର୍‌ମିଲା, ସବିତାମାନେ ଥିଲେ । ସଂବଲପୁରରେ ଆଉ ଗୁଟେ ଇସ୍‌କୁଲରେ ମିଟିଂ ହେଲା । ରାଉଲକେଲାରେ ଗୁଟେ ମିଟିଂ ହେଲା - ଗୁଟେ ଇସ୍‌କୁଲରେ । ସେଠାରେ ଗୁଟେ କାରଖାନା ଅଛି - ଇସ୍‌ଟିଲ୍ କାରଖାନା । ହେଲେ, ସେ ଏରିଆର ଲୋକ ସେଠାରେ ଗୁଟେ ବି କାମ୍ ପାଉ ନାହିଁ । ସେଠି ଗୁଟେ ମଂଦିର ବାଂଧି



Digitized by srujanika@gmail.com

ଦେଇଚନ୍, ବହୁତ ଲଂବା କରି ହନୁମାନ ମଂଦିର । ସେ ମଦିଂରରେ ବାଇଆ ହେଇକରି ସେ ଲୋକମାନଯାକ କାରଖାନା କରିବାପାଇଁ ଜାଗା ଦେଇକରି ବହୁତ ଅବସ୍ଥାରେ ଅଛନ୍ । ସେଟା ପାଇଁ କଅଣ କଲେ କଅଣ ହବ, କାହିଁକି ଆମକୁ ଏତେ ଦୁର୍ମତି କରୁଚନ୍ ସରକାର, ଆମେ ରହିବାପାଇଁ ଘର ଖଂଡ଼େ ନାଇଁ, ଜାଗା ମିଳୁ ନାଇଁ, ସେମାନେ ଏତେ କାମ କରୁଚନ୍ । ସେଠି ଗୁଟେ ବିରସା ମୁଂଡ଼ା, ଆମର ଆଦିବାସୀ ଲୋକ, ସେ ଆମ ପାଇଁ ବହୁତ ଲଢେଇ କରିଥିଲା, ଫାସୀ ହୋଇଥିଲା । ସେଠି ମିଟିଂ କରିଚୁ । ତା ପରେ କୋରାପୁଟ ଯାଇଚୁ, ରାୟଗଡ଼ା ତ ଆମର ଜିଲା । ଇଂଦ୍ରାବତୀ, ନବରଂଗପୁର, କାଶୀଗୁଡ଼ାରେ ଗୁଟେ ମିଟିଂ ହୋଇଥିଲା, ତିନି ବରଷ୍ ହେଲାଣି । ଆମ ଓଡ଼ିଶା ଭିତରର ହଜାର୍ ମହିଲା ହେବ - ସେଠି ଗୁଟେ ମିଟିଂ କରିଥିଲୁ । ବରଷ୍‌କୁ ଥରେ ମିଟିଂ କରି ଆମେ ସବୁ ଏରିଆରେ ବୁଲିଚୁ । ସବୁ ଏରିଆରେ ବୁଲ୍‌ଲେ ସିନା ସବୁ ଏରିଆର କଥା ଜାଣି ହେବ । ଇଂଦ୍ରାବତୀ ଏରିଆରେ ଗୁଟେ କାଳିଆପଦର୍ ଗାଁ ଅଛି । ସେଠାର ମା-ମାନଂକର ଗୁଟେ ଇଂଦ୍ରାବତୀ ମହସଂଘ ଅଛି । ଆମେ ଆଗ ଆମ ସଂଗଠନ ବାଂଧି, ତା'ପରେ କାଳିଆପଦର ଯାଇ, ଗାଁ ଗାଁ ବୁଲି, ଏମ୍‌ତି ଗୁଟେ ମହାସଂଘ ଗଢ ବୋଲି କହିଲୁ । ଏବେ ସେଠି ଏମ୍‌ତି ଗୁଟେ ମହାସଂଘ ତିଆରି ହେଇଚି ।

## ଗ୍ରାମ୍‌ସଭା ହେଲା

ମୁଁ ଭୁବନେଶ୍ୱର ଯାଇଥିଲି । ଏବେ ନୂଆ ମୁଖିଅମନ୍‌ତରୀ ନବୀନ ପଟ୍‌ନାୟକ ହେଇଚି । ସେ, ବାପା ତ ରଖିଥିଲା, ମୁଇଁ ଏବେ କାହିଁକି ଛାଡ଼ିବି ବୋଲି ଗଭର୍‌ନିଂ ବଡ଼ି ମେଂବର୍ ବୋଲି ମତେ ରଖିଚି । ଦୁଇ ବରଷ୍ ତଲେ ଦୁଇ ଥର ମିଟିଂକୁ ଯାଇଚି - ଛଅ ମାସକୁ ଥରେ । ଏବେ ବରଷେ ହେଲାଣି, ମତେ ଡାକୁ ନାହିଁ । ଦୁଇ ବରଷ୍ ତଲେ ମିଟିଂ ହେଇଥିଲା । ସେ ମିଟିଂରେ ତିନିଟା ପଏଂଟ୍ ଆଲୋଚ଼ନା ହେଲା । ଆଦିବାସୀର ଜମି ଅଣଆଦିବାସୀ ହାତପକେଇ ନେଇ ପାର୍‌ବେ ନାହିଁ । ଜଂଗଲର୍ ଜିନିଷ ଯାହା ତହିଁରେ ଆଦିବାସୀର ଅଧିକାର ଅଛି । ଆଉ କେତେଟା କାମ ସବୁ ଠିକାରେ ଦେଇଦେଲା । ମୁଇଁ ପଚାରିଲି, ଆଗିଁଆ, ଆଦିବାସୀର ଜମି ଆଣଆଦିବାସୀ ନେଇପାରିବେ ନାହିଁ ବୋଲି କହୁଚୁ, ସବୁ ଜମି ସରିଗଲାପରେ କଅଣ ହବ? କହିଲେ,



Digitized by srujanika@gmail.com

ମା, କିସ୍ କର୍‌ବି, ଯାହା ହେଇଚି ହେଇଚି । ଏବେ ଆଉ କେହି ନେଇ ପାର୍‌ବେ ନାହିଁ । ଆଉ, ପଂଚାୟତକେ ସବୁ ଦାଇତ ଦେଲୁ ବୋଲି କହିଲୁ, ଆଗିଆଁ । ପଂଚାୟତରେ କଅଣ ହବ? ପଂଚାୟତର କେତେଥର ମିଟିଂ ହବ? ଗାଁରେ କଅଣ ମିଟିଂ ହବ? ମୁଖିଅମନ୍‌ତରୀ କହିଲା, "ମା, ପଲିସଭା ହବ, ପଲିସଭାରେ ପାଶ୍ ହେବ - ଅମୁକ ଲୋକ୍‌କେ ଏ ଘର ଦିଆଯାଉ, ଅମୁକ ଲୋକ୍‌କେ ଏଇ ପଇସା ଦିଆଯାଉ - ବୋଲି ପଲିସଭାରେ ପାସ୍ ହେଲେ ସେଟା ଗ୍ରାମସଭାରେ ପାସ୍ ହେବ । ଆଗେ ବରଷ୍‌କୁ ଦିଥର ମିଟିଂ ଥିଲା, ଏବେ ବରଷ୍‌କୁ ଚାରିଥର୍ । ଚାରିଥର୍ ମିଟିଂ କର୍‌ବେ, ଭୋଟ ଦେବା ଅଧିକାର ଥିବା ସମସ୍ତେ ଗ୍ରାମସଭା ମିଟିଂରେ ଯିବେ । "ଆଗିଆଁ, କିମ୍‌ତି ଯିବେ, ଆଗିଆଁ । ଲୋକ ତ ବିଲ୍‌କୁଲ୍ ଜାଣି ନାଇଁ । ଗ୍ରାମସଭା ମିଟିଂ ବୋଲି କିମ୍‌ତି ଜାଣିବେ?" "ଚିଠି ଦେବେ" । "ନାଇଁ ଆଗିଆଁ, ଚିଠି ଦେଉନାଇଁ କି କିଛି ଡ଼ାକୁ ନାଇଁ " । "ନାଇଁ, ନିୟମ କାନୁନ ହେଉଚି ମା, ନିଶ୍‌ଚେ ଦେବେ", ବୋଲି ମୁଖିଅମନ୍‌ତରୀ କହିଲେ । କହିଲାରୁ, ଏବେ ପଂଚାୟତର ମିଟିଂ ବୋଲି ଜଣା ପଡୁଚି । ଆଗରେ ଆମେ କିଛି ଜାଣୁ ନଥିଲୁ ।

## ମତେ ପୁରସ୍‌କାର କଥା

ମୁଁ ଗୁଟେ ପୁରସ୍‌କାର ପାଇଲି । ସେ ପୁରସ୍‌କାର କିଏ ଦେଲା? ମୁଁ ରାଜସ୍‌ଥାନ୍ ଇକୋହଲ୍ ଇଂଡ଼ିଆରେ ଜଣେ ମେଂବର୍ ଥିଲି । ମୁଁ ଯାଇପାରିବି ନାଇଁ ବୋଲି ସେ ମେଂବର କଟାଇ ଦେଲି । ରାଜସ୍ଥାନର ଜଣେ ଦେବୀ ଭାଟିଆ, ଏମ୍‌ଏଲ୍‌ଏ, ଓଡ଼ିଶାର ଝିଅପିଲା ଆସି ଆମର ଏଠାରେ ଏତେ କାମ କରୁଚି ବୋଲି ମତେ ଗୁଟେ ପୁରସ୍‌କାର ଦେଲା - ପଚାଶ ହଜାର ଟଂକା । ସେଟା ଆଣିବା ପାଇଁ ମୁଁ ଦିଲ୍ଲୀ ଗଲି - ସାତ ବରଷ୍ ତଳର୍ କଥା । ସେ ପଚାଶ ହଜାର ଟଂକା ପୁରସ୍‌କାର ଧରିକରି ଆସ୍‌ଲି । ସେ ଟଂକା କଅଣ କଲି - ଆମ ଶିରିଗୁଡ଼ା ଗାଁର ପର୍‌ଗତି ମହିଲା ମଂଡ଼ଳକୁ ଦଶହଜାର ଦେଇଦେଲି । ଅଗର୍‌ଗାମୀର ଅଚ୍ୟୁତ ଦାସ୍‌କୁ ପଚାରିଲି - ଦଶ ହଜାର ବମିଗଲା, କଅଣ କର୍‌ବା । ସେ କହିଲାରୁ, ଆମ ଷ୍ଟାଫ୍‌ମାନଂକୁ କହିଲି, ଗୁଟେ ଗୁଟେ ଦିନର ଦରମା ଦିଅ । ସେମାନେ ଦେଲାରୁ ଦଶ୍ ହଜାର ହେଇଗଲା । ସେ ପଚାଶ ହଜାର ଟଂକା କାଶୀପୁରର ଗୁଟେ ବ୍ୟାଂକରେ ଫିକ୍‌ସ୍ ଡିପୋଜିଟ୍ ଅଛି । ସୁଧ ମିଳୁଚି



Digitized by srujanika@gmail.com

ଚାରିହଜାର ସାତ ଶହ ଟଂକା । ସେ ଟଂକାକୁ ଆମ କାଶୀପୁର ବଲକ୍‌ର ଆଦିବାସୀ ଝିଅପିଲାଂକୁ ପାଠ୍ ପଢିବା ପାଇଁ ପାଂଚ ଶହ ଟଂକା ହିସାବରେ ଗତ ପୁଷ୍ ମାସରେ ସୁମନୀ ପୁରସ୍କାର ବୋଲି ପୁରସ୍କାର ଦେଲି ।

ତାପରେ ମତେ ନାଲ୍‌କୋ ଚାରି ବରଷ୍ ତଳେ ପଂଦର ହଜାର ଟଂକା, ଗୁଟେ ଶାଲ୍, ଗୁଟେ ସାଟିଫିକେଟ୍ ଦେବ ବୋଲି ଡ଼ାକିଲା । ମୁଇଁ କିଛି ନ ଜାଣିକରି ଗଲି । ଗଲା ବେଳକୁ ସେଠି ସଂଧିଆ ପାଂଚଟାରୁ ସମସ୍ତେ ଭାଷଣ ଦେଉଚନ୍ତି ହିଂଦୀରେ, ଇଂରେଜୀରେ । ଖାଲି ଇଂଡ଼ଲ କଂପାନୀ, ଟାଟା, ବିର୍‌ଲା । ମୁଇଁ ତ ଜାଣି ନାଇଁ, ନହେଲେ ଆସି ନଥାଂତି । ଏଇଟା ତ ଗୁଟେ କୁଂପାନୀ । କୁଂପାନୀ ପାଇଁ ଆମର ତିନିଜଣ ଗୁଳିକାଂଡ଼ରେ ମରିଗଲେ - ଆମର ଜଳ, ଜଂଗଲ, ଜମି - ମାଟି ଅଧିକାର ପାଇଁ । ଏଇ ଟଂକା ନେଲେ ମତେ ଆଉ ରଖିଦେବେ କି? ମୁଁ ବ୍ୟବସ୍ଥା କରି ପଳେଇବି ବୋଲି ଭାବିଲି । ସଂଧିଆରେ ସେଠି ପୁରସ୍କାର ଦିଆହେଲା । ମତେ, ତୁଳସୀ ମୁଂଡ଼ାକୁ, ଆର୍ କାଦଂବରୀକୁ, ତାରାକୁ  ପୁରସ୍କାର ଦବାପାଇଁ ରଖିଥିଲେ । ଆଗ ଦେଲେ ତୁଳସୀ ମୁଂଡ଼ାକୁ, ତା'ପରେ ଦେଲେ କାଦଂବରୀକୁ,  ତା'ପରେ ମତେ ଡାକିଲେ । ସୁମନୀ ମା, ଆସିକରି ପୁରସ୍କାର ନେଇ ଯାଆଂତୁ ବୋଇଲାକେ,  ଅଫିସରମାନଂକୁ କହିଲି ଯେ "ପୁରସ୍କାର ଟେବୁଲରେ ରଖଂତୁ, ଆଗିଆଁ, ହାତରେ ମାଇକ୍‌ଟେ ଦିଅନ୍ତୁ" । "କଅଣ ପାଇଁ, ମା?" ବୋଇଲାକେ, "ନାଇଁ, ନାଇଁ, ଦିଅ, ମୁଁ କହିବି" । ପୁରସ୍କାର ଟେବୁଲରେ ରଖିଦେଲି, ହାତରେ ମାଇକ୍ ଧଇଲି -"ଆଗିଆଁ, ଆଜି  ସଂଧିଆ ପାଂଚଟାରୁ ରାତି ଆଠଟା ହେଲାଣି । ଏଟା କି ମିଟିଂ କରୁଚ - ହିଂଦୀରେ, ଇଂରାଜୀରେ, ବଂଗାଳୀରେ । ଆମ ଓଡ଼ିଶାରେ ମିଟିଂ ହଉଚି, ଓଡ଼ିଆ ଝିଅ, ଓଡ଼ିଆ ପୁଅ ଆସିଚୁ । ଓଡ଼ିଶାରେ କଅଣ ବାହାର ଦେଶର ଲୋକ ଆସିକରି ରହିଗଲାକି? ଓଡ଼ିଶାର ଲୋକ ବୋଲି ମୁଁ ଭାବୁଥିଲି । ଏବେ ଓଡ଼ିଶା ବାହାରର ହୋଇଗଲା । ମୁଁ କଅଣ ବୁଝ୍‌ବି? ଆମ ଅଂଚଳ ପାଇଁ କଅଣ ଶିଖ୍‌ବି? ଏଟା ଇଂଡ଼ଲ, ଏଟା ହାଇଡ଼ା, ବିରଲା କଂପାନୀ ବୋଲି ମୁଁ ବୁଝୁଚି । ଦେଖ, ଆଗିଆଁ, ଏ ପଂଦର ହଜାର ଟଂକା ମତେ ପୁରସ୍କାର ଦେଉନାହଁ ତୁମେ, ମତେ ଲାଂଚ ଦେଉଚ । ଲାଂଚ ନେବି କି? ଗତ ବରଷ୍ ଡ଼ିସେଂବର ୧୬ ତାରିଖ୍ ଦିନ ଆମ ମାଇକଂଚ ଗାଁର ତିନି ଜଣଂକୁ ଗୁଳି କରି ଶୁଟ୍ କରିଦେଲ । ତା ମୁଂଡ଼ ପିଛା ଜଣକୁ ପାଂଚ ହଜାର ଲେଖା ଟଂକା ଏଇଟା ଲାଂଚ ଦେଉଚ । ପୁରସ୍କାର ଦେଇ ନାହଁ । ପୁରସ୍କାର



Digitized by srujanika@gmail.com

ହେଇଥିଲେ, ଆଗିଆଁ, ଇଖ୍ୟେ କି ପଚାଶ ହଜାର କି ଷାଠିଏ ହଜାର ହେଇ ଥାଆଂତା । ଏଟାକୁ ମୁଁ ବିଲ୍‌କୁଲ ନେବି ନାହିଁ । ଆଉ ଏଇଟା ମାନଂକୁ ଆଲୋଚ଼ନା କରୁଚ, ଆଗିଆଁ, ଆଜିକାଲି ଦେଖ, କୋଉ ଲୋକ କିମ୍‌ତି ଅଛଂତି ସେଟା କାହିଁକି ଆଲୋଚ଼ନା ହୋଇନାହିଁ ମିଟିଂରେ? ଖାଲି କଂପାନୀ ହେଉ, ଇଂଡ଼େଲ ହେଉ ଆମେ ବଂଚ୍‌ବୁ, ଟଂକା କର୍‌ବୁ ବୋଲି ଆଲୋଚ଼ନା ହଉଚି । ଦେଖ, ତିନିଜଣ ଭାଇ ମରିଗଲେଣି - ମଲାରୁ ବି କିଛି ବିଚାର ନାହିଁ । ଆପଣମାନେ ତିନିଜଣ ମରିଥିଲେ କିସ୍ ହେଇଥାଆଂତା? ଆମ କାଶୀପୁର ମାଟିକରି ଦେଇ ଥାଆଂତ । ଆମେ ମରିଗଲେ କିଏ, କୋଉ ସରକାର ଗର୍‌ହଣ କରୁନାହିଁ, ବୁଝୁନାହିଁ । ଦେଖ, ଆଗିଆଁ, ଆଉ ଟିକିଏ ମନ ଦେଇକରି ଶୁଣ । ଆମ କାଶୀପୁରର କୁଡ଼ିଏଟା ପଂଚାଇତରେ ଆମେ ଅଛୁ ଝୋଡ଼ିଆ ଲୋକ । ପରଜା ଜାତିର ଝୋଡ଼ିଆ । ଆପଣ ଏଠି କେତେ ପ୍ରକାରର ଲୋକ ଅଛ -ଡ଼ମ ଅଛ, କଂଧ ଅଛ, ହାଡ଼ି, ଲିଲୁ, ବାହ୍‌ମୁଣ - ସମସ୍‌ତେ । ବାହ୍‌ମୁଣ ଭିତରେ କିଏ ଦାସ, କିଏ ପଂଡ଼ା - କିଏ କେତେ ରକମର । ତମର ବାହ୍‌ମୁଣ ଜାତି କୁଆଡ଼େ ଯିବ କି? ଡ଼ମ, କିଏ କସରାବସିଆ, କିଏ ଲିଆବସିଆ, କିଏ କର୍‌କରା । ତମ ଡ଼ମ ଜାତି କୁଆଡ଼େ ଯିବ କି? ଆମେ ପରଜା, ଆମ ଟାଇଟଲ୍ ହେଲା ଝୋଡ଼ିଆ - କିଏ ଝୋଡ଼ିଆ, କିଏ ଜାନୀ, କିଏ ପୁଜାରୀ, କିଏ ଦିଶାରୀ ଲେଖୁଚି । ଆମ ପରଜା ଜାତି କୁଆଡ଼େ ଯିବ କି? ଆମ୍‌କେ ଓବିସିରେ ପକାଇଚନ୍ । ସେଟା ଆଲୋଚ଼ନା କାହିଁକି କରୁନାହଁ, ଏ ପୁରସ୍‌କାର ଦେବାପାଇଁ କାହିଁକି ଆଲୋଚନା କରୁଚ?" ମୁଁ ସେ ପୁରସ୍‌କାର ସେଠାରେ ରଖିଦେଲି । ମୁଁ କେବେ ହେଲେ ନେବି ନାହିଁ ବୋଲି ମନାକରି ପଳେଇ ଅଇଲାରୁ, ଖଦେଇ ଖଦେଇ ଶାଲ୍ ହେଲେ ନିଅ, ଗାଡ଼ିଭଡ଼ା ପଇସା ହେଲେ ନିଅ ବୋଲି କେତେ ଜବରଦସ୍‌ତି କରୁଥିଲେ । ମୁଇଁ ବିଲ୍‌କୁଲ୍ ଆଣଲି ନାଇଁ । ମୁଁ ବ୍ୟବସ୍‌ଥାକରି ପଲାଇ ଅଇଲି ।

ଭୁବନେଶ୍ୱରରେ ଆଉ ଗୋଟିଏ ପୁରସ୍‌କାର - ଟଂକା ନାହିଁ, ପ୍ରତିଭା ମସାଲ୍ ପୁରସ୍‌କାର । ଏ ରାଜ୍ୟପାଳ, କେମ୍‌ତି ତା'ର ମନ ପାଇଲା, ଆଦିବାସୀ ଝିଅ, ଗୁଟେ ଅଶିଖିତ୍ ଝିଅ, ଏତେ କାମ କରୁଚି ବୋଲି ମତେ ଗୁଟେ ସାଟିଫିକେଟ୍ ଆଉ ଗୁଟେ ସିଲ୍‌ଡ୍ ଦେଲା ।

ତା'ପରେ ଏବେ ଦିଲ୍ଲୀରେ ଗୁଟେ ରାଣୀ ଗୋଂଦଲିଆ ସ୍ତିରୀ ଶକ୍‌ତି ପୁରସ୍‌କାର ଉପ-ରାଷ୍‌ଟ୍ରପତି ଦେଲା । ସାତ ମାସ ତଳେ ୨୨ ତାରିଖରେ ଉଡ଼ାଜାହାଜରେ



Digitized by srujanika@gmail.com

ବିଶାଖାପାଟଣାଠଉଁ ଗଲୁ । ସରକାର୍ ଏକା ଗାଡ଼ିଭଡ଼ା ଦେଲା - ଗଲାବେଳକୁ ହେଲା ଜଣକୁ ନଅ ହଜାର ଆଠ୍ଶ ପଂଦର ଟଂକା, ଅଇଲା ବେଲେ ଗାଡ଼ି ଭଡ଼ା ହେଲା ଏଗାର ହଜାର । ରାୟଗଡ଼ାର ସୁଜାତା ତିର୍ପାଠୀ ସାଂଗରେ । ତା'ର ଭାଇ, ତା'ର ଦେଢଶଶୁର ମାନେ ଦିଲ୍ଲୀରେ ଅଛନ୍ । ଆମ ପରମୋଦ କୁମାର ମିର୍ଧା ଠିକ୍ କରିଦେଲା, ତା'ର ସାଂଗରେ ଗଲୁ । ସେଠି ବିଗିଆନ୍ ଭବନରେ ପୁରସ୍କାର ଦେଲେ - ପାଂଚ ଜଣଂକୁ ଦେଲେ । ସ୍ତିରୀ ଶକ୍ତି ପାଂଚଜଣ, ବିଗିଆନ୍ ପାଂଚଜଣ, ଆଉ କଣ ପାଇଁ ପାଂଚ ଜଣ, ଏମ୍ତି ମୋଟ ପଂଦର ଜଣ । ସେଠି ବହୁତ ଲୋକ ଜମିଥିଲେ । ସ୍ତିରୀ ଶକ୍ତି ପାଇଁ ମୁଁ ଜଣେ, ମହାରାଷ୍ଟ୍ରର ଜଣେ,  ଗୁଜରାଟର ଜଣେ ଅଂଧୁଣୀ, କଲିକତାର ଜଣେ - ଗୁଟେ ବୋହୁକୁ ନିଆଁରେ ପୁରାଇ ଦେଇଥିଲେ । ସେଠାରୁ ମିଲିଥିବା ପଚାଶ ହଜାର ଟଂକା ବ୍ୟାଂକରେ ରଖି ଝିଅପିଲାଂକୁ ପଢ଼ିବା ପାଇଁ ପୁରସ୍କାର ଦେବା କଥା ଆଗରୁ କହିଚି ।

ଆମର କେତେ ଲୋକ ମତେ କହିଲେ, ତମେ ପୁରସ୍କାର ପାଇଲ ଏତେ ଟଂକା । ହେଲେ, ତମ ମୁଂଡରେ ଗୁହ, ଗୋବର ଅଛି । ଜମି କିଣି ଥାଆଂତ । ପିଲାଂକୁ ପଢେଇ ଥାଆଂତ । ଟଂକା ସବୁ କିଆଁ ସ୍କଲାର୍ଶିପ୍ ଦେବାରେ ଖରଚ୍ କଲ ? ମୁଁ କହିଲି, "ମୋର ମୁଂଡରେ ଗୁହ, ଗୋବର ନାହିଁ, ତୁମ ମୁଂଡରେ ଅଛି । ମୋର ମୁଂଡରେ ଖାଂଟି ଗାଇ ଖୀର, ଗାଇ ଦହି । ମୋ ମୁଂଡରେ ମସଲା ଅଛି । ମୁଁ ମଣିଷ । ମତେ ସରକାର ଖାଇବାପାଇଁ ଦଉନି । ତୁମେ ସିନା ମିଳିଗଲା ବୋଇଲେ ରାଖ୍ୟସ ପରି ଧରୁଚ । ମୁଁ ରାଖ୍ୟାସୁଣୀ ନାଇଁ ।  ମୁଇଁ ମଣିଷ । ମୁଇଁ ଯାହା କରିପାରେ, ତୁମକୁ କଅଣ ?" ସିଟା, ଆଗିଆଁ, ଯାହା ସରକାର ଦଉଚି, ସିଟା ମୁଁ ଜଣେ ଖାଇଲେ ହବ ନାଇଁ । ମତେ ଅଜନ୍ ଥିବ ନାଇଁ । ଯାହା ଲୋକେ ଖୁସ୍ କର ଖାଉଚନ୍, ସିଟା ଯାକ ସବୁ ସେମାନେ ପାଉଚନ୍ । ସେଥିପାଇଁ ମୁଁ କାଶୀପୁର ବଲକ୍ରେ ଆଦିବାସୀ ଝିଅ ପିଲାଂକୁ ସ୍କଲାରଶିପ୍ ପାଇଁ ଦେଲି । ଏ ବରଷ୍ ଦିଆ ହୋଇନାଇଁ । ପିଲାଂକ ପରୀକ୍ଷା ସରିଯାଉ, ପଢା ଆରଂଭ ହେଉ, ଦିଆହେବ ।

ମୋ ପିଲାମାନେ କହିଲେ, "ଆୟା, ତୁ ଟଂକା ସବୁ ଦେଇ ଦଉଚୁ । ଆମ ପାଇଁ କିଛି ରଖୁନୁ" । ମୁଁ କହିଲି, "ଆମେ କାମ କଲାରୁ ନାହିଁ, ମତେ ଅଗର୍ଗାମୀ ଟେର୍ନିଂ ଦେଲାରୁ, ମୁଁ ଦିପଦ କହିଲାରୁ, ମତେ ସରକାର ଦେଇଥିଲା । ସିଟା ଆଶା କରନାହିଁ" ।



Digitized by srujanika@gmail.com

ସେମାନେ ବୁଝିଗଲେ । ଗୋବିଂଦଂକୁ ବୁଝେଇବାକୁ ପଡେନି । ସେ ନିଜେ ବୁଝିବା ଲୋକ । ମୁଁ ଏବେ ଆଉ କିଛି ମିଳିଲେ ପିଲାଂକପାଇଁ କିଛି ରଖିଦେବି ।

## ଆମ ଆଦିବାସୀଂକ ଚିନ୍ତା

ଯାହା ଛୋଟ ବଡ଼ ପିଲାକେ ମା-ବାପା ବିଭା କରି ଦଉଚନ୍, ନାଇଁକି? ଯୁ ଲୋକ ଭଲ ଥିଲେ ତ ଭଲ୍ ରହୁଚନ୍ । ଗଂଡ଼ଗୋଳ ହେଲେ ଛାଡ଼୍ପତର୍ ଦଉଚନ୍, ସେଟା ଗୁଟେ ବହୁତ ଖରାପ । ଆଦିବାସୀଂକ ଭିତରେ ବି ଛାଡ଼୍ପତର୍ ବହୁତ ଅଛି । ଛାଡ଼୍ପତର୍ ଦେଲେ ପୁଣି ବାହା ହଉଚନ୍ତି ଯେ, ହେଲେ ଆଗର ଘରର ସବୁ ହାଂଡ଼ି କୁଂଡି, ସବୁ କରିଥିବାର । ସେ ଘର ଛାଡ଼ି ଆଉ ଗୁଟେ ନୂଆ ଘର କରିଯିବାଟା କଷ୍ଟ ନାଇଁ? ପୁଅ, ଝିଅ ଥିଲେ ବି ସେମ୍ତି ହଉଚି । ସେ ଝିଅ ଛାଡ଼ି, ପୁଅ ଛାଡ଼ି, ସେ ଜମି ଛାଡ଼ି, ସେ ଗିନା ଡାଟିଆ ସବୁ କରିଥିବାର - ସେ ସବୁ ଛାଡ଼ି ପଲେଇ ଯିବାର । ସିଟା ବହୁତ ଦୁଃଖର କଥା । ଦୁଃଖ ଲାଗ୍ବ ନାଇଁକି? ତମର୍ ଭଲ ଅଛି - ଛାଡ଼ି ପାର୍ବେ ନାଇଁ କି ଲାଗି ପାର୍ବେ ନାଇଁ । ଏଇଟା ତୁମର୍ ଭଲ୍, ଆମର ବହୁତ ଖରାପ ।

ଆଦିବାସୀ ମା ପାଇଁ ଆଉ ଗୁଟେ ଖରାପ କଥା । ତୁମର୍ ଝିଅ ମା ବାପାର ସଂପତି ଖାଇବେ । ଆମର ନାଇଁ । ଯେତେ ଯାହା କଲେ, ସୁନା ରୂପା ସବୁ ଦେଲେ ବି ବାପାର ସଂପତି ଆଶା ନାଇଁ ଝିଅକୁ । ନ ହେଲେ ଏକା ପରି ଗୁଟେ ପେଟ୍ରୁ ଜନ୍ମ କଲା ଲୋକ ବୋଲି ତୁମେ ବହୁତ ନେବ କାହିଁକି?

ଆମର ଆଉ ଗୁଟେ ଭଲ - ଆମର ଝୋଲା (ଯୌତୁକ) ନାଇଁ । ଝୋଲା ଥିଲେ, ଗୁଟେ ଗୁଟେ ଘରେ ଚାର୍ଟା, ପାଂଚ୍ଟା ଝିଅ - ବାହା ହୋଇ ପାର୍ତେ ନାଇଁ । ପୁଅ ଦେବ - ମଦ ଦେବ, ଚାଉଳ ଦେବ, ମକା ଦେବ, କିଏ ଶହେ ଖାଇବେ କି ଦିଶହ, କିଏ ପାଂଚ - ଲୋକ ଦେଖିକରି ସିଟା ଗୁଟେ କର୍ବାର୍ ଅଛି ।

ଆଗେ ଗୋତି କାମରେ ବର୍ଷକୁ ଦଶଟଂକା । ଏଇ ବଦ୍ମାସ୍‌ରେ ଦଶ ଟଂକା ଦେଇଥିଲେ ଆର ବର୍ଷର ବଦମାସ୍ ଯାକେ କାମ୍ କରବା ପାଇଁ । ଛାଡ଼ି ଯିବାଟା ନାହିଁ - ଗୁଟେ ଦିନ କାମ୍‌କେ ଗଲା ନାହିଁ ବୋଇଲେ ମାଡ଼ - ମୋର ଦଶ୍ ଟଂକା ନେଇଚୁ, ଆଜି କାହିଁକି ମୋର୍ ଘରେ କାମ୍‌କେ ଆଇଲୁ ନାଇଁ ବଲ୍‌କେ । ସେମ୍ତି ଦିନ ଥିଲା ।



Digitized by srujanika@gmail.com

ପରେ ଆମେ ଜାନ୍ତେ ଜାନ୍ତେ କୁଡ଼ିଏ ହେଇଗଲା । କୁଡ଼ିଏରୁ ଚାଲିଶ, ଚାଲିଶରୁ ପଚାଶ ହୋଇ ହୋଇ ଏବେ ଆଉ ଗୁଡି ନାଇଁ । ଭାରି ହଇରାଣ କରୁଥିଲେ । ମାଇକିନିଆ ଗୁଡି କଅଣ? ଗୋବର (ଘସି) ପକାଇବା, ଧାନ୍ କୁଟ୍‌ବା ଦିନ୍ ସାରା । ତା'ର ଅଣ୍ଡରା ସେଠି କାମ୍ କରବା, ମାଇକିନିଆ ବି । ସେଟା ଗୁଟେ ବହୁତ ଅସୁବିଧା ଥିଲା । ଉଠିଗଲା ।

ଏବେ ଦାମ୍ ଦେଇକରି କାମ୍ କରୁଚନ୍ । ଗୁଡି କମ୍, ନାହିଁ ବୋଇଲେ ହବ । ଏବେ ମାସୁରୀ । ମାସୁରୀ ବୋଇଲେ ମାସକେ ତିରିଶ ଟଂକା । ଆର୍ ଖାଇବା ପାଇଁ ପୁଟେ ଧାନ ଦି ଶହ ଟଂକାର । ଦିନ୍‌କୁ ମୋଟ କୁଡ଼ିଏ ବି ପଡ଼ଲାନି । ସେଥିରେ ବି ଠକୁଚନ୍ ।

## ପର୍‌ଧାନ୍‌ମନ୍‌ତରୀ ସାଥେ କଥା - ଟି.ଭି. ରେ

ଆମକୁ ପରଧାନ୍‌ମନ୍‌ତରୀ ଅଟଲ୍ ବିହାରୀ ବାଜପେୟୀ ଡାକିଲା କଥା ହେବାକୁ । ଆମେ କିଛି ଜାଣି ନଥିଲୁ । ଆମ୍‌କୁ କାଶୀପୁରର ବିଡ଼ିଓ କହିଲା ଯେ, କାଶୀପୁରର ଅଂଧାରୀ ମାଝି, ସୁମନୀ ଝୋଡ଼ିଆ, ଆଉ କୋଉଠୁ କୋଉଠୁ ମା-ମାନେ । ଆମେ କାଶୀପୁରଠୁ ଆର୍ ପର୍‌ଧାନମନ୍‌ତରୀ ଦିଲୀଠୁ କଥାବାରତା ହେଲୁ । "ତମର ଦୁଃଖ, ସୁଖ ସବୁ କହିଦିଅ, ମାଆ - ମୁଁ ଶୁଣୁଚି, ମୁଁ ଦେଖୁଚି" - ପରଧାନ୍‌ମନ୍‌ତରୀ ଆମକୁ । "ଆଗିଆଁ, କୁଲି ମଜୁରି ଆମକୁ ପଚିଶ ଟଂକା ମିଲୁ ନାଇଁ (ସେତେବେଳକୁ ସରକାରୀ ରେଟ୍ ଥିଲା ପଚିଶ ଟଂକା), ଆମେ ଡିଲର୍ ଚାଉଳ ଭଲ୍ କରି ପାଇପାରୁ ନାଅଁ, ଆମକୁ ବଲକ୍‌ରେ ବହୁତ ଠକି ଦଉଚନ୍, ଆଗିଆଁ, ଆମକୁ ଅଫିସର୍‌ମାନେ ବହୁତ ହଇରାଣ କରୁଚନ୍" ବୋଲି ଆମେ କହିଲେ । "ହଁ, ହଁ, ସେମ୍‌ତି କାହିଁକି କରୁଚନ୍? " "ଆଗିଆଁ, ଏମ୍‌ତି ଟେଲିଭିଜନରେ କଲେକ୍‌ଟର ପାଖରେ ମୁଖିଅମନ୍‌ତରୀ ପାଖରେ କଥାବାରତା କରବା ପାଇଁ ଦିଅଂତୁ, ଆଗିଆଁ" ବୋଲି ପ୍ରଥମରୁ କୁହାହେଲା । ଏ ତିନ୍‌ବରଷ ତଳର କଥା ।

ଗତ ବରଷ୍‌ରେ ଶିରିଗୁଡ଼ାର ସୁମନୀ ଝୋଡ଼ିଆ, କଲାପାନିର ଗୋମତି ଝୋଡ଼ିଆ, ରେଂଗାର ଶଂକରା ନାଇକ୍, ପଣିଗୁଡ଼ାର ବିଶନାଥ ମାଝି, କାଶୀପୁରର



Digitized by srujanika@gmail.com

ଅହଲିଆ, ରାଜିଂଦର ନାଇକ, ଭୀମ ନାଇକ, ଗୁଟେ ଦିନ୍ ସଂଧିଆ ପାଂଚଟାରେ ଆସ୍ବ ବୋଲି ବିଡ଼ିଓ ଗାଡ଼ି ପଠେଇଲା ଏତେ ଲୋକ ପାଖକୁ । ଆମେ "ଏତେ ରାତିରେ କାହିଁକି ଆଇବୁ" ବୋଇଲାକେ, ବିଡିଓ ଡାକୁଚି ଆସ ବୋଲି କହିଲେ । ଯାଇ ବିଡ଼ିଓକୁ "କଣ ଚୋରାଇ ନେଇଚୁ କି? କିଆଁ ରାତିରେ ଡକାଇ ପଠାଇଲ?" ବୋଇଲାକେ, "ମୁଇଁ କିସ୍ କରିବି ମା, କଲେକ୍ଟରର୍ ଅର୍ଡର" ବୋଲି କହିଲା । ଫୋନ୍ କଲୁ - "କଅଣ ଆଗିଆଁ, ଆମକୁ ଡାକୁଚୁ, ବାରଟା ରାତିରେ ବଲକ୍‌ରେ? କେବେ ଘର ଯିବୁ?" "ନାଇଁ ମା, ମୋର ଅର୍ଡର ନାଇଁ, ପରଧାନ୍‌ମନ୍‌ତରୀର ଅର୍ଡର, ମୁଇଁ କିସ୍ କରିବି?" ବୋଇଲା । "କଣ ପାଇଁ ପର୍‌ଧାନ୍‌ମନ୍‌ତରୀ ଡ଼ାକୁଚି?" "ନାଇଁ, ତମ ସଂଗେ ଟେଲିଭିଜନ୍‌ରେ କଥାବାରତା କର୍‌ବ, କାଲି ନାଇଁ ପଅର ଦିନ୍‌କୁ" । "କୁଠି କଥାବାରତା ହେବା, ଆଗିଆଁ?" କାଶୀପୁର୍‌ରେ, କଲେକ୍‌ଟର୍ ଅଫିସ୍‌ରେ ।

ଟେଲିଭିଜନ୍‌ରେ ପର୍‌ଧାନ୍‌ମନ୍‌ତରୀ ଦିଶିଲା । ସେ କହିଲା, ମୁଁ ମହିଳାମାନଂକ କଥା ବେଶି ଶୁଣିବି । ଆମେ କହିଲୁ, "ଦେଖ ଆଗିଆଁ, ଆମ କାଶୀପୁର୍ ବଲକ୍‌ରେ ଲୋକ ଟାକୁ, ଅନାବନା ଶାଗ ଖାଇ ମରି ଯାଉଚଂତି" । ମୁଇଁ କହିଲି, "ମହିଳା ମଂଡଳକୁ କାମ ଦେଇଦେ । ଆମକୁ ଆମ ଭାଗ ବଲକ୍‌ରେ ଦେଇଦେ" । ବହୁତ ଲୋକ କହିଲେ । ଆମ କାଶୀପୁର୍‌ର ଜଣେ ଅଂଡରା କହିଲା, "ଆଗିଆଁ, ମୋର୍ ମାଇକିନା, ପିଲା, ଟାକୁ ଖାଇ ପତର୍ ଖାଇ ମରିଗଲେ । ଆମକୁ ଖାଇବାକୁ ମିଳୁନି " । ପର୍‌ଧାନ୍‌ମନ୍‌ତରୀ କହିଲା, "ଏତେ କାମ ସବୁ କୁଆଡେ ଯାଉଚି ? କୋଉଠି ବାଟବଣା ହେଇଯାଉଚି ?" ଆମେ କହିଲୁ, ଏମ୍‌ତି ଏଠା ଛୋଟ ଅଫିସରଂକ ସାଥେ ଟେଲିଭିଜନ୍‌ରେ କଥା ହେଲେ ଆମର୍ କାମ ହୁଅଂତା । ଖାଲି ଦିନେ ପର୍‌ଧାନ୍‌ମନ୍‌ତରୀ ସାଥେ କହି ଆର୍ ଦିନକୁ ଭୁଲିଯିବାର୍ ହେବ । କର୍‌ବା, ବୋଲି ସେ କହିଲା ।

ୟା ପରର କଥା କହିବି କି ନ କହିବି । କହିଲେ ମଲି, ନକହିଲେ ମଲି । ତା'ର ନାଆଁ କହିବି ନାଇଁ । ସେ ଆମ ଗାଁର ଲୋକ ନାଇଁ । ଆମର୍ ନେତା ଜଣେ । ଆମେ ଯାକେ ଭୋଟ୍ ଦେଇ ବଡ ନେତା କରିଚୁ, ସେ ଜଣେ କଅଣ କଲା -

କେତେ ଟୋକାଂକୁ ଗୁଟେ ଟିଣ ମଦ ଖୁଆଇ ଆମ୍‌କୁ ଜୀବନରେ ମାର୍‌ବା ପାଇଁ ଚେଷ୍‌ଟା କଲେ । ଆମ ଜିଲାପାଳ ଥିଲା, ଏସ୍‌ଡିଓ ଥିଲା, ଏସ୍‌ପି ଥିଲା, ସର୍‌କୁଲ୍ ଥିଲା - ସମସ୍‌ତେ ଥିଲେ । ଆମକୁ ଗୁଟେ ଘରେ ନେଇ ଭର୍‌ତି କରିଦେଲେ - "ଏଠି ଥଅ,



Digitized by srujanika@gmail.com

ମା" । ଆମକୁ ଗୁଟେ ଦିନ କିଛି ଖାଇବାକୁ ବି ମିଲିଲା ନାଇଁ । ଇଠି ବଂଦ୍ ହେଇକ ରହିଯାଇଚୁ, କୁଆଡେ ଖାଇବାପାଇଁ ଯିବୁ ? ଇ ଟା ଭେଂଡିଆ ଭେଂଡିଆ ପଚାଶଟା ଷାଠିଏଟା ପିଲା, ହରିଜନ୍ ବୋଲି କି କଅଣ, ଆସି "ଆଜି ତମକୁ ଜୀବନ୍‌ରେ ମାରିଦବୁ ମାଉଁସ ଖଂଡ ଖଂଡ କରି କାଟିଦବୁ" ବୋଲି ଆମକୁ କହିଲେ । "ହୁଁ, ମାରିଦିଅ । ଦେ ପାଇଁ ତ, ରାଜ୍ୟ ପାଇଁ ତ । ଗୁଟେ ଗାଁ ପାଇଁ, ଗୁଟେ ଘର ପାଇଁ ନୁହେ ତ । ଦେଖ ଘରେ ମାର୍ ନାହିଁ, ଦାଂଡରେ ମାର" ବୋଲି ମୁଁ ଦାଂଡରେ ବୁଚ୍‌କରି ବାହାରି ପଡିଲି "ଆମେ କାହାର ଚୋରି ନାଇଁ କି ମାରି ନାଇଁ, କି କାହାର ଅନ୍ୟାୟ କରି ନାଇଁ" "କାଶୀପୁର୍‌ରେ ଏତେ ପଂଚାୟତ ଅଛି, ସେଥିରୁ କାହିଁକି କା ସାଥେ କଥାବାର୍‌ତା କଲ ନାଇଁ । ସୁମନୀ ଝୋଡିଆକୁ କାହିଁକି କଥାବାର୍‌ତା କଲା" କହିଲାକେ, ମୁଇଁ କହିଲି "ଟିକିଏ ଭାବରେ, ବାବୁମାନେ, ତୁମେ ସିନା ଛୋଟ ପିଲା, ଗୁଡି ଆସୁ କି କୁଲି ଆସୁ ଆମ ଅଂଚଳରେ ବଂଚ୍‌ବା । ମା, ତୁ କହିଦେ, ତୋର୍ ପାଟି ଟିକିଏ ଫିଟିଚି, ବୋଲି ତୁମେ ସିନା କହିବା କଥା । କାହିଁକି ମାର୍‌ବା ପାଇଁ ଚେଷ୍‌ଟା କରୁଚ?" ବୋଲି କୁହାକୁହି କ ଗାଁକୁ ପଲେଇଗଲି । ପଲେଇଗଲା ପରେ ଆଉ କିଏ ନାଇଁ ।

ସେ ଦିନ ସେ ମଦ ତବା ଦେଖି ମାର୍‌ବା ପାଇଁ ଚେଷ୍‌ଟା କରିଥିଲେ କେତେକାଳ ପରେ ମୁଇଁ ତାଂକୁ ଉତ୍‌ତର ଦେଲି - "ହଇରେ ବାବୁମାନେ, ଆମେ ଜନମ କରିଚୁ ତୁମ୍‌କୁ । ମା କୁ ମାର୍‌ବା ପାଇଁ ତୁମେ ଚେଷ୍‌ଟା କଲ ?" "ମା, ଲୋକର୍ ବୁଧି କ ଆମେ ସେଦିନ କଲୁ । ଆମେ ସେମ୍‌ତି କହୁଚୁ କି ? କେବେ କହିବାଟା ଦେଖିଥିଲୁ କି ? ଆମେ ଆମର୍ ନେତା ଗୁଟେ କହିଲା କଥା ଯଦି ନ ମାନିଲେ, କେମ୍‌ତି ହବ ବୋଲି ସେ ଦିନ ତମକୁ ଗଂଡଗୋଳ କଲୁ" ।

ଏମିତି ପର୍‌କାର ଚାଲିଚି । ଯାଇ ବୁଝାଇବାକୁ ପଡୁଚି ।

## ଖାଲି କାଶୀପୁର ଝୋଡିଆ ଆଦିବାସୀ ନୁହଁ?

ଆମେ ଝୋଡିଆ-ପରଜା । ଏବେ ଆମକୁ ଅଣ-ଆଦିବାସୀ କିଏ କଲା, ଜଣା ପଡୁନି । ବାର-ତେର ବରଷ୍ ତଳର କଥା । କାଶୀପୁରରେ ତିର୍‌ନାଥ ନାୟକ ତହସିଲ୍‌ଦାର ଥିଲା । ତା'ର ଆଗରୁ ଆମେ ସାଟ୍‌ଫିକଟ୍ ପାଉଥିଲୁ ଆଦିବାସୀ ବୋଲି -



Digitized by srujanika@gmail.com

ପାଠ ପଢିବା ପାଇଁ, ଅନିଅ ବିଷୟରେ ବି । ଆମର୍ କେତେ ପିଲା ପାଠ୍ ପଢ଼୍‌ବାପାଇଁ ସାଟ୍‌ଫିକଟ୍ ମାଗିଗଲେ ତା ପାଖକେ - ଆମେ ଆଶ୍ରମ୍‌ରେ ପାଠ୍ ପଢିଯିବୁ, ସାଟ୍‌ଫିକଟ୍ ଦିଅ - ବୋଇଲେ । ଗଲାରୁ, ନାଇଁ, ତମେ ଆଦିବାସୀ ନାଇଁ, ସାଟ୍‌ଫିକଟ୍ ଦେଇପାର୍‌ବୁ ନାଇଁ, ବୋଲି ତହସିଲ୍‌ଦାର୍ ମନା କଲା । ଆମେ କଲକ୍‌ଟରକୁ ଦାବି କଲୁ - ଆମେ ସାଟ୍‌ଫିକଟ୍ ମାଗିଗଲାରୁ ଦଉନାଇଁ, କେମ୍‌ତି କର୍‌ବୁ - ବୋଲି କହିଲୁ । ଗୋଟାଏ ଗାଲି କଲୁ, ତହସିଲ୍‌ଦାର୍ କାହିଁକି ଦଉନାଇଁ ବୋଲି । ଇ-ଟା କଲାରୁ ତହସିଲ୍‌ଦାର୍ କଲକ୍‌ଟର୍‌କୁ ଜଣେଇଲା, ମୁଖିଅମନ୍‌ତରୀ ବିଜୁ ପଟ୍‌ନାଏକକୁ ଜଣେଇଲା । ମୁଖିଅମନ୍‌ତରୀ ମତେ ଡକେଇଲା - ମୁଁ ସେତେବେଲକୁ ଆଡ୍‌ଭାଇଜର୍ ଥିଲି । ପଚାରିଲା । ମୁଇଁ, ଆମ୍‌କୁ କିମିତି ଓବିସିରେ ପକେଇଚଂତି, ସେ ସବୁ କଥା ନେଇକରି ଯାଇଥିଲି, ଦେଲି । ସେ ପଚାରିଲା, ସୁମନୀ, ତୁ ସତେ ଆଦିବାସୀ କି ? ମୁଇଁ କହିଲି, "ମୁଇଁ ଆଦିବାସୀ ନ ହେଇଥିଲେ, ମତେ କିମ୍‌ତି ଆଡ୍‌ଭାଇଜର୍ ରଖିଲୁ?" "ତୁଇ କିସ୍ କିସ୍ ଖାଉ, ମତେ କହ" ବୋଲି କହିଲାରୁ, "ମୁଇଁ ଖାଲି ମୋର ଖାଇବାଟା ନାଇଁ, ମୋର୍ ଜାତିର ଖାଇବାଟା କହୁଚି । ପୋଢ ଖାଉଚୁ, ଘୁଷୁରୀ ଖାଉଚୁ, ମୂଷା ଖାଉଚୁ, ସାପ ଖାଉଚୁ, ଗୁରୁଡି ଶାଗ ଖାଉଚୁ, ସେରେଂଗା ଶାଗ ଖାଉଚୁ, ମୁଂଡି କଂଦା ଖାଉଚୁ, କୁଲିଆ କଂଦା ଖାଉଚୁ । ଆଦିବାସୀ ନଥିଲେ ଏ ସବୁ ଖାଆଂତୁ କି ?" "ସତ କହୁଚୁ କି, ସୁମନୀ?" "ମୋ ଅଜାତ ଖାଇଚି, ଆଉ ମୁଇଁ କାହିଁକି ଖାଇବିନି ? ମୁଁ ପୋଢ ମାଉଁସ ଖାଇଲାପେଟରୁ ଜନମ୍ । ଆପଣ ଏମିତି ଅଣ-ଆଦିବାସୀରେ - ଓବିସିରେ - ପକାଇଚ ନାଇଁକି । ତମ ନାତି ନାତୁଣୀକି ଆମେ ଆମ ଆଦିବାସୀ ଘରେ ନିଶ୍‌ଚେ ଟାଣିକରି ନବୁ । ୟେ ଦାଂତରେ ଗୁଟେ ଘୁଷୁରୀ ଗୁଟେ ପୋଢ ମାର୍‌ବା । କିଏ ଖାଇବା, କିଏ ନଖାଇବା । ମୁଁ ନିଶ୍‌ଚେ ଖାଇବି, ପୁଟ୍‌କି ବି ଖାଇବି, ପୋଢ ବି ଖାଇବି" ବୋଲି କହିଲାରୁ ବିଜୁ ପଟ୍‌ନାଏକ ସର୍‌କାର୍‌କୁ ଲେଖିଲା । ଲେଖିଲାରୁ ସାଟ୍‌ଫିକଟ୍ ମଳୁଥିଲା ।

ଆମର ସମିତିର ଜଣେ ଝୋଡିଆଣୀ ଇଲେକ୍‌ଶନ୍‌ରେ ଠିଆ ହେବାପାଇଁ ସାଟ୍‌ଫିକଟ୍ ମାଗିଗଲା । ମିଳିଲାନି । ସାଂଗେ ସାଂଗେ ଗୁଟେ ମିଟିଂ କଲୁ । ପାଂଚହଜାର ଟଂକା ଧାର କରି ପଳେଇଲୁ ଭୁବନେଶର୍ । ଆମେ ଇଲେକ୍‌ଶନ୍‌ରେ କାହିଁକି ଭାଗ ନେବୁ ନାଇଁ, ସରପଂଚ, ଉଆଡ୍ ମେଂବର ପାଇଁ କାହିଁକି ଛିଡା ହବୁ ନାଇଁ - ଆମକୁ ସାଟ୍‌ଫିକଟ୍ ମିଳୁନାଇଁ ବୋଲି ଚିଫମିନିସ୍‌ଟର୍‌କୁ ଭେଟ୍‌ବା ପାଇଁ ଗଲୁ । ଭେଟି ପାର୍‌ଲୁ



Digitized by srujanika@gmail.com

ନାଇଁ । ଚିଫ୍ ସେକ୍ରେଟାରୀକୁ ମିଶିଲୁ । ଚିଫ୍‌ମିନିସ୍ଟର୍‌ର ସେକ୍ରେଟେରୀକୁ ମିଶିଲୁ । ବହୁତ ଲୋକକୁ ମିଶିଲୁ । ଇଲେକ୍‌ଶନ୍ କମିଶନର୍‌କୁ ମିଶିଲୁ । ସିଏ ଗୁଟାଏ ବହି ବାହାର କଲା । କହିଲା, ଏଠି ତୁମର୍ ତ ଅଛି । ତହସିଲ୍‌ଦାର୍ କାହିଁକି ଦଉନି ? ଏତେ ଉପରକୁ କାହିଁକି ଆସୁଚ ? ସେଟା କଲେକଟର୍ କର୍‌ବ, ତହସିଲ୍‌ଦାର୍ କର୍‌ବ । ବହୁତ କଥା ବୁଝି କରି ଆସିଲାପରେ ଭୋଟ୍ କମିଶନ୍ ପାଖରେ ଗଲୁ । ମୁଇଁ ଆର୍ କଳାଶ ମୁଦୁଲି ଗଲୁ । "ଆଗିଆଁ, ତହସିଲ୍‌ଦାର୍ ଭୋଟ୍ ରଦ୍ କରୁଚି । ଯଦି ରଦ୍ କରୁଚି ତେବେ ମତେ ଚଂଡାଳିନୀ ବୋଲି ଡାକ୍" । "କାହିଁକି, ମା ?" "କାହିଁକି ନାଇଁ, ଆଗିଆଁ, ଆମେ ନମିନେଶନ୍ ପାଇଁ ସାଟ୍‌ଫିକଟ୍ ମାଗିବାକେ ଗଲାବେଲକେ ତହସିଲ୍‌ଦାର୍ ଆମ୍‌କେ ଦେଲା ନାଇଁ, ତମେ ଆଦିବାସୀ ନୁହଁ ବୋଲି । ଆଗିଆଁ, ଆମର୍ ଟାଇଟଲ୍ ଝୋଡିଆ, ଆମର୍ ଜାତି ପରଜା । ଆପଣ ବାହ୍ମଣ ହେଇଥିବ - କିଏ ଦାସ, କିଏ ମିଶ୍ର, କିଏ ପଂଡା ଲେଖିଚ । ତୁମର୍ ଜାତି - ବାହ୍ମଣ ଜାତି - କୁଆଡେ ଗଲା ? ହରିଜନ୍ - କିଏ କସଲାବସିଆ, କିଏ ଆଖିବସିଆ - ଲେଖାଇଚ । ତୁମର ଜାତି ଆଉ କୁଆଡେ ଯିବ କି? ମୁଇଁ ସୁମନୀ ଝୋଡିଆ । ମୋର୍ ଟାଇଟଲ୍ ଝୋଡିଆ । ମୋର୍ ଜାତି ପରଜା । ମୋର୍ ଜାତି କୁଆଡେ ଯିବ କି"? " ଇ-ଭଳି ଘଟଣା ହେଇଚି କି, ମା?" "ହଁ, ଇ-ଭଳି ଘଟଣା ହେଇଚି । ଆମ କାଶୀପୁର ବଲକ୍‌ରେ ସତରଟା ପଂଚାୟତ, ପଂଚାଅଶୀଟା ଗାଁ । ପଂଚାଅଶୀଟା ଗାଁ ଭୋଟ୍ ନ ଦେଲେ ଭୋଟ୍ ହୋଇପାର୍‌ବ କି ? ଆମେ ଯାଉଚୁ । ଆମେ ଭୋଟ୍ ବଂଦ କରୁଚୁ ।" କହି ଟେର୍‌ନରେ ଆସିଲୁ । ଟ୍ରେକର ଭଡା କରି ଗାଁ ଗାଁ ବୁଲି ନମିନେଶନ୍ ବଂଦ କରିଦେଲୁ । ନେତାଂକ କଥାରେ ଯିଏ ନମିନେଶନ୍ ଦେଇଥିଲେ, ତାଂକ କାଗଜକୁ ନେତାମାନେ ଜେରକ୍‌ସ୍ କରିଦେଲେ । ଅରିଜିନାଲ୍ ରଖିଦେଇ ଜେରକ୍‌ସ୍‌ଟା ଲୋକଂକୁ ଫେରାଇଦେଲେ । ନମିନେଶନ୍ ବଲକ୍ ଅଫିସ୍‌ରେ କରିବା କଥା । ତହସିଲ୍ ଅଫିସ୍‌ରେ ଦିନସାରା ବସାଇଦେଲେ - ସଂଧ୍ୟା ହେଲେ ସରିଯିବ, ସମସ୍ତେ ପଲାଇଯିବେ । ଖାଲି ମୁଇଁ ଆଉ ଦି ଜଣ ମା ଥିଲୁ ବଲକ୍ ଅଫିସ୍‌ରେ, ଦଶଟାରୁ ଦିଟା ଅଧେ ପର୍‌ଯଂତ । କେଣେ ଗଲେ କେଣେ ଗଲେ ବୋଲି ଭାବୁଥାଉ । ଆମର୍ ଗୁଟେ ଦିଟା ପିଲା ଆସି କହିଲେ, ସମସ୍ତେ ତହସିଲ୍‌ଦାର୍ କୋର୍‌ଟରେ ଅଛଂତି । ଜଣକ ମଟର ସାଇକଲ୍‌ରେ ବସି ଗଲି । ଗଲାରୁ, ଆମକୁ ଜେରକ୍‌ସ୍ ଦେଇ ଅରିଜିନାଲ୍ ରଖିଦେଲେ । ଯଅ ବୋଲି କହିଲେ । ତା ଆରଦିନ କଲେକ୍‌ଟର୍ ମତେ ଆଉ ପଚିଶ ଜଣ ଆଦିବାସୀ



Digitized by srujanika@gmail.com

ଲୋକଂକୁ ଆଉ ବିଜେଡି, ବିଜେପି, କଂଗ୍ରେସ୍ ଆଉ ସ୍ୱାଧୀନ - ଚାରି ଦଳର ଲୋକଂକୁ ଡାକି ପଠେଇଲା । ଆମେ ଗଲୁ । ଗଲାରୁ କଲେକ୍ଟର୍ କହିଲା, "ସୁମନୀ, ମାନି ଯା, ଭୋଟ୍ କରିବା । ନ ହେଲେ, ମୋର୍ ଚାକରି ପଲେଇଯିବ । ନ କର୍‌ବୁ ବୋଇଲେ ମୁଁ ଚାକରିରେ ରହି ପାର୍‌ବି ନାଇଁ ।" ସେ କଲେକ୍ଟର୍ ଯାହାହେଲେ ଆମ କଥା ମାନୁଥିଲା । କଲେକ୍ଟର୍ କାଂଦି ପକେଇଲା, ମୁଇଁ କାଂଦି ପକେଇଲି । "ମୁଁ ତମ କାମ କରିବି " ବୋଲି କହିଲାରୁ ଆମେ ମାନିଗଲୁ । ଭୋଟ୍ ହେଲା ।

ଆମେ କାଶୀପୁରରେ ଗୁଟେ ରାଲି କଲୁ । ସାତ୍ ହଜାର୍ ଲୋକ ହେଲେ । ସେଥିପାଇଁ ସତରଟା ପଂଚାୟତରେ ଆମେ ଦଶଦିନ୍ ବୁଲିଚୁ - ମଟର୍ ସାଇକଲ୍‌ରେ । ତେଣେ, ସେ କଲେକ୍ଟରକୁ ବଦଳାଇ ଦେଲେ - ସେ ଥିଲେ କରିଦେଇ ଥାଆଂତା । ଆମେ ଜାତିପାଇଁ ମହାକଷ୍ଟ ପାଇଚୁ । ନ ହେଲେ ଆମେ ମରିଯିବୁ ।

ଆମ ଆଦିବାସୀ କାମ୍ ପାଇଁ ଘର୍ ପିଛା ପଚିଶ ଟଂକା ଚାଂଦା କଲୁ - ଖରଚ୍ ପାଇଁ । ପାର୍‌ଲିଆମେଂଟ୍‌ରେ ଚାଲିଥିଲା ଏ କଥା । ସେଥିପାଇଁ ଦିଲ୍ଲୀ ଗଲୁ । ଅଗଷ୍ଟ ବାର୍‌ରେ ବାହାରି ଚଉଦ୍‌ରେ ପହଂଚିଲୁ । ଜୁଏଲ ମଂତ୍ରୀ ପାଖକୁ ଗଲୁ । ଇ-ଟିଭି ବାଲା ବି ଆସିଲେ । ଆମେ ତାକୁ କହିଲୁ, ଆମେ କାଶୀପୁର୍‌ର ଝୋଡିଆ-ପରଜା । କାଶୀପୁର୍‌ର ଚାରିପଟେ - ଲଖୀମ୍‌ପୁର, କୋରାପୁଟ, କଳାହାଂଡି, ସିଂପୁରରେ ସବୁ ଝୋଡିଆ ଆଦିବାସୀ । ଆମେ କାଶୀପୁର୍‌ର ଝୋଡିଆ କିଆଁ ଆଦିବାସୀ ନୁହଁ ? ସେ ଆତର ଆଦିବାସୀଂକଠାରୁ ଆମେ ଝିଅ ଆଣୁଚୁ, ଝିଅ ଦଉଚୁ । ତେବେ କିଆଁ ନୁହଁ ? ଏବେ ତେରଟା ଜାତି ଆଦିବାସୀ ତାଲିକାରେ ଲଗାହେଲେ, କାଶୀପୁରର ଝୋଡିଆଂକୁ କିଆଁ ନାଇଁ ? ଏଟା ଗୁଟେ କି କଥା ?" ଜୁଏଲ୍ ମଂତ୍ରୀ କହିଲା, "ହଁ, ମୁ କରିବି । ମୋର ଓରାମ୍ ବି ଆଦିବାସୀ । ମୁଁ ତମ କାମ ନିଶ୍ଚେ କରିବି " । ପରଶୁରାମ୍ ମାଝି ସାଂଗରେ ମିଶିଲୁ - କିଏ ହେଲେ ଆମ କଥା ପାର୍‌ଲିଆମେଂଟ୍‌ରେ ପକାଇବେ । କେଂଦୁଝରର ଅନଂତ ନାଏକଂକୁ ମିଶିଲୁ । କଳାହାଂଡିର ବିକ୍ରମ କେଶରୀ ଦେଓକୁ ମିଶିଲୁ । ସିଏ କହିଲା, ପର୍‌ଧାନ୍‌ମଂତ୍ରୀଂକୁ ମିଶିବା ଦରକାର । ହେଲେ, ପାର୍‌ଲିଆମେଂଟ ଚାଲୁଥିବାରୁ ମିଶି ପାରିଲୁ ନାହିଁ ।

ବିକ୍ରମ କେଶରୀ ଦେଓ ଆଡ୍‌ୱାନୀକୁ ମୁଁ ମିଶେଇବି ବୋଇଲା । ସଂଧିଆ ସାତ୍‌ଟାରେ ଆସ, ବୋଇଲା । ଆମେ ସଂଧିଆ ସାତ୍‌ଟାରେ ଗଲୁ । ସିଆଡେ ଦିଟା



Digitized by srujanika@gmail.com

ଗାଡିରେ ଆମେରିକା କି ପାକିସ୍ତାନର ଲୋକ ଆସିଲେ । ସେମାନଂକୁ ତ ଅର୍ଡର୍ କିଛି ଲୋଡା ନାଇଁ - ସିଧା ପଶିଗଲେ । ଆମର୍ ଅର୍ଡର୍ ଦରକାର୍, ସିଲିପ୍ ଦରକାର୍, ଦଶଥର ଗୁଟେ ଅଫିସର୍ ଯିବା ଦରକାର । ଏ ସବୁ ହେଇ ଆମର୍ ସିଲିପ୍ ଯାଉଁ ଯାଉଁ ସେମାନେ ପହଁଚିଗଲେ । ଆମେ ଯାଇପାରିଲୁ ନାଇଁ । ବିକ୍ରମ କେଶରୀ ଦେଓ କହିଲା, ହେଲା, ହେଲା, କାଲି ଦଶଟାରେ ମିଶିବା । ଆମର୍ ତ ସାତ୍‌ଟାରେ ଟେରନ୍‌ରେ ଯିବାର୍ କଥା । ଟିକଟ କରିଛୁ । ଟେରନ୍ ଫେଲ୍ ହେଇଗଲେ ଭାରି ଅସୁବିଧା । "ଆପଣ ବୁଝିକରି କହିବ ସିନା, ଆପଣଂକ ହାତର ଦୟାର କଥା । ଆପଣଂକୁ ଧନିଅବାଦ୍ ଦଉଚୁ । ଆମେ ଯିବୁ" ବୋଲି କହି ପଳେଇଅଇଲୁ ।

ଜୁଏଲ ଓରାମ୍ ମଂତ୍ରୀ କହିଥିଲା, ଛଅ ମାସ୍ ଲାଗିବ । ଏବକୁ ଠିକ୍ ଛଅ ମାସ୍ ହେଲା । ଅର୍ଡର୍ ଆସୁଚି କି ନାଇଁ ଆମକୁ କିଛି ଜଣା ପଡୁନାଇଁ । ମୁଖିଅମନ୍ତ୍ରୀ ନବୀନ ପଟ୍ନାଏକ ତ ମୋ ହାତରେ ନାଇଁ ବୋଲି କହିଲା । ମୁଁ ଲେଖିକରି ଦିଲ୍ଲୀ ସରକାରକୁ ପଠାଇଦେଲି ବୋଲି କହିଲା ।

ଏବେ ବି ହେଲାନି । ମତେ ସେ କଥା ମନେ ପଡିଲେ ରକ୍ତ ଗରମ୍ ହେଇ ଯାଉଚି । ଏଟା କିମ୍ତେ କରିବୁ, ବହୁତ ମତେ ଚିଂତା । ଆମେ ଚାକରି କର୍‌ବା ପାଇଁ ଚେଷ୍ଟା କର୍‌ଚୁ କି ? ଆମର୍ ପିଲାମାନେ ପାଠ୍ ଟିକିଏ ପଢ଼୍‌ବେ, ବୁଧି ଟିକିଏ ଆସ୍‌ବ, ସାହସ୍ ଟିକିଏ ଆସ୍‌ବ । ଏବେ ଗାଁ ଇସ୍‌କୁଲ୍‌ରେ ପଢୁଚଂତି, ମାଟ୍ରିକ୍ ପଢ଼୍‌ବା ପାଇଁ ଯିବେ, ମାଟ୍ରିକ୍ ପାଶ୍ ହେଲେ କଲେଜ ପଢ଼୍‌ବା ପାଇଁ ଯିବେ । ଏତେ ନ ଯାଇ ପାର୍‌ଲେ ବି ଛଅ କିଲାସ୍, ସାତ୍ କିଲାସ୍ ଯାଏ ପଢ଼୍‌ଲେ ଗୁଟାଏ ବହି ପଢି ପାରୁଥିବ, କାଗଜ ପଢି ପାରୁଥିବ - ସିଟା ତ ଆମ୍‌କୁ ଦରକାର୍ । ସେଥିପାଇଁ ସାଟ୍‌ଫିକଟ୍ ନ ଦେଲେ, ଆଶ୍ରମ୍‌ରେ ପିଲେ ନ ପଢ଼୍‌ଲେ, ବହୁତ ଅସୁବିଧାର କଥା ନୁହଁ ?

## ମୋ ଜୀବନରେ କଅଣ ହେଲା -

## ଆମ ଜୀବନ କଅଣ ହେବ

ଅଗର୍‌ଗାମୀ କାମରେ ମୋର ବହୁତ ବେଳ ଯାଉଚି । ଘର୍ କାମକୁ ବେଳ କମ୍ । ଶାଶୂ ସେତେବେଳେ ସାହାଯ୍ୟ ହଉଥିଲେ । ପରେ ଝିଅମାନେ ବଡ୍ ହେଲାରୁ



Digitized by srujanika@gmail.com

ରଂଧା, ବାସନ ସବୁ କାମ କରଂତି । ଏବେ ସେମାନେ ବାହା ହେଇ ଅଲଗା ଘରେ ରହୁଚଂତି । ମୁଇଁ ନଥିଲେ ଗୋବିଂଦ ନିଜ ରଂଧା କରେ । ଝିଅମାନେ ଆର୍ ତାଂକ ଝିଅମାନେ ଆସି ବାସନ୍ ମାଢ଼୍‌ବା, ଘର ଝାଡ଼୍‌ବା କାମ କରି ଦିଅଂତି ।

ଆମ ଘରର ଚାଷବାସ ଗୋବିଂଦ ବୁଝେ । ଗଉଡ ଘରର ଜମି ଭାଗ୍‌ରେ ଧରିଚୁ । ତାକୁ ଛଅ ପୁଟି ଦେଉ, ଆମର୍ ଛଅ ପୁଟି, ତିନି ଘର - ଦିଅରମାନେ ଓ ଆମେ - ସମାନ ଭାଗ କରି ନେଉ ।

ଧାନ ଛଅ ମାସ୍ ପାଇଁ ଅଁଟୁନି । ବାକି ପାଇଁ ଗାଁରୁ ଫେଂଠିରୁ ଧାର୍ ଆଣୁ, ସୁଝୁ । ମୋର ଅଲ୍ପ ରୋଜଗାର, ବାକି ମଜୁରି । ଆଗରୁ ମୋର ଗାଁ ଗାଁ ବୁଲିବାରେ ଗୋବିଂଦ କେବେ ନାହିଁ କଲାନି । ଏବେ ଖାଲି ବେଶି ଦିନ୍ ବାହାରେ ରହିଗଲେ କହେ, ଏତେ ଦିନ୍ ଗଲେ ଘର୍ କେମ୍‌ତି ଚଲିବ? ଗୋବିଂଦ ସାହାଯ୍ୟ ନ କରିଥିଲେ ମୁଇଁ ଏତେ କାମ କରିପାରି ନଥାଂତି ।

ମୋର ଏ କାମକୁ ଆୟା-ବୁଅାଂକ ମନରେ କଣ ଆସିଲା ? ବୁଆ କିଛି କହିନି । ତାକୁ ଭଲ୍ ଲାଗୁଥିଲା । ଲୋକ୍ କହଂତି, ବାପ୍ ଯିମ୍‌ତି ଲୋକ୍‌ପାଇଁ କାମ୍ କରୁଥିଲା, ଝିଅ ସେମ୍‌ତି କରୁଚେ । ଆଗର୍ ମା-ମାନେ କିଛି ଜାଣୁଥିଲେ କି ? କିଛି ନାଇଁ । ଶାଶୁ ବୁଢୀ ବି କିଛି ନାଇଁ - ତେଣୁ ମୋ କାମ ତାକୁ ଭଲ୍ ଲାଗୁଥିବ । ବେଳେବେଳେ କହେ, କୁଆଡେ ସବୁ ଯାଉଚୁ, କିଏ ମାରିଦେବ, ପିଲାଂକର କଅଣ ହେବ ? - ଏ ଚିଂତା । ମୁଇଁ ବୁଝାଇ ଦିଏ - ଇଂଦିରା ଗାଂଧୀ, ରାଜୀବ ଗାଂଧୀ କିଏ ମାରିଦେଲେ । ହେଲେ ଦେଶ ଚାଲୁଚି । ଆମ ଘର ସିମ୍‌ତି ଚାଲିବ । ଇ-ଭଳିଆ କାମରେ ମରିଗଲେ ଆଉ କିଛି ଚିଂତା ନାଇଁ - ବୋଲି ତାକୁ କହେ । ମୁଇଁ ଇମ୍‌ତି କହିଲେ, ଉଠି ପଳେଇଯିବ ।

ଗୋବିଂଦର ମୋର ବିଚାର ଏ ସବୁ ବିଷୟରେ ଏକା । ଯାହାର ଯାହା ମନ୍‌କେ ଆସିଲା ସେଥିରେ ସେ ରାଜି, ନାହିଁ ଚର୍ ନାହିଁ ବୋଲ୍‌କେ କହିବା । ପିଲାର ପାଠ୍ ପଢେଇବା ଭାରି ଖରଚ୍ । ସେଥିପାଇଁ ଲୋକ୍ ପଢାଇପାରୁ ନାହାଂତି । ଆମେ ଗାଁ ମାନଂକରେ ପିଲାଂକୁ ଇସ୍‌କୁଲ୍‌କୁ ପଠେଇବାକୁ କହିଲେ, ଲୋକ୍ କହିବେ, ତୋର୍ ଝିଅକୁ ପଢେଇଲୁ କି ? ମୁଇଁ କହେ, ତାଂକ ପାଇଁ ଇସ୍‌କୁଲ୍ ନଥିଲା, ପଠେଇବି କେଣେ ?

ଆମ ଝିଅମାନଂକ ବାହାଘର ଆମେ ଏକା ଥିର କଲୁ । ଏବେ ପୁଅ ଝିଅମାନେ



Digitized by srujanika@gmail.com

ତାଂକ ମନ୍‌କୁ ସ୍ଥିର କରି ବାହା ହଉଚନ୍ । ଆଗେ ଆୟା-ବୁଆମାନେ ପୁଅଘରଠାରୁ ଗୁଟେ ବୋତଲ୍ ମଦ ପାଇଲେ, ପିଇ, ଜବରଦସ୍ତ କରି ଝିଅକୁ ଦେଉଥିଲେ । ବଂଧୁଘର ଦେଖି ଦେଉଥିଲେ । ଆମେ ଧନ୍‌କୁ ଦେଖି ଝିଅ ଦଉନୁ । ପୁଅ କାମ୍‌କୁ କିମ୍‌ତି ଅଛି, ଦେଖି ଝିଅ ଦଉଚୁ ।

ଝିଅ ବାହାଘରେ ଆୟା-ବୁଆଂକୁ ପୁଅଆଡୁ ଟଂକା ମିଳେ । ହେଲେ ବହୁତ୍ ଖରଚ୍ ବି ଅଛି - ଖାଇବା ଖରଚ୍, ଝିଅକୁ ଶାଢୀ, ପୁଅକୁ ଖଦି । ବୋକା ମାରିବା, ଖିରି କରି ଖୁଆଇବା, ଏ ସବୁର ଖରଚ୍ ଅଛି । ସେମାନେ ଖାଲି ମଦ ଆଣି ଦେବେ ।

ମୋ ଜୀବନ କଅଣ ଲାଗିଲା, କଅଣ ହବ ? ମତେ ହେଲେ ଲୋକଂକ ପାଇଁ କାମ କରିବାପାଇଁ ଇଛା ଲାଗୁଚି । ଲୋକ୍ କିମ୍‌ତି ଭଲ୍‌ରେ ରହିବେ, ଲୋକ୍ କିମ୍‌ତି ମଣିଷ ହେବେ, ସିଟା ମୋର ଜୀବନର ଇଛା ।

ଆମେ କରୁଥିବା କାମରେ ଲୋକଂକର ଉପକାର ହଉଚି । ଆଗେ ଆମେ ଛୋଟବଡ ଅଫିସରଂକୁ ଡରୁଥିଲୁ । କିଛି ଜାଣୁ ନଥିଲୁ । ଏବେ ଯାଇ ବିଡିଓ ସାଥିରେ କଥା ହଉଚୁ । ମାଷ୍ଟର୍ ଆସୁ ନଥିଲେ ତାକୁ କହୁଚୁ । ଦିଦି ପିଲାଂକୁ ଖାଦିଅ ନ ଦେଉଥିଲେ, କହୁଚୁ । ସବୁ କଥାରେ ଯାଇ ଡାକେ ପଚାରି ପାରୁଚନ୍ ।

ଏ ସବୁ କାମ୍ - ରାସ୍ତା, ବଂଧ, ଇସ୍‌କୁଲ୍ ତିଆରି - ଏ କାମ ସରିଯିବ, ସବୁଦିନ ତ ଲାଗି ନ ଥିବ । ହେଲେ, ଝାଡୁ କାମ ସବୁ ଦିନକୁ ଥିବ । ଆମ ଗାଁର ପଇଁଚାଳିଶ ଘର ଏ କାମରେ ଲାଗଂତି । ଖାଲି ମା-ମାନେ ନାଇଁ, ଅଂଡରାମାନେ ବି ଲାଗଂତି । ଦିନର କାମ୍ କରି ରାତିରେ ଝାଡୁ ବାଂଧିବା କାମ୍‌ରେ ଲାଗି ଯାଆଂତି । ଜଂଗଲ୍‌ରୁ ମା, ବାପ ସମସ୍ତେ ଝାଡୁ ଯୋଗାଡ କରଂତି । ଆମ ଗାଁ ପାଖରେ ଜଂଗଲ୍ ନାଇଁ । ଦୂରରୁ ଆଣୁ । ସେଥିପାଇଁ ସକାଲ ଛଅଟାରେ ବାହାରି ସଂଧ୍ୟା ଛଅଟାରେ ଫେରୁ । ଝାଡୁ ଯୋଗାଡକରି ଆଣିଲେ ଆମ ସଂଗଠନ ଆଗେ ତିନି ଟଂକାରେ ନଉଥିଲା, ଏବେ ବଢି ବଢି ଦଶ ଟଂକା କେଜି ହେଲାଣି । ତାର୍ ପରେ ବାଂଧିବାର କାମ । ଏବେ ଏ କାମରେ ବହୁତ ଲାଭ ।

ତା ବାଦ୍ ଡାଲି ତିଆରି କାମ - କାଂଗୁଲ ଆଣି ସେଥିରୁ ଡାଲି କରିବା କାମ ।



Digitized by srujanika@gmail.com

ସେଥିପାଇଁ ଆଇଟିଡିସି ଗୋଟା ଯନ୍ତ୍ର ଦେଇଚି । ଆମେ ତାଲି କରି ତାକୁ ଦେଲେ ଆମକୁ ସେ ବାବଦ୍ ପଇସା ମିଳେ ।

ଆଉ ଗୁଟେ କାମ ହେଲା ଲୁଗା ଦୋକାନ ।

ଲୋକସଂଖିଆ ବଢ଼ିଲେ, ଗାଁ ଛାଡ଼ି ଲୋକ ଯାଇ ଆଉ ଗାଁ ବସଉଚଂତି । ଜମି କିଣଂତି । ହେଲେ, ଜମି ମିଳୁନି । କାଶୀପୁର୍‌ର ଜଣେ ଲୋକର ହଜାର ଏକର ଜମି । ସବୁ ହେଲେ ନିଜ ନାଆଁରେ ନାଇଁ । ସେ ଟଂକା ଦେଇ ତା ପାଖର୍ କାମ କରୁଥିବା ହରିଜନ୍, କଂଧ ନାଆଁରେ ଜମି କିଣିଚି । ସେମାନେ ଓଲଟିବାର ନାଇଁ । ସେମାନଂକୁ ଶହେ, ଦେଢ଼ଶହ ଟଂକା ମଦ ପିଇବାକୁ ଦେଲେ, ହେଲା । କିଏ କଅଣ୍ କରିବ ?

ଆଗର୍ ଜିଲାପାଳ ଆଦିବାସୀର୍ ଜମି ତାକୁ ଦେବାକୁ ଚେଷ୍ଟା କରୁଥିଲା । ତା'ର ବଦଳି ହେଲା । ଏବର୍ ଜିଲାପାଳ ଜମିବାଲାକୁ ସପୋଟ୍ କରୁଚି ।

ଆମ ଆଦିବାସୀଂକ ଭିତରେ ଲୁଣ ଲଂକା ପାଇଁ ପଇସା ନଥିଲେ ଉଧାର ମାଗିକରି ଆଣିଚୁଏ । ଖାଇବାକୁ ଧାନ୍, ମାଂଡ଼ିଆ ନଥିଲେ, କପଡ଼ା ନଥିଲେ ବଡ଼ କଷ୍ଟ । ମୋ ପିଲାଦିନେ ଏମ୍ତି କଷ୍ଟ ଦେଖିଚି । ପାଇନି । ମୋ ଆୟା-ବୁଆ ଘରେ, ମୋ ନିଜ ଘରେ ସେମ୍ତି କଷ୍ଟ ପାଇନି ।

ଖାଲି ଏବେ ଭାରି ମନ୍ କଷ୍ଟ ହେଲା ଗୁଟେ କଥାରୁ । ଆମ କାଶୀପୁର ଆଡର ଜଣେ ନେତା ତିନ୍‌ଟା ଝିଅଂକୁ ପାଂଚ-ପାଂଚ ହଜାର କରି ଟଂକା ଦେଲା । ସେମାନେ କହିଲେ, ଏ ଅଗର୍‌ଗାମୀର ଅଚ୍ୟୁତ ଦାସ୍ ଆର୍ ଆଉ ଜଣେ ଆମ ସଂଗରେ ଜବର୍‌ଦସ୍ତିରେ ସଂବଂଧ ରଖିଲେ । ଆମର ଚାରି-ପାଂଚ ହଜାର ଆଦିବାସୀ ଅଗର୍‌ଗାମୀ ଆଗରେ ଜମା ହେଇ ପାଟିତୁଂଡ କଲେ । ପୁଲିସ୍ ଆସି ମତେ ଷ୍ଟେଟ୍‌ମେଂଟ୍ ମାଗିଲା । ମୁଁ ଯାହା ଜାଣିଥିଲି କହିଲି - ଏ ସବୁ ମିଛ ବୋଲି । ଆମମାନଂକ କଥା ଶୁଣି ସେ ଚାରି ପାଂଚ ହଜାର ଲୋକ ସେ ନେତା ଉପରେ ରାଗି ନିଆଁ ହେଲେ । ହେଲେ, ଏଭଳି ଲୋକ ବିଷୟରେ ଏଭଳି କଥାରେ ମୋ ମନରେ ଭାରି କଷ୍ଟ ହେଲା ।

ଆମ ଗାଁରେ ମୋ ବିହାଘର ମୋଠୁଁ କମ୍ ବରଷ୍‌ର ମା-ମାନେ ବାହାରିଲେଣି । ମୋ ଭାଇର ବୋହୂମାନେ, ଭଣଜାର ମାଇକିନିଆମାନେ - ସେ କେତେଟା



Digitized by srujanika@gmail.com

ବାହାରିଲେଣି । ତିନି-ଚାରିଟା ବାହାରିଲେଣି । ଖାଲି ଦସ୍ତଖତ୍ କରି ପାରୁଚନ୍ । ଯୁଆଡେ ମିଟିଂ ହେଲେ ଯିବେ । ଆମ ଗାଁର ବୋହୁଟିଏ - ମୋଠାରୁ ଢେର୍ ବେଶି ଚା'ର । ସବୁ ଗାଁରେ ବାହାରିଲେଣି । ଆମ କାଶିପୁର ବ୍ଲକ୍‌ରେ ଦଶ-ପଂଦରଟା ବାହାରିଲେଣି । ହାତିଗୁଡ଼ା ପଂଚାୟତରେ ମୁକ୍ତା ମା, କୋଡ଼ିପାରି ପଂଚାୟତରେ ଘାସେନ୍ ଅଛି । ସୁଂଗେଲ ପଂଚାୟତରେ କାରମୁଁ ଦେଇ, କମଲା, ବାନଂଗ, ବାମୀ, ମାମୀ, ମନୁଷ୍ ପଂଚାୟତର କମଲା - ବହୁତ ମା ବାହାରିଲେଣି । ମାଂଡ଼ିବିଶି ପଂଚାୟତରେ ଗୁଁଜୁଲି, ଲାକାଇ, ଶୁକ୍ରୀ, କୁଚେଇ ବାହରିଲେଣି । ସେମିତି ଦେଖିଲେ କୋଡ଼ିଏ ପଚିଶ ଜଣ ହୋଇଯିବେ, ହିସାବ କରି ହେବନାଇଁ । ସେମାନଂକ ଯୋଗୁଁ ସାହସ ଆସୁଚି, ଏକା କିଛି କରି ହେବ ନାହିଁ । ମା ମାନେ ମୋ ପଛକୁ ଅଛଂତି ବୋଲି ମୋକେ ସାହସ ଆସୁଛେ । ଆମ ସଂଗଠନ ଦ୍ୱାରା ଏତେ କାମ କଲିଣି । ଏବେ ଆମର ପିଲାମାନେ ପାଠ୍ ପଢ଼ୁଚେନ୍ । ମୋର୍ ଭଳିଆ କାମ କରି ପାରିବେକ୍ ନାଇଁ, ମୁଇଁ ତାଂକେ ଶିଖାଇ ପାରିବେକେ ନାଇଁ, - ବୋଲି ଚେଷ୍ଟା କରୁଛେ । ସେଟା ସେ ପିଲାମାନେ ବି ଭାବୁଚେନ୍ - ତୁଇ କିଛି ପାଠ୍‌ସାଠ୍ ନ ପଢ଼ି ଏତେ କାମ କଲୁନି !

ଆମ ଗାଁର ପିଲାମାନେ ଆଗେ କିଛି ପାଠ୍‌ସାଠ୍ ପଢ଼ି ନଥିଲେ । ଏବେ ଆମ ଗାଁର ବାଇଶଟା ପିଲା କାଶୀପୁରକୁ ପାଠପଢ଼ି ଯାଉଚନ୍ । ଝିଅ ପିଲା ଆଠଟା ଯାଉଚନ୍ । ଆମକେ ତୋର କଥା ଶିଖାଇ ଦେ, ଆମେ ସିନା ପାଠ୍ ପଢୁଚୁ, ଆମର ବୁଧି ନାଇଁ, ତୋର ବୁଧି ଦେ, ବୋଲି କହିଲାରୁ ବହୁତ ଖୁସି ଲାଗୁଚି । ଆମ ଗାଁର ପିଲେ ପାଠ୍‌ପଢ଼ି ଯାଉଚନ୍, ତୁମେ ତାଂକ ଦେଖା ଦେଖି ଟିକିଏ ହେଲେ ମଣିଷ ହୁଅ ବୋଲି ଅନ୍ୟ ଗାଁକୁ ଯାଇକରି ବୁଝାଉଚି । ମୁଁ ମରିଗଲା ବେଳ୍‌କୁ ଆମ ଅଂଚଳର ବହୁତ ପିଲା କାମ୍ କର୍‌ବା ପାଇଁ ବାହାରିବେଇ ।

ଆମ ରାୟଗଡ଼ା ବ୍ଲକ୍ ବୋଲି ନୁହେଁ କି ରାୟଗଡ଼ା ଜିଲ୍ଲା ବୋଲି ନାଇଁ କି ଓଡ଼ିଶା ନାଇଁ, ବାହାର ଦେଶର ଲୋକ ପଇସା ଖର୍ଚ କରି ମୋର ନିଜ ଘରକୁ ମୋକେ ଦେଖିବା ପାଇଁ ଆସୁଚନ୍ । ସୁମନୀ ମା କେମ୍‌ତି ଟିକେ ଦେଖ୍‌ବା, କଥା ହେବା, ସେ କିମ୍‌ତି ଏତେ ଉପରକୁ ଉଠିଲା, ପର୍‌ଧାନ୍‌ମନ୍‌ତରୀ ପାଖରେ ଗଲା, ଆମେ ଆଇ.ଏ., ବି.ଏ. ପଢ଼ି ପର୍‌ଧାନ୍‌ମନ୍‌ତରୀ ପାଖେ ଯାଇ ପାରୁନାଏ, ମୁଖିଅମନ୍‌ତରୀ ପାଖେ ଯାଇ ପାରୁନାଏ, ବୋଲି ସେମାନେ ଦେଖି ଆସିବାର ଦେଖି ମୋକେ ବହୁତ ଖୁସି ଲାଗୁଛେ ।



Digitized by srujanika@gmail.com

ମୁଇଁ ଗୁଟେ ଆଦିବାସୀ ଝିଅକୁ ଏତେ ଲୋକ ଦେଖିବାପାଇଁ ଆସୁଚନ୍ !

ମୁଇଁ ଆଦିବାସୀ ଝିଅ ଗୁଟେ ଏତେ ଉପରକୁ ଉଠିଲି କାହା ଯୋଗୁରୁ ? ଗୁଟେ ଅଗ୍‌ରଗାମୀର ବଡ଼ ଆଗିଆଁ (ଅଚ୍ୟୁତ ଦାସ) ଯୋଗୁରୁ । ଅଗ୍‌ରଗାମୀ ନଥିଲେ ମତେ କିଏ ଏତେ ଶିଖିଆ ଦେଇଥାଂତେ ନାଇଁ କି କିଏ ଜାଣିଥାଂତେ ନାଇଁ କି ମୁଇଁ କାହାରି ସାଂଗରେ ପହଂଚି ପାରିଥାଂତି ନାଇଁ । ବଡ଼ ଆଗିଆଁ ମତେ ଟେର୍‌ନିଂ ଦେଇକରି ରଖିଚି । ମୋର ଆୟା-ବୁଆ ମୋତେ ଜନମ୍ ଦେଲେ, ଅଗ୍‌ରଗାମୀର ବଡ଼ଆଗିଆଁ ମୋତେ ଏତେ ବୁଧି ଗିଆନ୍ ଦେଲା । ସେ ଦେଲାରୁ ତାକୁ ବହୁତ ଧନିଅବାଦ୍ ।

*************



Digitized by srujanika@gmail.com